

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୦ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 10 September 2024

Vol.No. 35 ■ No.243 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଭାରତରେ ମଙ୍କିପକ୍ସ ସନ୍ଦିଗ୍ଧ ଆକ୍ରାନ୍ତ ଚିହ୍ନଟ: ସବୁ ପ୍ରବେଶ ପଥରେ ଆଲର୍ଟ




ନୂଆଦିଲ୍ଲୀ, ୯/୯ : ଭାରତରେ ପ୍ରବେଶ କରିଛି ମଙ୍କିପକ୍ସ ଭୂତାଣୁ। ଜଣେ ଯୁବକ ଏହି ଭୂତାଣୁରେ ସଂକ୍ରମିତ ହୋଇଛନ୍ତି। ଯୁବକ ଜଣଙ୍କ ମଙ୍କିପକ୍ସ ଚିହ୍ନଟ ହୋଇଥିବା ପଶ୍ଚିମ ଆଫ୍ରିକା ଦେଶରୁ ଆସିଥିଲେ। ସେ ମଙ୍କିପକ୍ସରେ ଆକ୍ରାନ୍ତ ଥିବା ପୂର୍ବରୁ ସନ୍ଦେହ କରାଯାଉଥିଲା। ତାଙ୍କୁ ଏକାନ୍ତବାସରେ ରଖାଯିବା ସହ ତାଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ଏବେ ତାଙ୍କ ରିପୋର୍ଟ ପଜିଟିଭ ଆସିଛି। ଏବେ ତାଙ୍କ ଅବସ୍ଥା ସ୍ଥିର ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଘୋଷଣା କରିଥିବା ମାରାତ୍ମକ କ୍ଲେଡ ୧ରେ ଯୁବକ ଜଣଙ୍କ ଆକ୍ରାନ୍ତ ହୋଇନାହାନ୍ତି। ସେ କ୍ଲେଡ ୨ ଜନିତ ମଙ୍କିପକ୍ସ ଷ୍ଟ୍ରେନରେ ସଂକ୍ରମିତ ହୋଇଛନ୍ତି। ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ସନ୍ଦିଗ୍ଧ ଯୁବକ ମଙ୍କିପକ୍ସମଙ୍କିପକ୍ସରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ଶରୀରରୁ କ୍ଲେଡ ୨ ଭାଇରସ ଠାବ ହୋଇଛି। ୨୦୨୨ ଜୁଲାଇରୁ ଭାରତରେ ଏହି ଭାଇରସ ୩୦ ଜଣଙ୍କ ଶରୀରରେ ମଧ୍ୟ ଠାବ ହୋଇଥିଲା। ତେଣୁ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ସରକାର କହିଛନ୍ତି। ଅଗଷ୍ଟ ୧୪ରେ ମଙ୍କିପକ୍ସକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେଲଥ ଏମର୍ଜେନ୍ସି ଘୋଷଣା କରିଥିଲେ। ପାଖାପାଖି ୧୭ଟି ଦେଶକୁ ମଙ୍କିପକ୍ସ ବିସ୍ତାର କରିସାରିଛି। କିନ୍ତୁ ଜୁଲାଇରେ ନୂଆ ଭାରିଆଣ୍ଟ କ୍ଲେଡ ୧ବି' ଚିହ୍ନଟ ହେବା ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ହେଲଥ ଏମର୍ଜେନ୍ସି ରୂପେ ଘୋଷଣା କରିଛି। ରିପୋର୍ଟ ଅନୁସାରେ, ବୁରୁଣ୍ଡି, କେନିଆ, ରୁୱାଣ୍ଡା ଏବଂ ଉଗାଣ୍ଡାରେ ମଙ୍କିପକ୍ସର ନୂଆ ଷ୍ଟ୍ରେନରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ଭାରତରେ ଆକ୍ରାନ୍ତ ଜଣଙ୍କ ଶରୀରରୁ କ୍ଲେଡ ୨ ଷ୍ଟ୍ରେନ ମିଳିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଓ ସେ କୌଣସି ପ୍ରକାରର ବହୁବିଧ ରୋଗରେ ମଧ୍ୟ ପୀଡ଼ିତ ନୁହନ୍ତି।

## ମାଛକୁଣ୍ଡ ବିଦ୍ୟୁତ ପ୍ରକଳ୍ପ ଭିତରେ ପଶିଲା ପାଣି: ବିଦ୍ୟୁତ୍ ଉତ୍ପାଦନ ବନ୍ଦ




କୋରାପୁଟ, ୯/୯ (ନି.ପ୍ର): ମାଛକୁଣ୍ଡ ବିଦ୍ୟୁତ ପ୍ରକଳ୍ପ ଭିତରେ ପଶିଲା ପାଣି, ବିଦ୍ୟୁତ୍ ଉତ୍ପାଦନ ବନ୍ଦ । ପ୍ରକଳ୍ପରେ ବନ୍ୟାଜଳ ପଶିବା ପରେ ବିଦ୍ୟୁତ ଉତ୍ପାଦନ ବନ୍ଦ ହୋଇଛି । ଏନେଇ ବିଦ୍ୟୁତ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ମାଛକୁଣ୍ଡ ପ୍ରକଳ୍ପରୁ ଦୈନିକ ୮୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହୁଏ । ଏହା ଆଜି ବନ୍ଦ ହେବା ପରେ ବିଦ୍ୟୁତ୍ ସେବା ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି । ବିଦ୍ୟୁତ ପ୍ରକଳ୍ପର ୨ ନମ୍ବର ୟୁନିଟ୍ ଭିତରେ ବନ୍ୟା ଜଳ ପ୍ରବେଶ କରିଛି । ବନ୍ୟା ଜଳ ବାହାର କରିବାକୁ କର୍ମଚାରୀମାନେ ଉଦ୍ୟମ ଚଳାଇଛନ୍ତି । ପାଇପ୍ ଲଗାଇ ପାଣି ବାହାର କରିବାକୁ ସବୁ ପ୍ରକାର ଉଦ୍ୟମ ଚଳାଇଛନ୍ତି। ଲଗାଣ ବର୍ଷା ଯୋଗୁଁ ମାଛକୁଣ୍ଡ ବିଦ୍ୟୁତ ପ୍ରକଳ୍ପର ମୁଖ୍ୟ ଜଳଭଣ୍ଡାରରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ବନ୍ୟା ଜଳ। ଜଳଭଣ୍ଡାର ଭିତରେ ବନ୍ୟା ଜଳ ପ୍ରବେଶ କରୁଥିବାରୁ ୫ଟି ଗେଟ ଖୋଲି ଦିଆଯାଇଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୨୩ ହଜାର କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ସେହିପରି ମାଛକୁଣ୍ଡ ଡ଼ି ଡ୍ୟାମରୁ ୪ଟି ଗେଟରେ ୨୦ ହଜାର କ୍ୟୁସେକ ଜଳ ପ୍ରତି ସେକେଣ୍ଡରେ ନିଷ୍କାସନ କରାଯାଇ ମାଛକୁଣ୍ଡ ନଦୀରେ ଛଡା ଯାଉଛି ।

## ଯୁକ୍ତ ଦୁଇ ପରୀକ୍ଷା: ନଭେମ୍ବର ୧୫ ସୁଦ୍ଧା ସିସିଟିଭି ନ ଲଗାଇଲେ ବାତିଲ ହେବ ପରୀକ୍ଷା କେନ୍ଦ୍ର ମାନ୍ୟତା



ଭୁବନେଶ୍ୱର, ୯/୯ (ନି.ପ୍ର): ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଯୁକ୍ତ ଦୁଇ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଇ ବାକୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ। ଏଥିସହ ପୂର୍ବରୁ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ଲାଗିଥିବା ସିସିଟିଭି ସବୁ କିଭଳି କାର୍ଯ୍ୟକ୍ଷମ ହେଉଛି ତା'

▶▶ପୃଷ୍ଠା ୭

## ଓଡ଼ିଶା ଉପକୂଳ ଅତିକ୍ରମ କଲା ଗଭୀର ଅବପାତ: ଅତି ଭୀଷଣ ବର୍ଷା ନେଇ ୧୦ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ



ଭୁବନେଶ୍ୱର, ୬/୯ (ନି.ପ୍ର): ଗଭୀର ଅବପାତ ପ୍ରଭାବରେ ଆଜି ସାରା ରାଜ୍ୟରେ ଭୀଷଣ ବର୍ଷା ହେବ। ଅତି ଭୀଷଣ ବଙ୍ଗୋପସାଗରରେ ଆଗକୁ ବଢୁଛି ଗଭୀର ଅବପାତ । ଓଡ଼ିଶା ଉପକୂଳର ପୁରୀ ନିକଟରେ ଏହା ଅତିକ୍ରମ କରିଛି । ସକାଳ ସାଢ଼େ ୧୦ଟାରୁ ସାଢ଼େ ୧୧ଟା ଭିତରେ ପୁରୀ ନିକଟରେ ସ୍ଥଳଭାଗ ଅତିକ୍ରମ କରିଛି ଡିପ୍ ଡିପ୍ରେସନ୍ । ଏନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଗଭୀର ଅବପାତ ପ୍ରଭାବରେ ଆଜି ସାରା ରାଜ୍ୟରେ ଭୀଷଣ ବର୍ଷା ହେବ। ଅତି ଭୀଷଣ ବର୍ଷା ସମ୍ଭାବନା ଥିବା ୧୦ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହି ଜିଲ୍ଲାଗୁଡ଼ିକ ହେଲା ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ବଲାଙ୍ଗିର, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି । ରେଡ୍ ୱାର୍ଣ୍ଣିଂ ଜିଲ୍ଲାର କିଛି ସ୍ଥାନରେ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇପାରେ । ସେହିପରି ୧୨ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଦିଆଯାଇଛି ଅରେଞ୍ଜ ୱାର୍ଣ୍ଣିଂ । ବାକି ୮ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ୟେଲୋ ସତର୍କତା ଜାରି କରିଛି । ଆଜି ସନ୍ଧ୍ୟା ଯାଏ ଶକ୍ତିଶାଳୀ ହୋଇ ଆଗକୁ ବଢ଼ିବ

▶▶ପୃଷ୍ଠା ୭

## ଗାଁ ଦାଣ୍ଡରେ ଗୋଡାଇ ଗୋଡାଇ ହାଣିଦେଲେ

ଭୁବନେଶ୍ୱର, ୯/୯ (ନି.ପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗାଁ ଦାଣ୍ଡରେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ହାଣିଦେଲେ ଦୁର୍ବୃତ୍ତ । ଏଭଳି ଅଭାବନୀୟ ଘଟଣା ଘଟିଛି ଫତେଗଡ ଥାନା ଭଗବାନପୁର ଗାଁରେ । ଯୁବକଙ୍କୁ ଗୁରୁତର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଭର୍ତି କରାଯାଇଛି । ଯୁବକ ଜଣକ ହେଉଛନ୍ତି ଅଖିଳ କୁମାର ସାହୁ । ଖବର ପାଇ ଘଟଣାସ୍ଥଳରେ ଫତେଗଡ ପୋଲିସ ପହଂଚି ତଦନ୍ତ ଜାରି ରଖିଛି ।

## ରେଷ୍ଟୁରାଂଟରେ ଖାଉଥିବା ଲୋକଙ୍କୁ ଅତର୍କିତ ଆକ୍ରମଣ

ଭୁବନେଶ୍ୱର, ୯/୯ (ନି.ପ୍ର): ଭୁବନେଶ୍ୱର ଉପକଣ୍ଠରେ ଏକ ରେଷ୍ଟୁରାଂଟରେ ଗଣ୍ଡଗୋଳ ହୋଇଛି । ଚେୟାର ମାଗିଲେ ଆଉ ନଦେବାରୁ ନିକଟରେ ଖାଉଥିବା ଲୋକଙ୍କୁ ଆକ୍ରମଣ କରିଛନ୍ତି ଦୁର୍ବୃତ୍ତ । ପଥରଗାଡିଆରେ ଥିବା ବାଙ୍ଗାଲୋର ଏକ୍ସପ୍ରେସ ରେଷ୍ଟୁରାଂଟରେ ଘଟିଛି ଏଭଳି ଘଟଣା । ପଥରଗଡିଆ କ୍ଲବର ଯୁବକ ରେଷ୍ଟୁରାଂଟରେ ଖାଉଥିବା ଲୋକଙ୍କୁ ଅତର୍କିତ ଆକ୍ରମଣ କରିଛନ୍ତି । ଘଟଣାରେ ୪ଯୁବକ ଆହତ ହୋଇଛନ୍ତି । ଆକ୍ରମଣର ପୁରା ଚିତ୍ର ସିସିଟିଭିରେ କଏଦ ହୋଇଛି । ଏନେଇ ଇନଫୋସିଟି ଓ ଚନ୍ଦକା ଥାନାକୁ ଅବଗତ କରାଯାଇଥିଲେ ମଧ୍ୟ ଝଗଡ଼ା ସମୟରେ ପହଂଚି ପାରିନଥିଲା ପୋଲିସ। ହୋଟେଲଟି କେଉଁ ଥାନା ଅଧୀନରେ ଯାଉଛି ତାକୁ ନେଇ ଦୁଇ ଥାନା ମଧ୍ୟରେ ବିବାଦ ଲାଗିବାରୁ ପୋଲିସ ଯାଇନଥିବା ସୂଚନା ମିଳିଛି ।

## ଭଙ୍ଗା ହେବ ଓଡ଼ିଶା ଭବନ




ଭୁବନେଶ୍ୱର, ୯/୯ (ନି.ପ୍ର): ଭଙ୍ଗା ହେବ ଦିଲ୍ଲୀ ସ୍ଥିତ ଓଡ଼ିଶା ଭବନ। ଏହାକୁ ବିପଦପୂର୍ଣ୍ଣ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଓଡ଼ିଶା ଭବନରେ ରହିବା ଅସୁରକ୍ଷିତ ଯୋଗୁଁ ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦିଲ୍ଲୀ ସ୍ଥିତ ଓଡ଼ିଶାର ୩ଟି ଭବନ- ଓଡ଼ିଶା ନିବାସ, ଓଡ଼ିଶା ସଦନ ଏବଂ ଓଡ଼ିଶା ଭବନର ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ଓଡ଼ିଶା ଭବନ ଦୀର୍ଘ ସମୟ ବ୍ୟବହାର ପାଇଁ ଅସୁରକ୍ଷିତ ବୋଲି ସ୍ପଷ୍ଟ ହୋଇଥିଲା। ଏହାକୁ ୨ରୁ ୩ ବର୍ଷ ମଧ୍ୟରେ ଭାଙ୍ଗିବାକୁ ୨୦୨୨ ଏପ୍ରିଲ ୧୯ ତାରିଖରେ ରିପୋର୍ଟ ଦିଆଯାଇଥିଲା। ଏହାପରେ ପୁଣି ୨୦୨୪ ଅଗଷ୍ଟ ୨୮ ତାରିଖରେ ଆଉ ଏକ ଚିଠି କରାଯାଇଥିଲା। ଯେଉଁଥିରେ ଦର୍ଶାଯାଇଥିଲା କି, ମରାମତି ପରେ ବି ଓଡ଼ିଶା ଭବନ ବ୍ୟବହାର ଉପଯୋଗୀ ନୁହେଁ। ଏନେଇ ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ତଥା ଅତିରିକ୍ତ ସଚିବ ଚିଠି କରିଥିଲେ। ଏହି ରିପୋର୍ଟକୁ ବିଚାର କରିବା ପରେ ଓଡ଼ିଶା ଭବନକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଛି।

## କ୍ୟାପିଟାଲ୍ ହସ୍ପିଟାଲରେ ଡାକ୍ତର ମରୁଡ଼ି: ଖାଲି ପଡ଼ିଛି ୬୪ ପଦବୀ

ଭୁବନେଶ୍ୱର, ୯/୯ (ନି.ପ୍ର): ରାଜ୍ୟ ରାଜଧାନୀ ଭୁବନେଶ୍ୱରର ସର୍ବ ବୃହତ ସରକାରୀ ହସ୍ପିଟାଲରେ ଡାକ୍ତର ଓ ମେଡ଼ିକାଲ୍ ଷ୍ଟାଫ୍ ମରୁଡ଼ି। ଦୁଇ ବର୍ଷରେ ଏଠି ଦୁଇଗୁଣା ହୋଇଛି ରୋଗୀ ସଂଖ୍ୟା। ହେଲେ ଖସିଛି ଡାକ୍ତର ଓ ନର୍ସଙ୍କ ସଂଖ୍ୟା। ହସ୍ପିଟାଲର ୬୪ଟି ଡାକ୍ତରୀ ପଦବୀ ଖାଲି ପଡ଼ିଥିବା ବେଳେ ୧୪ ଜଣ ଡାକ୍ତର ଠିକାରେ କାମ କରୁଛନ୍ତି। ସେହିପରି ରୋଗୀସେବାରେ ପ୍ରମୁଖ ଭୂମିକା ନେଉଥିବା ୫୩ ନର୍ସିଂ ଅଫିସର ପୋଷ୍ଟ ମଧ୍ୟ ଫାଙ୍କା ପଡ଼ିଛି। ଯାହାଫଳରେ ରୋଗୀମାନେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। କ୍ୟାପିଟାଲ୍ ହସ୍ପିଟାଲ୍ କାର୍ଯ୍ୟକାରୀ କମିଟି ବୈଠକରେ ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି, ଏଠି ପଡ଼ିଛି ଡାକ୍ତର ମରୁଡ଼ି। ରହିବା କଥା ୧୭୫ ଡାକ୍ତର। କିନ୍ତୁ ଅଛନ୍ତି ମାତ୍ର ୧୧୧। ୬୪ ଜଣ ଅର୍ଥାତ୍ ୩୭ ପ୍ରତିଶତ ଡାକ୍ତର ପଦବୀ ଖାଲି ପଡ଼ିଛି। ସେହିପରି ପୂରଣ ହୋଇଥିବା ୧୧୧ ପଦବୀରୁ ୯୭ ନିୟମିତ ହୋଇଥିବା ବେଳେ ୧୪ ଜଣ ଠିକାରେ କାମ କରୁଛନ୍ତି। ନର୍ସିଂ ଅଫିସର କ୍ଷେତ୍ରରେ ମଧ୍ୟ ସେଇ ସମାନ ସ୍ଥିତି।

▶▶ପୃଷ୍ଠା ୭

## ରାଜଧାନୀରେ ବ୍ୟାନ ହେଲା ବାଣ



ନୂଆଦିଲ୍ଲୀ, ୯/୯ : ବର୍ଦ୍ଧିତ ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ବଡ଼ ନିଷ୍ପତ୍ତି ନେଇଛନ୍ତି ଦିଲ୍ଲୀ ସରକାର। ଦେଶର ରାଜଧାନୀ ଦିଲ୍ଲୀରେ ସମସ୍ତ ପ୍ରକାରର ବାଣକୁ କରାଯାଇଛି ବ୍ୟାନ। ଦିଲ୍ଲୀରେ କେହି ବି ବାଣ ତିଆରି, ବିକ୍ରି ଓ ବ୍ୟବହାର କରିପାରିବେ ନାହିଁ। ସବୁଜ ବାଣର ବ୍ୟବହାର ମଧ୍ୟ ହୋଇପାରିବ ନାହିଁ। ରାଜଧାନୀରେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଜାନୁଆରୀ ୧ ଯାଏ ବାଣକୁ ବ୍ୟାନ କରାଯାଇଥିବା ଦିଲ୍ଲୀର ପରିବେଶ ମନ୍ତ୍ରୀ ଗୋପାଳ ରାୟ ସୂଚନା ଦେଇଛନ୍ତି। ଆଗକୁ ଦୀପାବଳି ଆସୁଥିବା ବେଳେ ଦିଲ୍ଲୀ ସରକାରଙ୍କ ଏପରି ନିଷ୍ପତ୍ତି ସାମ୍ନାକୁ ଆସିଛି। ବାଣ ବ୍ୟାନ ସମ୍ପର୍କରେ ସୂଚନା ଦେଇ ଗୋପାଲ ରାୟ କହିଛନ୍ତି, "ଶୀତ ଦିନରେ ପ୍ରଦୂଷଣ ସାଂଘାତିକ ସ୍ଥିତି ସୃଷ୍ଟି କରୁଛି। ଶୀତ ସାଙ୍ଗକୁ ବାଣରୁ ନିର୍ଗତ ଧୂଆଁ ପ୍ରଦୂଷଣର କାରଣ ସାଜିଛି। ଏହାକୁ ଦୃଷ୍ଟିରେ ରଖି

▶▶ପୃଷ୍ଠା ୭

## ୧୦ ତାରିଖ ୫ଟା ସୁଦ୍ଧା କାର୍ଯ୍ୟରେ ଯୋଗଦେବାକୁ ଡାକ୍ତରଙ୍କୁ କହିଲେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ, ୯/୯ : କୋଲାକାତା ଦୁଷ୍କର୍ମ ଓ ହତ୍ୟା ଘଟଣା ବିରୋଧରେ ମାସେ ହେଲାଣି ବିକ୍ଷୋଭ କରୁଥିବା ଡାକ୍ତରମାନଙ୍କୁ ଆସନ୍ତାକାଲି ସନ୍ଧ୍ୟା ୫ଟା ସୁଦ୍ଧା କାର୍ଯ୍ୟରେ ଯୋଗ ଦେବାକୁ ସୁପ୍ରିମକୋର୍ଟ କହିଛନ୍ତି। ଡାକ୍ତରମାନେ କାର୍ଯ୍ୟକୁ ଥରେ ଫେରିବା ପରେ ସେମାନଙ୍କ ବିରୋଧରେ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ। କିନ୍ତୁ ଯଦି ଡାକ୍ତରମାନେ କାର୍ଯ୍ୟରେ ଯୋଗ ଦେବାକୁ ବିଳମ୍ବ କରିବେ, ତା'ହେଲେ କୋର୍ଟ ମଧ୍ୟ ସେମାନଙ୍କ ବିରୋଧରେ ରାଜ୍ୟ ସରକାର ନେବାକୁ ଥିବା କାର୍ଯ୍ୟାନୁଷ୍ଠାନକୁ ରୋକି ପାରିବେ ନାହିଁ। କାର୍ଯ୍ୟରେ ଯୋଗ ନ ଦେବାରୁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରେ ବୋଲି ମଧ୍ୟ ସୁପ୍ରିମକୋର୍ଟ କହିଛନ୍ତି। କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ଏହାକୁ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ସୁପ୍ରିମକୋର୍ଟ ନିଜ ଆଡୁ ଏହାର ଶୁଣାଣି କରୁଛନ୍ତି। ଆଜି ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଘଟଣାର ତଦନ୍ତ କରୁଥିବା ସିବିଆଇକୁ ନୂଆ ଷ୍ଟାଟସ ରିପୋର୍ଟ ସେପ୍ଟେମ୍ବର ୧୭ ତାରିଖ ସୁଦ୍ଧା ଦାଖଲ କରିବାକୁ କହିଛନ୍ତି। ଏଥିସହ ଆରଜି କର ହସ୍ପିଟାଲର ସୁରକ୍ଷା ପାଇଁ ନିୟୋଜିତ ହୋଇଥିବା ୩ କମ୍ପାନୀ

▶▶ପୃଷ୍ଠା ୭

## କଂଗ୍ରେସ ସହ ଛିଡ଼ିଲାନି ଅଙ୍କ: ପ୍ରାର୍ଥୀ ତାଲିକା ଘୋଷଣା କଲା ଆପ୍



ନୂଆଦିଲ୍ଲୀ, ୯/୯ : ହରିୟାଣାରେ କଂଗ୍ରେସ ସହ ମେଣ୍ଟ କରି ବିଧାନସଭା ନିର୍ବାଚନ ଲଢ଼ିବାକୁ ଚାହୁଁଥିବା ଆପ୍ ଆଜି ବଡ଼ ପଦକ୍ଷେପ ନେଇଛି। କଂଗ୍ରେସ ସହ ହରିୟାଣା ପାଇଁ ସିଟ ଶେୟାରିଂ ଫର୍ମୁଲା ନ ଛିଡ଼ିବାରୁ ଆଜି ଆପ୍ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୨୦ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। ଆପ୍ ଓ କଂଗ୍ରେସ ହରିୟାଣାରେ ଏକାଠି ଲୋକସଭା ନିର୍ବାଚନ ଲଢ଼ିଥିଲେ। ତେଣୁ ବିଧାନସଭା ନିର୍ବାଚନ ମଧ୍ୟ ଏକାଠି ଲଢ଼ିବାକୁ ଆଗ୍ରହ ଦେଖାଇଥିଲେ। ସମ୍ଭାବ୍ୟ ମେଣ୍ଟକୁ ନେଇ ଆଲୋଚନା ହୋଇଥିଲା ଓ ସିଟ ଶେୟାରିଂ କଥା ମଧ୍ୟ ଉଠିଥିଲା। ହେଲେ ଉଭୟ ଦଳ ସିଟ୍ ଶେୟାରିଂ ଫର୍ମୁଲାକୁ ନେଇ ଏକମତ ହୋଇ ପାରିନାହାନ୍ତି। ଆପ୍ ରାଜ୍ୟର ୯୦ଟି ବିଧାନସଭା ଆସନରୁ ୧୦ଟିରେ ପ୍ରାର୍ଥୀ ଦେବାକୁ ଚାହୁଁଥିଲା। କିନ୍ତୁ କଂଗ୍ରେସ କେବଳ ୭ଟି ଆସନ ଅରବିନ୍ଦ କେଜ୍ରିୱାଲଙ୍କ ଆପ୍‌କୁ ଦେବ ବୋଲି ସର୍ତ୍ତ ରଖିଥିଲା। ସେହିପରି ଆପ୍ ଏମିତି କିଛି ସ୍ଥାନରେ ପ୍ରାର୍ଥୀ ଦେବାକୁ ଚାହିଁଥିଲା, ଯେଉଁଠି କଂଗ୍ରେସର ବରିଷ୍ଠ ନେତାମାନେ ଟିକେଟ ଆଶାରେ ରହିଛନ୍ତି।

▶▶ପୃଷ୍ଠା ୭

# ମେଡିକାଲ ଆସି ଷ୍ଟେସନ୍‌ରୁ ନିଖୋଜ ଅବସରପ୍ରାପ୍ତ ରେଲୱେ କର୍ମଚାରୀ



ଭୁବନେଶ୍ୱର, ୯/୦୯ (ନି.ପ୍ର): ମେଡିକାଲ ଚେକ୍ ପାଇଁ ରାଜଧାନୀ ଭୁବନେଶ୍ୱର ଆସିଥିଲେ ଅବସରପ୍ରାପ୍ତ ରେଲୱେ କର୍ମଚାରୀ। ହେଲେ ଘରକୁ ଫେରିବା ବେଳେ ଭୁବନେଶ୍ୱର ଷ୍ଟେସନ୍‌ରୁ କେଉଁ ଆଡେ ଚାଲିଗଲେ। ପରିବାର ଲୋକେ ତାଙ୍କୁ ଖୋଜୁଛନ୍ତି। ହେଲେ ତାଙ୍କ ପତ୍ତା ପାଉନାହାନ୍ତି। ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା କୋଟଗରା ଗାଁ ଉପରଗୋଡ଼ା ସାହିର ସୋମନାଥ ସାହୁ ହେଉଛନ୍ତି ଜଣେ ଅବସରପ୍ରାପ୍ତ ରେଳ କର୍ମଚାରୀ। ଚାକିରିରୁ ଅବସର ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ବ୍ରେନ୍‌ରେ ଟ୍ୟୁମର ହୋଇଥିଲା। ତେଣୁ ତାଙ୍କୁ ପରିବାର ଲୋକେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରିଥିଲେ। ସାଥୀରେ ଆସିଥିଲେ ନିଜ ପୁଅ ସତ୍ୟରଞ୍ଜନ ସାହୁ ଓ ପୁତୁରା ଜିତେନ୍ଦ୍ର କୁମାର ସାହୁ। ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା ପରେ ସମସ୍ତେ ଘରକୁ ଫେରିବା ପାଇଁ ଭୁବନେଶ୍ୱର ଷ୍ଟେସନ୍‌କୁ ଆସିଥିଲେ। ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ସୋମନାଥ ସାହୁ ପ୍ଲାଟ୍‌ଫର୍ମରେ ବସିଥିଲେ। ଆଉ ତାଙ୍କ ପୁଅ ଓ ପୁତୁରା ଷ୍ଟେସନ୍‌ରେ ବୁଲୁଥିଲେ। ସେହି ସମୟରେ ସୋମନାଥ କେଉଁ ଆଡେ ଚାଲିଲେ। ସୋମନାଥଙ୍କୁ ତାଙ୍କ ପୁଅ ଓ ପୁତୁରା ନପାଇ ବହୁ ଖୋଜିଥିଲେ। ସ୍ଥାନୀୟ ରେଲୱେ ପୁଲିସର ସାହାଯ୍ୟତା ନେଇଥିଲେ। ରେଲୱେ ପୁଲିସ୍ ପ୍ଲାଟ୍‌ଫର୍ମରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲା। ସିସିଟିଭି ଯାଞ୍ଚ ବେଳେ ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମରେ ସୋମନାଥ ବୁଲାବୁଲି କରୁଥିବା ଦେଖିବାକୁ ମିଳିଥିଲା। ସେହି ସମୟରେ ପ୍ଲାଟଫର୍ମରୁ ପାଟନା ସ୍ପେସାଲ ଟ୍ରେନ୍ ଛାଡ଼ିଥିଲା। ତେଣୁ ସେ ସେହି ଟ୍ରେନ୍‌ରେ ଚାଲି ଯାଇଥିବା ପରିବାର ଲୋକ ଅନୁମାନ କରୁଛନ୍ତି। ପରିବାର ଲୋକଙ୍କ କହିବା ଅନୁସାରେ ସୋମନାଥଙ୍କୁ ବ୍ରେନଟ୍ୟୁମର ହୋଇଛି। ସେଥିପାଇଁ ସେ ମାନସିକ ଭାବେ ଦୁର୍ବଳ ଅଛନ୍ତି। ତେଣୁ ସେ ଦୈନିକ ମେଡିସିନ୍ ଖାଉଥିଲେ। ସେ ନିଖୋଜ ହେବା ବେଳେ ଏକ ଫିକା ସ୍କାଏ ରଙ୍ଗର ସାର୍ଟ ପିନ୍ଧିଥିବା ବେଳେ କଳା ରଙ୍ଗର ଏକ ପ୍ୟାଣ୍ଟ ପିନ୍ଧିଥିଲେ।

# ଲଗାଣ ବର୍ଷା : ଫସଲ ହାନୀ ସମ୍ଭାବନାକୁ ନେଇ ଚିନ୍ତାରେ ଚାଷୀ

ଜୟପୁର, ୯/୦୯ (ନି.ପ୍ର): ବୋରିଗୁମ୍ମା ବ୍ଲକ ଅଂଚଳରେ ଗତକାଲି ଅପରାହ୍ନରୁ ଲଗାଣ ବର୍ଷା ଲାଗି ରହିଛି। ଫଳରେ ଫସଲହାନୀ ସମ୍ଭାବନାକୁ ନେଇ ଚାଷୀ ଚିନ୍ତାରେ ଥିବା ଜଣାପଡିଛି। ଏ ବର୍ଷ ବର୍ଷା ପାଇଁ ଚାଷୀ, ଚାଷ କାର୍ଯ୍ୟକୁ ନେଇ ଆରମ୍ଭରୁ ଚିନ୍ତାରେ ରହିଅଛି। ଚାଷ ଆରମ୍ଭରେ ବର୍ଷା ବିଳମ୍ବରେ ହୋଇଥିଲା। ଫଳରେ ଧାନ ଚାଷୀ ବହୁମାତ୍ରାରେ ଚାପଗ୍ରସ୍ତ ରହୁଥିଲେ। ହେଲେ ବିଳମ୍ବରେ ହେଲେ ମଧ୍ଯ ଭଲ ବର୍ଷା ହେବାରୁ ଧାନ ଚାଷୀ ମନରେ ଆନନ୍ଦ ଭରି ଦେଇଥିଲା। କ୍ଷେତରେ ଧାନ ଫସଲ ଦେଖି ଚାଷୀ ଭଲ ଅମଳକୁ ନେଇ ଖୁସିରେ ରହୁଥିଲେ। ହେଲେ ଗତକାଲି ଅପରାହ୍ନ ଠାରୁ ବୋରିଗୁମ୍ମା ବ୍ଲକର ବିଜାପୁର, ବାଣ୍ଡିଗୁଡା, ପଂଚାୟତର ଜାଣିଗୁଡ଼ା, ସମରଥଗୁଡା, ଡେଙ୍ଗାଗୁଡା ଅଂଚଳରେ ବର୍ଷା ଯୋଗୁ ରାସ୍ତା ଉପରେ ଆଣ୍ଠୁଏ ପାଣି ବୋହୁଛି। ଚାଷ ଜମି ଜଳମଗ୍ନ ହୋଇଯାଇଛି। ଆରମ୍ଭ ହୋଇଥିବା ଲଘୁଚାପ ବର୍ଷା ୨ ରୁ ୩ ଦିନ ପର୍ଯ୍ୟନ୍ତ ଲାଗି ରହିବ ବୋଲି ଜାଣିବା ପରେ ଏହି ଅଂଚଳର ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି। ଅଧିକାଂଶ ଜମିରେ ଧାନ ଫସଲ ହାତେ ଲେଖାଏଁ ବଢ଼ିଲା ପରେ ପାଣିରେ ବୁଡି ଯାଇଛି। ଯଦି ବର୍ଷା ଦୁଇ ଦିନ ଧରି ଲାଗି ରହେ ତା'ହେଲେ ଧାନ ଗଛ କ୍ଷେତରେ ହିଁ ଖରାପ ହେବାର ସମ୍ଭାବନା ରହିଛି। ଏହାଛଡା ଅଂଚଳରେ ଚାଷୀମାନେ ପରିବା ଚାଷ କରିଥିବା ବେଳେ ଲଗାଣ ବର୍ଷା ଯୋଗୁ ତାହା ମଧ୍ୟ ପ୍ରଭାବିତ ହୋଇଛି। ଲଗାଣ ବର୍ଷା ଯୋଗୁ ଲୋକେ ଘରୁ ବାହାରି ପାରୁ ନ ଥିବା ଦେଖିବାକୁ ମିଳୁଛି। ବଜାରଘାଟ ଜନଗହଳି ନ ଥିବା ଦେଖିବାକୁ ମିଳିଛି।

# ବେତନଟୀ ବ୍ଲକ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ: ସର୍ବେଶ୍ୱର ସଭାପତି, ଅନୁପ ସମ୍ପାଦକ



ବେତନଟୀ , ୯/୦୯ (ନି.ପ୍ର): ବେତନଟୀ ସାମ୍ବାଦିକ ସଂଘ ର ନୂତନ କର୍ମକର୍ତ୍ତା ଚୟନ ଓ ପ୍ରତିଷ୍ଠା ଦିବସ ପାଳନ ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଂଘ ର ସଭାପତି ଧରଣୀଧର ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୂତନ କର୍ମକର୍ତ୍ତା ଚୟନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହେଇଥିଲା। ସଂଘ ର ଅଧକ୍ଷ ଅଜୟ କର , ନୂତନ ସଭାପତି ଭାବରେ ସର୍ବେଶ୍ୱର ମହାନ୍ତ , କାର୍ଯ୍ୟକାରୀ ସଭାପତି ଭାବରେ ଶାନ୍ତନୁ ପଣ୍ଡା , ଉପ ସଭାପତି ଭାବରେ ଗତିକୃଷ୍ଣ ମହାନ୍ତ, ମନୋରଞ୍ଜନ ବେହେରା , ସାଧାରଣ ସମ୍ପାଦକ ଅନୁପ କୁମାର ଦଣ୍ଡପାଟ, ସମ୍ପାଦକ ନିତ୍ୟାନନ୍ଦ ପାତ୍ର , ସହ ସମ୍ପାଦକ ଉଦିତ ପରିଡ଼ା, ଭବାନୀ ଶଙ୍କର ପରିଡା , ଚିନ୍ମୟ ମିଶ୍ର , କୋଷାଧକ୍ଷ ହରିଶ ଚନ୍ଦ୍ର ସାମଲ, କେଶବ ନାଥ , ଉପଦେଷ୍ଟା ଭାବେ ରେ ରବିନାରାୟଣ ପଣ୍ଡା, ଧରଣୀଧର ମହାନ୍ତି , ସତିଶ ସାହୁ , ରାଜେଶ ଖଣ୍ଡେଲୱାଲ, ସଦାଶିବ ଲେଙ୍କା, ପ୍ରଭାତୀ ମହାନ୍ତି , ହସଲା ପ୍ରସାଦ ପ୍ରମୁଖ କୁ ଚୟନ କରାଯାଇଛି। ଆସନ୍ତା ଅକ୍ଟୋବର ମାସ ୨ ତାରିଖ ରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର ପ୍ରତିଷ୍ଠା ଦିବସ ପଡୁଥିବାରୁ ପ୍ରତିଷ୍ଠା ଦିବସ ପାଳନ ପାଇଁ ବୈଠକ ରେ ଆଲୋଚନା ହୋଇଥିଲା। ଏହି ଆଲୋଚନା ପରେ ସେପଟ୍ଟେମ୍ବର ୨୨ ରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ର ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ସଂଘ ର ସଦସ୍ୟ ଆଶିଷ ଦାସ , ସର୍ବେଶ୍ୱର ଦାସ, କୋମଳ ଲୋଚନ କର , ମନୋଜ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ମାଆ ଗଲେ କେଉଁଆଡେ ? ବାପା ଚାଲିଗଲେ ଅଫେରା ପଥରେ: ସାହାରା ଖୋଜୁଛି କୁନି ଝିଅ



କଟକ , ୯/୦୯ (ନି.ପ୍ର): ଦେଢ ବର୍ଷରେ ହୋଇଥିଲେ। ପର ପୁରୁଷ ସହିତ ମାଆ ଚାଲିଗଲେ। ଜେଜେବାପା, ଜେଜେ ମାଆ ଓ ବାପାଙ୍କ କୋଳରେ ଦୁନିଆ ଦେଖୁଥିଲେ ଯମୁନା। ମାଆଙ୍କ ଅନୁପସ୍ଥିତିକୁ ଭୁଲି ଯାଇଥିଲେ। ହେଲେ ପୁଣି ଥରେ କୋମଳ ବୟସରେ ଦୁଃଖ ଦେଇଗଲେ ଦଇବ ! ଅବେଳରେ ବାପାଙ୍କୁ ଛଡ଼ାଇ ନେଇଗଲେ। ଏବେ ପୂରା ବେସାହାରା ହୋଇଗଲେ ତୃତୀୟ ଶ୍ରେଣୀରେ ପଢୁଥିବା ଯମୁନା ପ୍ରଧାନ। ବାର୍ଦ୍ଧକ୍ୟ ଜୀବନ ସହିତ ସଂଘର୍ଷ କରୁଥିବା ଜେଜେବାପା ଓ ଜେଜେ ମାଆଙ୍କ କୋଳରେ ସାହାରା ଖୋଜୁଛନ୍ତି। କଟକ ଜିଲ୍ଲା ବଡ଼କମ୍ବିଲୋ ଗାଁର ଯମୁନା ପ୍ରଧାନ। ତାଙ୍କ ବାପା ହେଉଛନ୍ତି ରାଜକିଶୋର ପ୍ରଧାନ। ବାପା ପେସାରେ ଜଣେ ଶିକ୍ଷକ। ଛାଞ୍ଚୁଣିଆ ସ୍କୁଲରେ ଶିକ୍ଷକତା କରୁଥିଲେ। ଯମୁନାକୁ ଦେଢ଼ବର୍ଷ ହୋଇଥିଲା। ସେତେବେଳେ ପର ପୁରୁଷ ସହିତ ପଳାଗଲେ ରାଜକିଶୋରଙ୍କ ପତ୍ନୀ। ପତ୍ନୀ ଛାଡ଼ି ଗଲା ପରେ ବିବାହ କରିନଥିଲେ ରାଜକିଶୋର। ବାପା ମୂରଲୀ ଓ ମାଆ ମୁକୁତା ପ୍ରଧାନଙ୍କ କୋଳରେ ଝିଅ ଯମୁନାକୁ ଛାଡ଼ି ଦେଖୁଥିଲେ କେତେ ସ୍ୱପ୍ନ। ପ୍ରତ୍ୟକ ବାପାଙ୍କ ପରି ରାଜକିଶୋର ମଧ୍ୟ ଦେଖିଥିଲେ ବଡ଼ ସ୍ୱପ୍ନ। ଝିଅର ସବୁ ଆଶା ଓ ଅଭିଳାଶା ପୂରଣ କରୁଥିଲେ। ଝିଅକୁ ଭଲ ସଂସ୍କାର ଦେଇ ଭଲ ମଣିଷଟିଏ ହେବା ପାଇଁ କେତେ ସ୍ୱପ୍ନ ଦେଖିଥିଲେ। ଯମୁନାକୁ ଜନ୍ମ କଲା ମାଆଠାରୁ ଅଧିକ ସ୍ନେହ ଦେଉଥିଲେ ରାଜକିଶୋର। ଯେଉଁଥିପାଇଁ ଯମୁନା ନିଜ ମାଆକୁ ଭୁଲି ଯାଇଥିଲା। ବୋଧହୁଏ ବାପା-ଝିଅଙ୍କ ଏ ଅନାବିଳ ସମ୍ପର୍କକୁ ସହିପାରିଲାନି ଦଇବ ! ଅବେଳରେ ବାପା ରାଜକିଶୋରଙ୍କୁ ଯମୁନା ପାଖରେ ଛଡ଼ାଇ ନେଲା। ଆଜକୁ ୨୦ ଦିନ ତଳେ ରାଜକିଶୋରଙ୍କୁ ସର୍ପ ଦଂଶନ କରିଥିଲା। ଆଉ ସେଇଥିରେ ଅଫେରା ରାଇଜକୁ ଚାଲିଗଲେ ଯମୁନା। ମାଆଙ୍କ ପରେ ବାପାଙ୍କ ହାତ ଧରି ଦୁନିଆ ଦେଖୁଥିବା ଯମୁନା ଏବେ ପୂରା ବେସାହାରା ହୋଇଯାଇଛି। ବାର୍ଦ୍ଧକ୍ୟରେ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ଜେଜେବାପା ଓ ଜେଜେମାଆ କୋଳରେ ଯମୁନା ଏବେ ଖୋଜୁଛି ବାପାଙ୍କୁ। ଆଉ ବେଳେ ବେଳେ ବାପାଙ୍କୁ ମନେ ପକାଇ ଗୁମୁରୀ କାନ୍ଦୁଛି। ହେଲେ ନିଜ ମନ ଭିତରେ ଉଠୁଥିବା ଦୁଃଖକୁ କାହାକୁ କହିପାରୁନି। ଯମୁନା ଏବେ ତୃତୀୟ ଶ୍ରେଣୀରେ ପାଠ ପଢୁଛି। ପୁଅର ରୋଜଗାରରେ ଚଳୁଥିଲା ପରିବାର। ରୋଜଗାରିଆ ପୁଅକୁ ହରାଇବା ପରେ ନାନା ଯନ୍ତଣାରେ ଜୀବନ କାଟୁଛନ୍ତି ଯମୁନାଙ୍କ ଜେଜେ ମାଆ ଓ ଜେଜେ ବାପା। ତେଣୁ ମୂଲ ମଜୁରୀ ଏବଂ ଛେଳି ଚାଷ କରି ଯାହା ରୋଜଗାର କରୁଛନ୍ତି, ସେଥିରୁ କଷ୍ଟେମଷ୍ଟେ ଚଳି ଯାଉଛନ୍ତି। ହେଲେ କେତେ ଦିନ ବାପା ଓ ମାଆ ବିହୀନ ନାତୁଣୀକୁ ପୋଷିବେ ? କେଉଁଠୁ ଆଣିବେ ଅର୍ଥ ? ସେହି ଚିନ୍ତା ସେମାନଙ୍କୁ ଘାରିଛି। ସରକାରୀ ସ୍ତରରେ ନାତୁଣୀର ପାଠ ପଢ଼ା ପାଇଁ କୌଣସି ବ୍ୟବସ୍ଥା ହେଲେ, ଭଲ ହୁଅନ୍ତା ବୋଲି କହିଛନ୍ତି ଜେଜେବାପା। ସେପଟେ ବଡ଼ମ୍ବା ବିଡିଓ ରମେଶ ଚନ୍ଦ୍ର ବେହେରା କହିଛନ୍ତି, ସାପ କାମୁଡ଼ାରେ ବାପାଙ୍କ ମୃତ୍ୟୁ ଘଟିଛି। ପୂର୍ବରୁ ଝିଅର ମାଆ ଘର ଛାଡ଼ି ଦେଇଥିଲେ। ପ୍ରଶାସନ ତରଫରୁ ତାଙ୍କର ରହିବାର ବ୍ୟବସ୍ଥା କରାଉଛି। ଆଉ ଅନ୍ୟାନ୍ୟ ସବୁ କ'ଣ ଦିଆଯାଇପାରିବ, ତାହା ଉପରେ ବିଚାର କରାଯାଉଛି ବୋଲି ବିଡିଓ କହିଛନ୍ତି।

# ଚିନ୍ତା ବଢ଼ାଇଲାଣି ଖଣ୍ଡିଆ ରାସ୍ତା: ଜୟଦେବବିହାର-ନନ୍ଦନକାନନ ରାସ୍ତା ପାଲଟିଛି ମରଣଯନ୍ତା

ଭୁବନେଶ୍ୱର , ୯/୦୯ (ନି.ପ୍ର): ଆରମ୍ଭ ହେଲାଣି ପାର୍ବଣ ଋତୁ। ଚାରିଆଡ଼େ ସରଗରମ ହୋଇଉଠିଲାଣି ପାର୍ବଣର ମାହୋଲ। ଗଣେଶ ପୂଜା ପରେ ପରେ ଆରମ୍ଭ ହୋଇଯିବ ଦୁର୍ଗାପୂଜା ପ୍ରସ୍ତୁତି। ଏଥିପାଇଁ ସହରର ଗଳିକନ୍ଦିରେ ଉତ୍ସାହ, ଉଦ୍ଦୀପନା ଦେଖିବାକୁ ମିଳିଛି। ହେଲେ ଏହାରି ଭିତରେ ଚିନ୍ତା ବଢ଼ାଇଛି ରାଜଧାନୀର ସବୁଠାରୁ ଚଳଚଞ୍ଚଳ ଜୟଦେବ ବିହାରରୁ ନନ୍ଦନକାନନ ରାସ୍ତା। ପ୍ରତିଦିନ ଏହି ରାସ୍ତାରେ ହଜାର ହଜାର ସଂଖ୍ୟାରେ ଗାଡ଼ି ଯିବା ଆସିବା କରୁଥିବା ବେଳେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଫଳରେ ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଛନ୍ତି ବାଇକ୍ ଚାଳକ। ଜୟଦେବବିହାରରୁ ନନ୍ଦନକାନନ ଯାଇଥିବା ରାସ୍ତା ସଦାସର୍ବଦା ଚଳଞ୍ଚଳ। ସକାଳୁ ରାତି ପର୍ଯ୍ୟନ୍ତ ରାସ୍ତାରେ ଅସଂଖ୍ୟ ଯାନବାହନ ସମେତ ଲୋକମାନେ ମଧ୍ୟ ଯିବା ଆସିବା କରିଥାନ୍ତି। ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି ଖାଲଖମା। କେତେକ ସ୍ଥାନରେ ପିଚୁ ଉଠି ଯାଇଥିବା ବେଳେ ହିଡ଼ ଭଳି ଖାଲ ରହିଥିବାରୁ ବାଇକ୍ ଏବଂ ସ୍କୁଟି ଚାଳକମାନେ ଏହି ସ୍ଥାନରେ ସ୍ପିଡ୍ କଣ୍ଟ୍ରୋଲ କରି ନପାରି ଗାଡ଼ିରୁ ପଡୁଥିବା ଦେଖିବାକୁ ମିଳିଛି। ବିଶେଷକରି ଏହି ଖାଲଗୁଡ଼ିକ ଏଭଳି ରହିଛି ଯେ ନୂଆ କରି ଯାଉଥିବା ଚାଳକମାନେ ହଠାତ୍ ଜାଣି ନପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାସହ ରାସ୍ତା ଉପରେ ଗୋଡ଼ି, ଚିପ୍ସ ବିଛାଡ଼ି ହୋଇ ପଡ଼ିଥିବାରୁ ଯିବା ଆସିବା ସମୟରେ ତାହା ଛିଟିକି ପଥଚାରୀଙ୍କ ଦେହରେ ବାଜୁଛି। ସେହିପରି ଖରା ସମୟରେ ପ୍ରବଳ ମାତ୍ରାରେ ଡଷ୍ଟ ଉଡ଼ିବା ସହ ବର୍ଷାରେ ଖାଲ ଦିଶୁ ନଥିବା ମଧ ଆଉ ଏକ ସମସ୍ୟା। ଏଭଳି ବିପଦ ଅବସ୍ଥାରେ ଦୈନିକ ହଜାର ହଜାର ଲୋକ ଯିବା ଆସିବା କରୁଛନ୍ତି। ନିମ୍ନମାନର କାମ ଯୋଗୁଁ ବର୍ଷା ପରେ ପିଚୁ ଧୋଇ ହୋଇ ବଜୁରି ବାହାରି ପଡ଼ିଥିବା ସ୍ଥାନୀୟ ବ୍ୟବସାୟୀମାନେ କହିଛନ୍ତି। ଜୟଦେବ ବିହାରରୁ ଜାଭିୟର ଛକ, ନାଲକୋ ଛକ, ଡମଣା, ଇନ୍ଫୋସିଟି, କିଟ୍ ଛକ ସମେତ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତାରେ ସମାନ ସ୍ଥିତି ଦେଖିବାକୁ ମିଳିଛି। ରାସ୍ତାର ଅବସ୍ଥା ଏଭଳି ହୋଇଥିବାରୁ ବାଇକ୍ ଚାଳକମାନେ ୨୦ ସ୍ପିଡ୍‌ରୁ ଅଧିକ ଯିବା ସମ୍ଭବ ହେଉନି। ସେହିପରି ନିଜ ନିଜ କର୍ମ କ୍ଷେତ୍ରକୁ କିମ୍ବା ଶିକ୍ଷାନୁଷ୍ଠାନକୁ ଯାଉଥିବା ପିଲାମାନେ ଏଥିପାଇଁ ଯେତେଶୀଘ୍ର ଘରୁ ବାହାରିଲେ ମଧ୍ୟ ଠିକ୍ ସମୟରେ ପହଞ୍ଚି ପାରୁନଥିବା କହିଛନ୍ତି। ଆଉ ଦିନ କେଇଟା ପରେ ଦୁର୍ଗାପୂଜା ଆସୁଥିବା ବେଳେ ରାଜଧାନୀର ମୁଖ୍ୟ ରାସ୍ତାର ଅବସ୍ଥା ଯଦି ଏଭଳି, ତାହେଲେ ଗଳିକନ୍ଦିର ଅବସ୍ଥା କିଭଳି ହୋଇଥିବା ତାହା ଅନୁମାନ ହେଉଛି। ତେବେ କେତେକ ସ୍ଥାନରେ ପିଚୁ ଉଠି ଯିବାପରେ ସେଠାରେ ପିଚୁର ଲେପ ଦିଆଯାଉଥିବାରୁ ସାମାନ୍ୟ ବର୍ଷାରେ ତାହା ନଷ୍ଟ ହୋଇଯାଉଥିବାରୁ ତୁରନ୍ତ ମରାମତି ହେଉନଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ବନ୍ଦ ଘରୁ ଅଧ୍ୟାପିକାଙ୍କ ମୃତଦେହ ଉଦ୍ଧାର

କଟକ, ୯/୦୯ (ନି.ପ୍ର): ବନ୍ଦ ଘର ଭିତରୁ ଅଧ୍ୟାପିକାଙ୍କ ମୃତଦେହ ଉଦ୍ଧାର କରାଯାଇଛି। କଟକ ସିଡିଏ ସେକ୍ଟର-୯ ସ୍ଥିତ ଭଡ଼ା ଘରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଅଧ୍ୟାପିକା ଜଣକ ହେଉଛନ୍ତି ଅନନ୍ୟା ଚକ୍ରବର୍ତ୍ତୀ। ସେ କଟକ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ତାଙ୍କ ଘର ପଶ୍ଚିମବଙ୍ଗରେ ବୋଲି ଜଣାପଡିଛି। ଦୁଇ ଦିନ ହେବ ଅନନ୍ୟା କଲେଜ ଯାଇ ନଥିଲେ। କଲେଜ କର୍ତ୍ତୃପକ୍ଷ ତାଙ୍କ ଫୋନକୁ କଲ୍ କରିଥିଲେ। ଅନନ୍ୟାଙ୍କ ଫୋନ୍ ରିଙ୍ଗ୍ ହୋଇଥିଲେ ମଧ୍ୟ ସେ ଉଠାଇ ନଥିଲେ। ଗତକାଲି ମଧ୍ୟ କଲେଜ କର୍ତ୍ତୃପକ୍ଷ ଅଧ୍ୟାପିକାଙ୍କୁ ଫୋନ୍ କରିଥିଲେ। ହେଲେ ଫୋନ୍ ରିଙ୍ଗ୍ ହୋଇ କଟିଥିଲେ ମଧ୍ୟ ସେ ଉଠାଇ ନଥିଲେ। କଲେଜ କର୍ତ୍ତୃପକ୍ଷ ପୁଲିସକୁ ଘଟଣା ସମ୍ପର୍କରେ ଜଣାଇ ଥିଲେ। ପୁଲିସ ଓ କଲେଜ କର୍ତ୍ତୃପକ୍ଷ ଭଡ଼ା ଘରେ ପହଂଚି ଅଧ୍ୟାପିକାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଅଧ୍ୟାପିକାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି । ତେବେ କିପରି ଓ କେଉଁ ପରିସ୍ଥିତିରେ ଅଧ୍ୟାପିକାଙ୍କର ମୃତ୍ୟୁ ଘଟିଲା ତାର କାରଣ ଜଣାପଡ଼ିନାହିଁ। ଅଧ୍ୟାପିକାଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି। ଘଟଣା ସମ୍ପର୍କରେ ଅଧ୍ୟାପିକା ଅନନ୍ୟାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି।

# ଭୂତାଣୁ ସଂକ୍ରମଣ: ଘରେ ଘରେ ସର୍ଦ୍ଦି-କାଶ-ଜ୍ୱର, ରାଜଧାନୀରେ ପ୍ରତି ୫ଜଣରେ ଜଣେ ଜ୍ୱର ସଂକ୍ରମିତ



ଭୁବନେଶ୍ୱର , ୯/୦୯ (ନି.ପ୍ର): ଘରେ ଘରେ ଜ୍ୱର, କାଶ, ଥଣ୍ଡା। ଡେଙ୍ଗୁ, ମ୍ୟାଲେରିଆ ଆଦି ପରୀକ୍ଷା କଲେ ରିପୋର୍ଟ ନେଗେଟିଭ୍ ଆସୁଛି; କିନ୍ତୁ ୫ରୁ ୭ ଦିନ ପର୍ଯ୍ୟନ୍ତ ତଣ୍ଟି ଦରଜ ଓ ଗଳା ବସିବା ଭଳି ଲକ୍ଷଣ ଦେଖାଯାଉଛି। ଶରୀରରେ ତାପମାତ୍ରା କିଛି ଦିନ ପର୍ଯ୍ୟନ୍ତ ଲାଗି ରହୁଛି। ରାଜଧାନୀରେ ପ୍ରତି ୫ଜଣରେ ଜଣେ ଏବେ ଏହି ଜ୍ୱରରେ ସଂକ୍ରମିତ। ଦୈନିକ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଶହ ଶହ ରୋଗୀ ଧାଉଁଛନ୍ତି। ସେହିଭଳି ସହର ଭିତରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଘରୋଇ ଚିକିତ୍ସାଳୟରେ ମଧ୍ୟ ରୋଗୀଙ୍କ ଲମ୍ବା ଧାଡ଼ି। ଭୂତାଣୁ ସଂକ୍ରମଣ ଯୋଗୁଁ ଏହି ରୋଗ ହେଉଛି ଓ କୋଭିଡ଼ ପରି ଜଣକଠାରୁ ଅନ୍ୟ ଜଣକୁ ବ୍ୟାପୁଛି। କେହିକେହି ଏହାକୁ କୋଭିଡର ସୂକ୍ଷ୍ମ ସଂସ୍କରଣ ବୋଲି ପ୍ରଚାର ଆରମ୍ଭ କରିଛନ୍ତି। ବିଶେଷକରି ଛୋଟ ପିଲା ଏଥିରେ ଅଧିକ ମାତ୍ରାରେ ସଂକ୍ରମିତ ହେଉଛନ୍ତି। ପରିବାରର କୌଣସି ସଦସ୍ୟଙ୍କୁ ଏହି ଜ୍ୱର ହେଲେ ଧୀରେ ଧୀରେ ସମସ୍ତେ ସଂକ୍ରମିତ ହେଉଛନ୍ତି। କିଛି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ଏଚ୍-୧ ଏନ୍-୧ ଭୂତାଣୁ କହୁଥିବାବେଳେ କିଛି ଜଣ ଏହାକୁ ଭାଇରାଲ୍ ଜ୍ୱର ବୋଲି କହୁଛନ୍ତି। ହେଲେ ସରକାରୀ ଭାବେ ଏହି ଜ୍ୱରକୁ ନେଇ କୌଣସି ସ୍ପଷ୍ଟ କରାଯାଇ ନାହିଁ। ତେଣୁ ଏହା କେଉଁ ପ୍ରକାର ଭୂତାଣୁ ବୋଲି କିଛି ସ୍ପଷ୍ଟ ହୋଇପାରୁନି। ରୋଗୀ ଡାକ୍ତରଖାନାରୁ ଓ ଔଷଧ ଦୋକାନରୁ ଥଣ୍ଡା ପାଇଁ ଉଦ୍ଦିଷ୍ଟ ଔଷଧ ଆଣି ଖାଇ ଭଲ ହୋଇଯାଉଛନ୍ତି। ଏହି ଜ୍ୱରରେ ପୀଡ଼ିତ ବ୍ୟକ୍ତି ରବୀନ୍ଦ୍ର କୁମାର ସେଠୀ କହିଛନ୍ତି, ମୁଁ ଦୁଇ ଦିନ ତଳେ ଜ୍ୱରରେ ଆକ୍ରାନ୍ତ ହୋଇଥିବାବେଳେ ପ୍ରଥମେ ଥଣ୍ଡା ଔଷଧ ଆଣି ଖାଇଥିଲି। ଦେହରେ ତାପମାତ୍ରା ଆସିବା ଓ ଦେହ ହାତ ଦରଜ ବ୍ୟଥା ହେବା ଯୋଗୁଁ ଡାକ୍ତରଖାନାକୁ ଆସି ଡେଙ୍ଗୁ ଓ ମ୍ୟାଲେରିଆ ପରୀକ୍ଷା କଲି। ହେଲେ ରିପୋର୍ଟ ନେଗେଟିଭ୍ ଆସିଛି। ଡାକ୍ତର ଥଣ୍ଡା ଔଷଧ ଦେବା ସହ ୪୮ରୁ ୭୨ ଘଣ୍ଟା ଭିତରେ ଭଲ ହୋଇଯିବ ବୋଲି କହିଛନ୍ତି। ଡାକ୍ତର ସୁବାଶିଷ ପଣ୍ଡା କହିଛନ୍ତି, ସାଧାରଣତଃ ପାଗରେ ପରିବର୍ତ୍ତନ ଆସିବା କାରଣରୁ ଥଣ୍ଡା ଜ୍ୱର ହେବା ସ୍ୱାଭାବିକ। ଏହାକୁ ନେଇ ଆଦୌ ଚିନ୍ତିତ ହେବା ଉଚିତ ନୁହେଁ। ଏହା ଭାଇରାଲ୍ ଜ୍ୱର ହୋଇଥିବାରୁ ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ନ ବ୍ୟାପିବା ନେଇ ସତର୍କ ରହିବା ଜରୁରୀ। ନଚେତ୍ ପରିବାରର ବରିଷ୍ଠ ବ୍ୟକ୍ତି ଏହି ରୋଗରେ ଥରେ ଆକ୍ରାନ୍ତ ହେଲେ ଭଲ ହେବାକୁ ସମୟ ଲାଗିବ। କାରଣ ଯୁବକଙ୍କ ତୁଳନାରେ ତାଙ୍କ ରୋଗ ପ୍ରତିରୋଧକ ଶକ୍ତି କମ୍। ଥରେ ଏହି ରୋଗର ଭାଇରାସ୍ ତାଙ୍କ ଭିତରେ ପ୍ରବେଶ କଲେ, ସଂପୂର୍ଣ୍ଣ ସୁସ୍ଥ ହେବା ପାଇଁ ୨୦ ଦିନ ସମୟ ଲାଗିବ ବୋଲି ସେ କହିଛନ୍ତି। ଭାଇରାଲ୍ ଜ୍ୱର ଅତି ସହଜରେ ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ଚାଲିଯାଉଛି। ବିଶେଷକରି ରୋଗୀ ମାସ୍କ ନ ପିନ୍ଧିଥିବାବେଳେ ରୋଗୀର ପାଖରେ ବସିବା ଓ ରୋଗୀ ବ୍ୟବହାର କରୁଥିବା ଜିନିଷ ପତ୍ରକୁ ବ୍ୟବହାର କରିବା ଦ୍ୱାରା ହିଁ ସଂକ୍ରମଣ ବୃଦ୍ଧି ପାଉଛି। ତେଣୁ କରୋନା ମହାମାରୀ ସମୟରେ ଯେଭଳି ସାମାଜିକ ଦୂରତା ଓ ମାସ୍କ ବ୍ୟବହାର ବାଧ୍ୟତାମୂଳକ ହୋଇଥିଲା, ଏବେ ସେହି ପନ୍ଥା ଆପଣାଇବା ସହ ଆକ୍ରାନ୍ତ ବ୍ୟକ୍ତି ଥଣ୍ଡା ଓ ପାରାସିଟାମଲ୍ ଭଳି ଔଷଧ ଖାଇବା ଉଚିତ୍ ବୋଲି ଡ଼ାକ୍ତରମାନେ ପରାମର୍ଶ ଦେଇଛନ୍ତି। ଏହାସହ ଗରମ ବାମ୍ଫ ନେବାକୁ ଡାକ୍ତରମାନେ ପରାମର୍ଶ କରିଛନ୍ତି। ଛୋଟ ଶିଶୁଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ସମସ୍ତେ ଏହି ଚିକିତ୍ସା ପଦ୍ଧତିକୁ ଆପଣାଇବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି।

# ଲାୟନ୍ସ କ୍ଲବ ବାଲିଆପାଳ ପକ୍ଷରୁ କୁମ୍ଭାରୀଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ଲଙ୍ଗଳେଶ୍ୱର, ୯/୦୯ (ନି.ପ୍ର): ବାଲିଆପାଳ ବ୍ଲକ କୁମ୍ଭାରୀ ଉଜ୍ଜ୍ୱଳେଶ୍ୱର ଶୈବପୀଠ ପରିସରରେ ରବିବାର ଲାୟନ୍ସ କ୍ଲବ ବାଲିଆପାଳ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଲାୟନ ତରୁଣ କୁମାର ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ରିଜନ ଚେୟାରପର୍ସନ ଲାୟନ ଭୁବନ ମୋହନ ପିଳା, ଜୁନ ଚେୟାରପର୍ସନ ଲାୟନ ଅଜୟ କୁମାର ସାହୁ,କ୍ଲବ ସମ୍ପାଦକ ଲାୟନ ତାରାକାନ୍ତ ଜେନା, ଲାୟନ ଡ଼ଃ ଗୟାରାମ ଗଙ୍ଗାଇ, ଲାୟନ ଜ୍ୟୋତିଶଙ୍କର ଭୂୟାଁ,ଲାୟନ ଅମିତ କୁମାର ପଟ୍ଟନାୟକ,ଲାୟନ ବ୍ୟୋମକେଶ ସାହୁ,ଲାୟନ ଦୀପକ କୁମାର ପ୍ରଧାନ, ଲାୟନ ଗୋପାଳ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଶୈବପୀଠ ପରିସରରେ ବେଲ, କୃଷ୍ଣଚୂଡ଼ା, ବଉଳ,ବଟ ଇତ୍ୟାଦି ଗଛ ଲଗାଇଥିଲେ।ପରିବେଶ ସୁରକ୍ଷା ପାଇଁ ଲାୟନ୍ସ କ୍ଲବର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହିତ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ବର୍ଷ ତମାମ ଚାଲିଥାଏ ବୋଲି ସଭାପତି ତରୁଣ ମହାପାତ୍ର କହିଥିଲେ।

# ମାଟି ଅତଡ଼ା ଧସି ଚିତ୍ରକୋଣ୍ଡା ଘାଟି ରାସ୍ତା ଅବରୋଧ

ମାଲକାନଗିରି, ୯/୦୯ (ନି.ପ୍ର): ମାଟି ଅତଡ଼ା ଧସି ରାସ୍ତା ଅବରୋଧ। ଚିତ୍ରକୋଣ୍ଡା ବ୍ଲକ ସମେତ ପଡ଼ୋଶୀ ଆନ୍ଧ୍ର ପ୍ରଦେଶକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଚିତ୍ରକୋଣ୍ଡା ବ୍ଲକ ଠାରୁ ମାଲକାନଗିରି ଜିଲ୍ଲା ଓ ଜୟପୁରକୁ ଯୋଗାଯୋଗ କରୁଥିବା ଚିତ୍ରକୋଣ୍ଡା ଘାଟି ମୁଖ୍ୟ ରାସ୍ତାର ଭଲଭ ହାଉସ ଛକ ନିକଟରେ ମାଟି ଅତଡ଼ା ଖସି ପଡ଼ିବାରୁ ଚିତ୍ରକୋଣ୍ଡା ବ୍ଲକ ଓ ପଡ଼ୋଶୀ ଆନ୍ଧ୍ର ପ୍ରଦେଶକୁ ଯାତାୟତ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଛି। ଗତ ଦୁଇଦିନ ଧରି ଲଘୁଚାପଜନିତ ଲାଗିରହିଥିବା ଲଗାଣ ବର୍ଷା ଯୋଗୁଁ ଗତକାଲି ଠାରୁ ରାସ୍ତାଟି ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି।

# ନାଇଜେରିଆରେ ପେଟ୍ରୋଲ ଟ୍ୟାଙ୍କରରେ ବିସ୍ଫୋରଣ: ୪୮ରୁ ଅଧିକ ଲୋକଙ୍କ ମୃତ୍ୟୁ

ନାଇଜର, ୯/୦୯ (ନି.ପ୍ର): ନାଇଜେରିଆରେ କାଲି ଦ୍ୱିପ୍ରହରରେ ଏକ ପେଟ୍ରୋଲ ଟ୍ୟାଙ୍କରରେ ହୋଇଥିବା ବିସ୍ଫୋରଣରେ ୪୮ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ନାଇଜେରିଆର ସମାଚାର ପତ୍ର ପ୍ରିମିୟମ ଟାଇମ୍ସ ମୁତାବକ, ଏହି ଦୁର୍ଘଟଣା ଉତର-ମଧ ରାଜ୍ୟ ନାଇଜରରେ ବିଦା ଅଗାଇ-ଲାପାଇ ରାଜପଥରେ ଦ୍ୱିପ୍ରହର ସାଢେ ୧୨ଟାରେ ହୋଇଛି । ନାଇଜର ଏମରଜେନ୍ସି ମ୍ୟାନେଜମେଂଟ ଏଜେନ୍ସିର ମହାନିର୍ଦ୍ଦେଶକ ଅବଦୁଲା ବାବା ଅରା ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଲାଗୋ ଅଭିମୁଖେ କାନୋ ରାଜ୍ୟର ଭୁଡିଲରୁ ଯାତ୍ରୀ ଓ ଗୋରୁ ବୋଝେଇ ଟ୍ରେଲର ଟ୍ରକ ସହିତ ପେଟ୍ରୋଲ ପୂର୍ଣ୍ଣ ଏକ ଟ୍ୟାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୪୮ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ୫୦ରୁ ଅଧିକ ଲୋକ ଜୀବନ୍ତ ଜଳିଯାଇଛନ୍ତି । ଘଟଣାସ୍ଥଳରେ ରେସକ୍ୟୁ ଅପରେସନ ଜାରି ରହିଛି ।

## ସେଲଫି କ୍ରେଜ୍



ନିଜ ଫଟୋ ଉଠାଇ ରଖିବା ହେଉ କି ସୋସିଆଲ ସାଇଟ୍‌ରେ ଅପଲୋଡ୍ କରିବାର ନିଶା, ଆଜିର ଯୁବପିଢ଼ିଙ୍କୁ ସେଲଫି ପ୍ରତି ଅଧିକ ଆକୃଷ୍ଟ କରୁଛି। ତେବେ ଏଥିପାଇଁ ସେମାନେ ମୋବାଇଲ କିଣିବା ସମୟରେ ଏହାର ଫ୍ରଣ୍ଟ କ୍ୟାମେରା ଏବଂ ଏହା ସହ ଜଡ଼ିତ ଅନ୍ୟ ଫିଚର୍ସଗୁଡ଼ିକ ପ୍ରତି ବିଶେଷ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ଏହା ବ୍ୟତୀତ ବର୍ତ୍ତମାନ ମାର୍କେଟରେ ବିଭିନ୍ନ ନାମୀଦାମୀ କମ୍ପାନୀର ସେଲଫି ଷ୍ଟିକ ମଧ୍ୟ ଉପଲବ୍ଧ। ଯାହାକି ସେଲଫି ଉଠାଇବା ପ୍ରକ୍ରିୟାକୁ ଆହୁରି ସରଳ କରିଦେଇଛି । କେବଳ ଏତିକି ନୁହେଁ ଦିନକୁ ଦିନ ସେଲଫି ପ୍ରତି ବଢୁଥିବା କ୍ରେଜକୁ ଆଖି ଆଗରେ ରଖି ବର୍ତ୍ତମାନ ଅନେକ ପର୍ଯ୍ୟଟନ ସ୍ଥଳୀରେ ମଧ୍ୟ ଆକର୍ଷଣୀୟ ଏବଂ ମନଲୋଭା ବ୍ୟାକଗ୍ରାଉଣ୍ଡ ଥିବା ସେଲଫି କର୍ନରମାନ ନିର୍ମାଣ କରାଯାଇଛି। ତେବେ ହାତରେ ମୋବାଇଲ ଥିଲେ ଯେ ଜଣେ ଭଲ ସେଲଫି ଉଠାଇ ପାରିବ ତା ନୁହେଁ, ବରଂ ପ୍ରଥମେ ଏହାର କୌଶଳା ଜାଣିବା ଦରକାର। ଯଦି ଆପଣ ବି ଭଲ ସେଲଫି ଉଠାଇବାକୁ ଚାହୁଥାନ୍ତି ତେବେ ଜାଣି ରଖନ୍ତୁ ନିମ୍ନ ଲିଖିତ ଟିପ୍ସ।

- ଫଟୋ ଉଠାଇବା ଏକ କଳା। ତେଣୁ କେବଳ ଯେ, ପ୍ରଫେସନାଲମାନେ ହିଁ ଭଲ ଫଟୋ ଉଠାଇପାରିବେ ତା' ନୁହେଁ ଆପଣ ବି ଏହାର କୌଶଳ ଶିଖି ଭଲ ଫଟୋ ଉଠାଇପାରିବେ। ତେବେ ଫଟୋ ବିଶେଷ କରି ସେଲଫି ଉଠାଇବା ସମୟରେ କ୍ୟାମେରା ଆଙ୍ଗୁଳି ଠିକ୍ ରଖିବା ସହ ହାତକୁ ମଧ୍ୟ ସ୍ଥିର ଏବଂ ଠିକ୍ ପୋଜିଶନରେ ରଖନ୍ତୁ।



- ଆର୍ଟିଫିସିଆଲ ଲାଇଟ ଅପେକ୍ଷା ନାଚୁରାଲ ଲାଇଟ ବା ସୂର୍ଯ୍ୟାଲୋକରେ ସେଲଫି ଭଲ ଆସିଥାଏ। ତେଣୁ ସେଲଫି ନେବା ସମୟରେ ଯଥା ସମ୍ଭବ ଦିନବେଳା ବାହାରେ କିମ୍ବା ଘରେ ଉଠାଉଥିଲେ କବାଟ, ଝରକା ଖୋଲା ରଖି ଉଠାନ୍ତୁ।

- ସେଲ୍ଫି ଭଲ ଆସିବା ଲାଗି ଲାଇଟ ବିଶେଷ ଜରୁରୀ। ତେଣୁ ଯଦି ଆପଣ ରାତିରେ ସେଲଫି ନେଉଛନ୍ତି ତେବେ ଫ୍ରଣ୍ଟ ଫ୍ଲାସ ବ୍ୟବହାର କରନ୍ତୁ। ଯଦି ମୋବାଇଲରେ ଫ୍ରଣ୍ଟ ଫ୍ଲାସ ବ୍ୟବସ୍ଥା ନାହିଁ ତେବେ ଯେଉଁ ସ୍ଥାନରେ ସେଲଫି ନେଉଛନ୍ତି ସେଠାକାର ବ୍ୟାକଗ୍ରାଉଣ୍ଡ ଲାଇଟ ପ୍ରତି ଗୁରୁତ୍ୱ ଦିଅନ୍ତୁ। ଏହାଦ୍ୱାରା ଆପଣଙ୍କ ସହିତ ଉକ୍ତ ସ୍ଥାନର ଦୃଶ୍ୟ ମଧ୍ୟ ସୁନ୍ଦର ଆସିବ।



- ସେଲଫି ନେବା ସମୟରେ ବ୍ୟାକଗ୍ରାଉଣ୍ଡର ସୌନ୍ଦର୍ଯ୍ୟ ଏବଂ ପରିଚ୍ଛନ୍ନତା ଦେଖିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ଅପରିଷ୍କାର ବ୍ୟାକଗ୍ରାଉଣ୍ଡ ଥିଲେ ଏହା ସୁନ୍ଦର ଫଟୋଟିକୁ ମଧ୍ୟ ଅସୁନ୍ଦର କରିବ ତେଣୁ ସର୍ବଦା ପରିଷ୍କାର ଏବଂ ସୁନ୍ଦର ବିଶେଷକରି ୱାଲ ପେଣ୍ଟିଂ କିମ୍ବା ସବୁଜ ପ୍ରାକୃତିକ ପରିବେଶରେ ସେଲଫି ନିଅନ୍ତୁ।

- ଅନେକ ସମୟରେ ଦେଖାଯାଏ ଗ୍ରୁପ ସେଲଫି ନେଉଥିଲେ ସେଥିରେ କେତେଜଣଙ୍କର ଅଧା ମୁହଁ ଆସୁଥିବା ବେଳେ ବାକି ଅନ୍ୟମାନଙ୍କର ମୁହଁ ବଙ୍କା କିମ୍ବା ଖୁବ ବଡ଼ ଆସିଥିଲା। ଏହାର ମୁଖ୍ୟ କାରଣ ହେଉଛି ବ୍ୟବସ୍ଥିତ ହୋଇ ଠିଆ ନହେବା ଏବଂ କ୍ୟାମେରାର ଆଙ୍ଗୁଳି ଠିକ୍ ଭାବେ ସେଟ୍ କରି ନ ଧରିବା। ତେଣୁ ଏସବୁ ପ୍ରତି ଗୁରୁତ୍ୱ ଦେବାକୁ ଭୁଲନ୍ତୁ ନାହିଁ।

- ସେଲଫି ଉଠାଇବା ସମୟରେ ସିରିୟସ ରୁହନ୍ତୁ ନାହିଁ କିମ୍ବା ଆର୍ଟିଫିସିଆଲ ପୋଜ ଦିଅନ୍ତୁ ନାହିଁ। କାରଣ ନାଚୁରାଲ ପୋଜ ଏବଂ ହସହସ ମୁହଁ ଆପଣଙ୍କ ସେଲଫିର ସୁନ୍ଦରତାକୁ ଆହୁରି ବଢ଼ାଇଥାଏ।

ସତର୍କତା:

ସେଲଫି ଉଠାଇବା ଲାଗି ଫ୍ରଣ୍ଟ ଫ୍ଲାସ ବ୍ୟବହାର କରୁଥିଲେ ଫୋନକୁ ମୁହଁଠାରୁ ଦୂରରେ ରଖି ଉଠାନ୍ତୁ। କାରଣ ଏହି ଲାଇଟ ଆଖି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଏହାବ୍ୟତୀତ ବର୍ତ୍ତମା ନିଜକୁ ଦୁଃସାହସିକତାର ପରିଚୟ ଦେବା ଲାଗି ହେଉ ଅବା ସୋସିଆଲ ସାଇଟ୍ସରେ ଅଧିକ କମେଣ୍ଟ ଏବଂ ଲାଇକ୍ସ ପାଇବା ଆଳରେ ଅନେକ ବିଭିନ୍ନ ବିପଦପୂର୍ଣ୍ଣ ସ୍ଥାନରେ ଠିଆ ହୋଇ ସେଲଫି ନେଉଥିବାର ଦେଖିବାକୁ ମିଳୁଛି। ତେବେ ଏଥିପାଇଁ ଅଘଟଣ ମଧ୍ୟ ଘଟୁଥିବାର ନଜିର ରହିଛି ତେଣୁ ସେଲଫି ଉଠାଇବା ସମୟରେ ନିଜର ନିରାପତ୍ତା ପ୍ରତି ଯତ୍ନଶୀଳ ହେବାକୁ ଆଦୌ ଭୁଲନ୍ତୁ ନାହିଁ।

**ଜୀବନରେ ଅଭୁଲା ମୁହୂର୍ତ୍ତ ଗୁଡ଼ିକ ସାଇତି ରଖିବା ଲାଗି ସାଧାରଣତଃ ସମସ୍ତେ ଏହାର ଫଟୋ ଉଠାଇ ରଖିଥାନ୍ତି। ତେବେ ଦିନଥିଲା ଏଥିପାଇଁ ଫଟୋଗ୍ରାଫର କିମ୍ବା ଅନ୍ୟର ସାହାଯ୍ୟ ନେବାକୁ ପଡୁଥିଲା। ହେଲେ ଆଜିର ଅତ୍ୟାଧୁନିକ ଯୁଗରେ ସ୍ମାର୍ଟଫୋନ ଗୁଡ଼ିକରେ ଥିବା ଫ୍ର[ କ୍ୟାମେରା ଏହାକୁ କରିଛି ଆହୁରି ସହଜ ଏବଂ ସରଳ। ଯେଉଁଥିଲାଗି ବ ର୍ମାନ ଅଧିକାଂଶଙ୍କ ଠାରେ ବିଶେଷକରି ଯୁବପିଢ଼ିଙ୍କ ଠାରେ ବଢ଼ିବାରେ ଲାଗିଛି ସେଲ୍‌ଫି କ୍ରେଜ୍...**

## କିପରି କରିବେ ହେୟାର ଡ୍ରାଏ



ସାମ୍ପୁ କଲାପରେ କେଶ କିପରି ଜଲଦି ଶୁଖିବ ସେଥିପାଇଁ ଆପଣ ବ୍ୟସ୍ତ। କେଶର ତେଲିଆପଣ ବି ଦୂରେଇବାକୁ ଇଚ୍ଛା। ଏଭଳି ସମସ୍ୟାର ସମାଧାନ ପାଇଁ ଅନେକ ମହିଳା ହେୟାର ଡ୍ରାୟାରର ସାହାଯ୍ୟ ନିଅନ୍ତି। କିନ୍ତୁ ଡ୍ରାଏ କରିବାର କିଛି ନିୟମ ଅଛି। ସେହି ନିୟମ ନ ମାନିଲେ କେଶର ଅନେକ କ୍ଷତିହୋଇଥାଏ।

- ଭଲ କମ୍ପାନୀରେ ହେୟାର ଡ୍ରାୟର ବ୍ୟବହାର କରିବା ସବୁଠୁ ଜରୁରୀ। ଡ୍ରାୟର ଯେମିତି ୧୮୦୦ ୱାଟରୁ ଅଧିକ ହୋଇଥିବ।

ଅତିରିକ୍ତ ବ୍ଲୋ-ଡ୍ରାଏ କଲେ କେଶର କ୍ଷତି ହେବାର ଆଶଙ୍କା ବଢ଼ିଯାଏ। ତେଣୁ ଡ୍ରାଏ କରିବା ପୂର୍ବରୁ ଜଣେ ଉପରେ ଏକ ଲେୟାର ତିଆରି କରିପାରିଲେ ଭଲ।

ଯେଉଁମାନେ ନିୟମିତ ବ୍ଲୋଡ୍ରାଏ କରନ୍ତି ସେମାନଙ୍କ କେଶ ପାଇଁ କଣ୍ଡିସନିଂର ଆବଶ୍ୟକତା ଅଧିକ।

- ବ୍ଲୋବାଏ କରିବା ପୂର୍ବରୁ ଭଲ ବ୍ରାଣ୍ଡର ହେୟାର ମାସ୍କ ବ୍ୟବହାର କଲେ ଭଲ। ବ୍ଲୋ ବାଏ କରିବା ପରଦିନ ମଧ୍ୟ ମାସ୍କ ଲଗାଇଲେ କେଶର କ୍ଷତି ଅନେକାଂଶରେ ପୂରଣ ହୋଇଯିବ।

- ତେବେ ବି କେଶରେ ଅତ୍ୟଧିକ ଗରମ ହାୱା ବାଜିବାକୁ ଦେବେନି। ହଟ ଡ୍ରାୟର କରିବା ପରେ କେଶରେ ଆଉଥରେ କୋଲ୍ଡ ଡ୍ରାୟର ମଧ୍ୟ ଦେବେ।

ଓଦା କେଶକୁ ତଉଲିଆରେ ଭଲକରି ପୋଛିବା ପରେ ବ୍ଲୋଡ୍ରାଏ କରିବେ। କେଶରୁ ଟପ୍ ଟପ୍ ପାଣି ପଡୁଥିବା ଅବସ୍ଥାରେ ଡ୍ରାୟର ଚଳାଇବେ ନାହିଁ।

- ବ୍ଲୋ-ଡ୍ରାଏ କଲାବେଳେ କେଶଠାରୁ ନିର୍ଦ୍ଦିଷ୍ଟ ଦୂରରେ ହେୟାର ଡ୍ରାୟର କରିବା ଉଚିତ। କେଶରେ ଅତି ପାଖକୁ ବ୍ଲୋଡ୍ରାଏ କରିବା ଦ୍ୱାରା କେଶ ମୂଳର ପ୍ରାକୃତିକ ତେଲ ନଷ୍ଟ ହୋଇ କେଶ ରୁକ୍ଷ ଓ ଶୁଷ୍କ ହୋଇଥାଏ।

## ରକ୍ତହୀନତା ଦୂର ପାଇଁ ସେବନ କରନ୍ତୁ ଏହି ସବୁ ଖାଦ୍ୟ

ଭାରତରେ ମହିଳାମାନଙ୍କ କ୍ଷେତ୍ରରେ ଏନିମିଆ ବା ରକ୍ତହୀନତା ରୋଗ ଅଧିକ ଦେଖାଯାଏ। ରାଷ୍ଟ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ, ଭାରତରେ ୧୫ରୁ ୪୯ ବର୍ଷ ବୟସର ପ୍ରାୟ ୫୩.୧ ପ୍ରତିଶତ ମହିଳା ରକ୍ତହୀନତାର ଶିକାର। ଏହାର ମୁଖ୍ୟ କାରଣ ସଠିକ୍ ଖାଦ୍ୟର ଅଭାବ। କେଉଁ ଖାଦ୍ୟ ଖାଇବା ଦ୍ୱାରା ରକ୍ତହୀନତା ସମସ୍ୟାକୁ ଦୂର କରାଯାଇ ପାରିବ, ଜାଣନ୍ତୁ...

ଆପଲ୍ ଏବଂ ବିଟ୍ ଜୁସ୍: ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ, ଆପଲ ଏବଂ ବିଟ୍ ଖାଇବା ଦ୍ୱାରା ଶରୀରରେ ରକ୍ତ ଅଭାବକୁ ଦୂର କରାଯାଇ ପାରିବ। ପ୍ରତିଦିନ ଗୋଟିଏ କପ୍ ଆପଲ୍ ଏବଂ ଅଧା କପ୍ ବିଟ୍ ଜୁସ୍ ପିଇବା ଦ୍ୱାରା ରକ୍ତରେ ହିମୋଗ୍ଲୋବିନ୍ ପରିମାଣ ବଢିଥାଏ। ଏଥିସହ ଟମାଟୋ ଏବଂ ଏହାର ଜୁସକୁ ମଧ୍ୟ ପିଇପାରିବେ। ଟମାଟୋ ରକ୍ତହୀନତା ଦୂର କରିବାରେ ଏକ ପ୍ରମୁଖ ପରିବା।

ପାଳଙ୍ଗ ଶାଗ: ବିଭିନ୍ନ ଶାଗ ମଧ୍ୟରୁ ପାଳଙ୍ଗ ସ୍ୱାସ୍ଥ୍ୟ ପାଇଁ ସର୍ବୋତ୍ତମ। ଏଥିରେ ପୁଷ୍ଟିକର ଉପାଦେୟ ଭରି ରହିଛି। ପାଳଙ୍ଗରୁ ମଧ୍ୟ ଆଇରନ୍ ମିଳିଥାଏ, ଯାହା ରକ୍ତହୀନତା ରୋଗୀଙ୍କ ପାଇଁ ଲାଭଦାୟକ। ରକ୍ତହୀନତା ରୋଗୀ ସର୍ବଦା ପାଳଙ୍ଗ ଶାଗ ଖାଇବା ଉଚିତ୍।

କିସମିସ୍: ରକ୍ତହୀନତାକୁ ଦୂର କରିବା ପାଇଁ କିସମିସ୍ ଖାଇପାରିବେ। ଏଥିରେ ମଧ୍ୟ ଆଇରନ୍ ଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏନିମିଆ ବା ରକ୍ତହୀନତା ଥିବା ରୋଗୀଙ୍କୁ କିସମିସ୍ ଖାଇବା ପାଇଁ ପରାମର୍ଶ ଦିଅନ୍ତି।

## ମାଂସ ପାଇଁ ପ୍ରତି ବର୍ଷ ମଣିଷ କରୁଛି ୧୦ ହଜାର କୋଟି ଜୀବହତ୍ୟା !

ସାତ୍ତ୍ୱିକ ଆହାର ଏବଂ ତାମସିକ ଆହାରକୁ ନେଇ ସର୍ବଦା ଏକ ବିତର୍କ ହୁଏ। କେଉଁ ଆହାର ସ୍ୱାସ୍ଥ୍ୟ ପାଇଁ ଭଲ ଏବଂ କେଉଁ ଆହାର ପରିବେଶ ଅନୁକୂଳ ଏହି ଚର୍ଚ୍ଚା ମଧ୍ୟରେ ସମଗ୍ର ବିଶ୍ୱବାସୀ ନିଜ ନିଜ ପସନ୍ଦର ଖାଦ୍ୟ ଖାଆନ୍ତି। ଏସବୁ ମଧ୍ୟରେ ଏକ ସୋଶାଲ ମିଡିଆ ପୋଷ୍ଟ ଭାଇରାଲ୍ ହେଉଛି, ଯେଉଁ ଭିଡିଓରେ ଦର୍ଶାଯାଇଛି ଯେ ବିଶ୍ୱବାସୀ ପ୍ରତି ବର୍ଷ କୋଟି କୋଟି ଜୀବଙ୍କ ହତ୍ୟା କରି ମାଂସ ଭକ୍ଷଣ କରୁଛନ୍ତି। ଭାଇରାଲ ଭିଡିଓ ଅନୁସାରେ, ପୃଥିବୀବାସୀଙ୍କ ମାଂସ ଚାହିଦା ମେଣ୍ଟାଇବା ପାଇଁ ପ୍ରତିବର୍ଷ ୧୦,୦୦୦ କୋଟି ଜୀବ ହତ୍ୟା ହେଉଛି। ବିଭିନ୍ନ ମାଂସ ମଧ୍ୟରୁ ସବୁଠୁ ଅଧିକା କୁକୁଡ଼ା ମାଂସ ଖାଉଛନ୍ତି ବିଶ୍ୱବାସୀ। ଆଉ ଏଥିପାଇଁ ପ୍ରତିଦିନ ୨୦ କୋଟି ୫୦ ଲକ୍ଷ କୁକୁଡ଼ାଙ୍କୁ ବଳିଦାନ ଦେବାକୁ ପଡୁଛି। ପରିସଂଖ୍ୟାନ ଉପରେ ଯଦି ନଜର ପକାଇବା ତେବେ ପ୍ରତି ଏକ ମିନିଟରେ ୧ ଲକ୍ଷ ୪୦ ହଜାର କୁକୁଡ଼ାଙ୍କୁ ବଦ୍ଧ କରାଯାଉଛି। ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ସାର୍ଡିନ୍ ପ୍ରଜାତିର ମାଛ ବର୍ଷକୁ ୧୪୦୦ କୋଟି ଖିଆଯାଉଥିବା ବେଳେ, ଚିଙ୍ଗୁଡ଼ି (ପ୍ରତିବର୍ଷ ୩୦୦ କୋଟି), ବତକ (୨୯୦ କୋଟି) ଏବଂ ଗୁଜ୍ ପକ୍ଷୀ (୨୧୦ କୋଟି)ଙ୍କ ହତ୍ୟା କରାଯାଉଛି। ଆଶ୍ଚର୍ଯ୍ୟର କଥା, ପ୍ରତିବର୍ଷ ଦୁଇ ଶହ କୋଟି ଅକ୍ଟୋପସ୍ ଏବଂ ୧୦ କୋଟି ସାର୍କ ଭୋଜନ କରୁଛନ୍ତି ବିଶ୍ୱବାସୀ। ସେହିପରି ପ୍ରାୟ ୧୫୦ କୋଟି ଘୁଷୁରିଙ୍କୁ ହତ୍ୟା କରାଯାଇଛି - ଯାହା ଗତ ୫୦ ବର୍ଷ ମଧ୍ୟରେ ତିନି ଗୁଣ ବୃଦ୍ଧି ପାଇଛି। ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ (ଡବ୍ଲ୍ୟୁଇଏଫ) ଏହାର ରିପୋର୍ଟ ଅନୁସାରେ, ଚୀନରେ ସର୍ବାଧିକ ଘୁଷୁରି ସେବନ କରାଯାଉଛି। ଅର୍ଥନୀତିର ଅଭିବୃଦ୍ଧି କାରଣରୁ ଘୁଷୁରି ମାଂସ ବିଶ୍ୱର ସବୁଠାରୁ ବଡ଼ ମାଂସ ବିକ୍ରୟ ହୋଇପାରିଛି।



ଅପରପକ୍ଷେ, ଡବ୍ଲ୍ୟୁଇଏଫ କହିଛି, ୟୁରୋପ ଏବଂ ଉତ୍ତର ଆମେରିକାରେ ମାଂସ ସେବନ ହାର ସ୍ଥିର ରହିଛି, ଏପରିକି କେତେକ ଅଞ୍ଚଳରେ ମଧ୍ୟ ହ୍ରାସ ପାଇଛି। ଜନସଂଖ୍ୟା ଦୃଷ୍ଟିରୁ ଭାରତ ଚୀନଠୁ ଆଗେଇ ଯାଇଥିଲେ ମଧ୍ୟ ବିଶ୍ୱ ପରିସଂଖ୍ୟାନ ହିସାବରେ ଭାରତରେ ସ୍ୱଳ୍ପ ସଂଖ୍ୟକ ଲୋକ ମାଂସ ଖାଉଛନ୍ତି।

ସେହିପରି ରିପୋର୍ଟ ଅନୁସାରେ, ସବୁଠାରୁ ଲୋକପ୍ରିୟ ଲାଲ ମାଂସ, ଗୋମାଂସ ସମଗ୍ର ବିଶ୍ୱରେ ୫୦ ବର୍ଷ ମଧ୍ୟରେ ପ୍ରାୟ ୨୨%କୁ ବୃଦ୍ଧି ପାଇଛି। ତଥାପି ମେଣ୍ଢାଠାରୁ ଗୋମାଂସର ଚାହିଦା କ୍ରମାଗତ ପଞ୍ଚମଥର ପାଇଁ ବୃଦ୍ଧି ପାଇଛି।

## ସମ୍ପୂର୍ଣ୍ଣ ଗଛରେ ତିଆରି ଘର

ଆମେରିକୀୟ ଆର୍କିଟେକ୍ଟ ରୋଆଲ୍‌ଡ ଗଣ୍ଡରସନ୍ ପିଲାଦିନରୁ ହିଁ ଜଙ୍ଗଲ, ବୃକ୍ଷଲତା ଆଦି ପ୍ରତି ଖୁବ୍ ଆକୃଷ୍ଟ ଥିଲେ । ସେହି ଆକର୍ଷର ଏବେ ତାଙ୍କ ପ୍ରଫେସନ୍‌ର ଆଧାର ପାଲଟି ଯାଇଛି । ଗଣ୍ଡରସନ୍‌ଙ୍କ ଅନୁସାରେ ଘର ତିଆରି କରିବା ପାଇଁ ଗଛ କାଟିବା ଦରକାର ନାହିଁ । ସମ୍ପୂର୍ଣ୍ଣ ଗଛଟିକୁ ନେଇ ମଧ୍ୟ ସୁନ୍ଦର ଘର ତିଆରି କରାଯାଇପାରେ ।ଗଛ ଡାଳକୁ ମନଇଚ୍ଛା ଆକାର ଦେବା ପାଇଁ ସେ ତା' ଉପରକୁ ଚଢ଼ି ସେହିଭଳି ଆକାରରେ ମୋଡିଦେଇଥାନ୍ତି । ଧୀରେ ଧୀରେ ଶାଖା ତାଙ୍କ ମନ ମୁତାବକ ଆକାର ଗ୍ରହଣ କରିନିଏ, ଯାହାକୁ ପରେ ଘର ତିଆରି କାମରେ ଲଗାନ୍ତି ସେ । ସେ ବିଶ୍ୱାସ କରନ୍ତି ଯେ ସିଧା ଅପେକ୍ଷା ବଙ୍କା ହୋଇଥିବା ଶାଖା ଅଧିକ ମଜବୁତ୍ । ବଙ୍କା ଶାଖାମାନଙ୍କ ସହିତ କାଠର ଏକ ମେହରାବ ବିଭିନ୍ନ ଦିଗକୁ ବିସ୍ତାର ହୋଇ ଛାତକୁ ଅପେକ୍ଷାକୃତ ଅଧିକ ସପୋର୍ଟ ଦେଇଥାଏ । ଆମେରିକା କୃଷି ବିଭାଗ ଅଧୀନରେ ମେଡିସନ୍‌ରେ ସଞ୍ଚାଳିତ ଫରେଷ୍ଟ ପ୍ରଡକ୍ଟ ଲାବୋରେଟୋରୀ ରିସର୍ଚ୍ଚ ମଧ୍ୟ ଗଣ୍ଡରସନ୍‌ଙ୍କ ସହ ଏକମତ । ରିସର୍ଚ୍ଚରୁ ଜଣାପଡିଛି ଯେ ଗଛ ସହିତ ଲାଗିଥିବା ଶାଖାର କାଠ ସେହିଭଳି ଏକ ଗଛକୁ କାଟି ବାହାର କରାଯାଇଥିବା କାଠ ତୁଳନାରେ ୫୦ ପ୍ରତିଶତ ଅଧିକ ଭାର ବହନ କରିପାରିଥାଏ । କାଟିବା ବିନା ଗୋଟା ଗଛର କାଠ ବ୍ୟବହାର କରି ଘର ତିଆରି କରିବା କାମରେ ଗଣ୍ଡରସନଙ୍କ ପତ୍ନୀ ଏମିଲିଆ ବ୍ୟାକ୍ସର ତାଙ୍କୁ ସହଯୋଗ କରିଥାନ୍ତି । ଏମିଲିଆ ସ୍ୱାମୀଙ୍କ ହୋଲ୍‌ଟ୍ରି ଆର୍କିଟେକ୍‌ଚର ଏଣ୍ଡ କନ୍‌ଷ୍ଟ୍ରକ୍‌ସନ ଫାର୍ମରେ ପାର୍ଟନର ଅଛନ୍ତି । ବିନ୍‌ସକାସିନ୍‌ରେ ଏହିଭଳି ସମ୍ପୂର୍ଣ୍ଣ ଗଛ ବ୍ରବହାର କରି ତିଆରି କରିଥିବା ଏକ ଘରେ ସ୍ତ୍ରୀ ଓ ଦୁଇପିଲାଙ୍କ ସହ ରହୁଛନ୍ତି ଗଣ୍ଡରସନ୍ । ତାଙ୍କ କହିବାନୁସାରେ ଯଦି ସେ ନିଜ ଆବଶ୍ୟକତା ପାଇଁ ଗଛ କାଟୁଛନ୍ତି ତାହା କିନ୍ତୁ ଜଙ୍ଗଲର କ୍ଷତି କରୁ ନାହିଁ । କାରଣ ସେ ଘଞ୍ଚ ବୃକ୍ଷଥିବା ସ୍ଥାନରୁ ସବୁଠୁ ଛୋଟ ଗଛଟିକୁ କାଟିଥାନ୍ତି । ଏହାଦ୍ୱାରା ସେହି ଗଛଟିର ସ୍ଥାନ ଖାଲି ହୋଇଯିବା ସହ ସେଠାକୁ ସୂର୍ଯ୍ୟକିରଣ ପଡିବାରେ ସହାୟକ ହୋଇଥାଏ ଯାହାକି ଗଛମାନଙ୍କ ପାଇଁ ହିତକର । ଅନେକଥର



ଗଣ୍ଡରସନ୍ ପୋକ ଲାଗି ବା ଅନ୍ୟାନ୍ୟ କାରଣରୁ ଆପେ ଉପୁଡି ଯାଇଥିବା ଗଛକୁ ବ୍ୟବହାର କରିଥାନ୍ତି । ସେ କହନ୍ତି ଯେ। ଗୋଟା ଗଛ ବ୍ୟବହାର କଲେ ଘର ତିଆରି ଲାଗି କମ୍ ଖର୍ଚ୍ଚ ହୋଇଥାଏ । ଯେତେବେଳେ ସେ ପ୍ରଥମ ଥର ପାଇଁ ୧୯୯୩ ମସିହାରେ ଏଭଳି ଘର କରିଥିଲେ ମାତ୍ର ୧୫ ହଜାର ଡଲାର ଖର୍ଚ୍ଚ ହୋଇଥିଲା । ବର୍ତ୍ତମାନ ବର୍ଗଫୁଟ୍, ପ୍ରତି ୧୦୦ ଡଲାର ଖର୍ଚ୍ଚ ଲାଗୁଛି । ଗ୍ରାହକ ଚାହିଁଲେ ଏଥିପାଇଁ ଥରେ ବ୍ୟବହାର ହୋଇ ସାରିଥିବା ଗଛ ମଧ୍ୟ କାମରେ ଲଗାଇପାରିବେ । ଏଭଳି ଘର ପ୍ରକୃତିର ଅତି ନିକଟତର ଅନୁଭବ କରାଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଚୀନ୍‌ର ନୂଆଚାଲ୍...

ଦକ୍ଷିଣ-ଚୀନ୍ ସାଗରରେ ନିଜର ଆଧିପତ୍ୟ ବିସ୍ତାର କରିବା ପରେ ଏବେ ଚୀନ୍ ଆରବ ସାଗର ଉପରେ ଆଖି ପକାଇଛି। ଏଥିପାଇଁ ପ୍ରଥମେ ଆଫ୍ରିକୀୟ ଦେଶମାନଙ୍କ ସହିତ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଉପରେ ଚୀନ୍ ଗୁରୁତ୍ୱ ଦେଉଛି। ନିକଟରେ ଅନୁଷ୍ଠିତ ଚୀନ୍-ଆଫ୍ରିକା ସହଯୋଗ ମଞ୍ଚର ନବମ ସମ୍ମିଳନୀ ଅବସରରେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଆଫ୍ରିକୀୟ ଦେଶମାନଙ୍କୁ ୫୧୦୦ କୋଟି ଡଲାର ସହାୟତା ଘୋଷଣା କରିବା ପରେ ବିଶ୍ୱ ଭୂ-ରାଜନୀତିରେ ନୂତନ ସମୀକରଣ ସୃଷ୍ଟି ହୋଇଛି। ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଚୀନ୍‌ର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବକୁ ପ୍ରତିହତ କରିବା ପାଇଁ ଆମେରିକା ନେତୃତ୍ୱରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅର୍ଥନୈତିକ ସମୃଦ୍ଧି ମଞ୍ଚଗଠନ ପାଇଁ ଟୋକିଓରେ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଚୀନ୍ ଅତିମାତ୍ରାରେ ପ୍ରତିକ୍ରିୟାଶୀଳ ହୋଇଥିଲା। ତେଣୁ ଏହାର ଜବାବ୍‌ରେ 'ଫୋକାକ୍'କୁ ଆହୁରି ଦୃଢ଼ କରିବା ପଛରେ ଯେ 'ବିଶାଳ ଚୀନ୍ ସାମ୍ରାଜ୍ୟ' ଆଭିମୁଖ୍ୟ ରହିଛି ତାହା କ୍ରମେ ସ୍ପଷ୍ଟ ହେବାରେ ଲାଗିଛି। 'ଫୋକାକ୍'ରେ ଭାରତ ସାମିଲ୍ ନାହିଁ କି ସିଧାସଳଖ ସେ ଦିଗରୁ ଭାରତ ପ୍ରତି କିଛି ବିପଦ ଆଶାଙ୍କା ଆପାତତଃ ନାହିଁ। କିନ୍ତୁ ଚୀନ୍‌ର ବିସ୍ତାରବାଦୀ ଆଭିମୁଖ୍ୟର ଗତ କିଛିବର୍ଷର ଉଦାହରଣ ଓ ପ୍ରତିକ୍ରିୟା ଆଧାରରେ ତର୍ଜମା କଲେ ଭାରତ ପ୍ରତି ଏବେ ବଙ୍ଗୋପସାଗର ପରେ ଭବିଷ୍ୟତରେ ଆରବ ସାଗର ପଟୁ ଚୀନ୍‌ଠାରୁ ବିପଦ ଆଶଙ୍କା ଅମୂଳକ ନୁହେଁ। ଗତ କିଛିବର୍ଷ ଧରି ଚୀନର ବିସ୍ତାରବାଦୀ ସାମରିକ ଓ କୂଟନୀତି ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅନେକ ଅସ୍ଥିରତା ସୃଷ୍ଟି କରିଛି। ଦକ୍ଷିଣ-ଚୀନ୍-ସାଗର ଅଞ୍ଚଳରେ କୃତ୍ରିମ ଦ୍ୱୀପ ସୃଷ୍ଟି ଏବଂ ସେଠାରେ ସାମୁଦ୍ରିକ ଯୁଦ୍ଧ ଜାହାଜ ଘାଟି ପ୍ରତିଷ୍ଠା କରି ଭାରତ ମହାସାଗର ଅଞ୍ଚଳକୁ ଚୀନ୍ ଅଶାନ୍ତ କରି ରଖିଛି। ଜାପାନ, ଅଷ୍ଟ୍ରେଲିଆ, ଫିଲିପାଇନ୍‌ସ, ଇଣ୍ଡୋନେସିଆ, ଭିଏତନାମ ଓ ଭାରତ ଏଥିନିମନ୍ତେ ଉଦ୍‌ବେଗ ପ୍ରକାଶ କରିସାରିଛନ୍ତି। ଆମେରିକା, ଅଷ୍ଟ୍ରେଲିଆ, ଜାପାନ୍ ଓ ଭାରତ ମିତ୍ରରାଷ୍ଟ୍ର ଗୋଷ୍ଠୀ ବା 'କ୍ୱାଡ୍' ଚୁକ୍ତି କରି ପ୍ରତ୍ୟକ୍ଷରେ ଚୀନ୍ ବିରୁଦ୍ଧରେ ପଦକ୍ଷେପ ନେବାକୁ ପ୍ରସ୍ତୁତ ହୋଇଛନ୍ତି। ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତ ସମେତ ପ୍ରାୟ ୧୭ଟି ଦେଶ ସହିତ ଚୀନ୍‌ର ସୀମା ବିବାଦ ରହିଛି କିମ୍ବା କୂଟନୈତିକ ତିକ୍ତତା ସୃଷ୍ଟି ହୋଇଛି। ସେହିପରି ଗତ କିଛିବର୍ଷ ଧରି ଆମେରିକା ଦ୍ୱାରା ଚୀନ୍ ଉପରେ ଆର୍ଥିକ ପ୍ରତିବନ୍ଧକ, ରୁଷ-ୟୁକ୍ରେନ୍ ଯୁଦ୍ଧରେ ରୁଷର ନାଟୋ ବିରୋଧୀ ପଦକ୍ଷେପକୁ ଚୀନ୍‌ର ପୂର୍ଣ୍ଣ ସମର୍ଥନ, ନାଟୋରେ ସ୍ୱିଡେନ୍, ଫିନ୍‌ଲାଣ୍ଡ ଓ ୟୁକ୍ରେନକୁ ସାମିଲ୍ କରିବା ପ୍ରୟାସ ପରିପ୍ରେକ୍ଷୀରେ ଚୀନର 'ଫୋକାକ୍' ଗୁରୁତ୍ୱକୁ ହାଲ୍କା ଭାବେ ଗ୍ରହଣ କରାଯାଇପାରିବ ନାହିଁ। ମୁଖ୍ୟତଃ ଚୀନ୍-ଆଫ୍ରିକା ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ଓ କାରବାରକୁ ସୁଦୃଢ଼ କରିବା ଲକ୍ଷ୍ୟରେ ୨୦୦୦ ମସିହାରେ 'ଫୋକାକ୍' ଗଠନ କରାଯାଇଥିଲା। ଏହି ସଂଗଠନରେ ଚୀନ୍ ସମେତ ୫୩ଟି ଆଫ୍ରିକୀୟ ରାଷ୍ଟ୍ର ସଦସ୍ୟ ଅଛନ୍ତି। ଦକ୍ଷିଣ ଆଫ୍ରିକାରେ ଚୀନ୍‌ର ପ୍ରଥମ ପ୍ରକଳ୍ପ ଭାବରେ ୧୯୭୬ ମସିହାରେ ତାଞ୍ଜାନିଆ-ଜିମ୍ବାୱେ ରେଳଲାଇନ୍ ସମାପ୍ତ ହେବା ପରେ କିଛିବର୍ଷ ଧରି ଏହି ସମ୍ପର୍କ ତାଇୱାନ୍‌ରେ ଚୀନ୍‌ର ଆଧିପତ୍ୟ ଘଟଣାକୁ ନେଇ ଶିଥିଳ ପଡ଼ିଯାଇଥିଲା। ୧୯୯୦ ଓ ୨୦୦୦ ମସିହାରେ ଚୀନ୍ ଏହି ସମ୍ପର୍କକୁ ପୁନଃବାହାଲ କରିବା ସହିତ ୨୦୦୯ରୁ ଆଫ୍ରିକା ପାଇଁ ଚୀନ୍ ସର୍ବବୃହତ୍ ବାଣିଜ୍ୟ ସହଯୋଗୀ ରହି ଆସିଛି। ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ତଥ୍ୟାନୁଯାୟୀ ୨୦୨୩ରେ ଚୀନ୍-ଆଫ୍ରିକା ବାଣିଜ୍ୟ କାରବାର ୨୮, ୨୦୦ କୋଟି ଡଲାରରେ ପହଞ୍ଚିଛି। ଚୀନ୍‌ର ସାମଗ୍ରିକ ରପ୍ତାନୀରେ ଆଫ୍ରିକାର ଭାଗ ୨୦% ଥିବା ବେଳେ ଆଫ୍ରିକା ରପ୍ତାନୀରେ ଚୀନ୍‌ର ଭାଗ ୧୬% ରହିଛି। ଏହାଛଡ଼ା ଚୀନ୍‌ର ବହୁପରିକଳ୍ପିତ ପ୍ରକଳ୍ପ 'ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍'ରେ ଆଫ୍ରିକା ପ୍ରମୁଖ ସହଯୋଗୀ। ଆରବ ସାଗର ଦେଇ ଆଫ୍ରିକୀୟ ରାଷ୍ଟ୍ରରେ 'ସିଲ୍କ ରୋଡ୍' ପ୍ରକଳ୍ପରେ ଚୀନ୍ ଇତିମଧ୍ୟରେ ୧୨, ୦୦୦ କୋଟି ଡଲାର ନିବେଶ କରିସାରିଛି। ମାନବାଧିକାର ଉଲ୍ଲଙ୍ଘନ ଅଭିଯୋଗରେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଓ ବିଶ୍ୱ ବ୍ୟାଙ୍କ ଆଫ୍ରିକୀୟ ରାଷ୍ଟ୍ରମାନଙ୍କୁ ଋଣ ସହାୟତା ଦେବାକୁ ମନା କରିଦେଇଥିବା ବେଳେ ଏହାର ସୁଯୋଗ ନେଇ ଚୀନ୍ ସେଠାରେ ବିପୁଳ ପରିମାଣରେ ପୁଞ୍ଜି ନିବେଶ କରିଛି। ଆର୍ଥିକ ଓ ପୁଞ୍ଜି ସହାୟତା ପାଇଁ ଏବେ ଆଫ୍ରିକୀୟ ରାଷ୍ଟ୍ରମାନଙ୍କ ପାଇଁ ଚୀନ୍ ହିଁ ଶେଷବିକଳ୍ପ ହୋଇଯାଇଥିବାରୁ ଚୀନ୍ ପ୍ରତି ସେମାନଙ୍କ ଆନୁଗତ୍ୟ ବଢ଼ିବା ସ୍ୱାଭାବିକ। ଅନ୍ୟଦୃଷ୍ଟିରୁ ଦେଖିଲେ ଚୀନ୍‌ର ଅର୍ଥନୈତିକ ଅଭିବୃଦ୍ଧି କୋଭିଡ୍ ମହାମାରୀ ପରେ ମନ୍ଥର ହୋଇଯାଇଛି। ତେଣୁ ଅର୍ଥନୀତିକୁ ଚଳଚଞ୍ଚଳ କରିବା ପାଇଁ ଚୀନ୍ ଏହି ବଡ଼ ସୁଯୋଗକୁ ହାତଛଡ଼ା କରିବ ନାହିଁ। ଏହାଛଡ଼ା ଚୀନର ପୁରୁଣା ଅଭ୍ୟାସ ହେଲା ବିକାଶଶୀଳ ଓ ଆର୍ଥିକ ଦୁରବସ୍ଥାରେ ଥିବା ଦେଶମାନଙ୍କୁ ଋଣଜାଲରେ ଫସାଇ ସେମାନଙ୍କୁ କୃତଜ୍ଞ ଓ ଅନୁଗତ କରି ରଖିବା। ପାକିସ୍ତାନ୍ ଓ ଶ୍ରୀଲଙ୍କା ଚୀନ୍‌ର ଏହି ଋଣ ଜାଲରେ ଫନ୍ଦି ହୋଇସାରିଥିବା ବେଳେ ଆଫ୍ରିକା ମହାଦେଶର ଅନୁନ୍ନତ ରାଷ୍ଟ୍ରମାନେ ଆଗାମୀ ଦିନରେ ସେହି ଦଶା ଭୋଗିବାକୁ ଯାଉଛନ୍ତି ବୋଲି ଅର୍ଥନୀତିଜ୍ଞ ଓ କୂଟନୀତିଜ୍ଞମାନେ ମତ ଦେଇଛନ୍ତି। ଆହୁରି ମଧ୍ୟ କୋଭିଡ୍ ମହାମାରୀ ପରବର୍ତ୍ତୀ ସମୟରେ ଚୀନ୍‌ରୁ ମୁହଁ ଫେରାଇସାରିଥିବା ବିଶ୍ୱର ପ୍ରମୁଖ ଶିଳ୍ପସଂସ୍ଥାମାନେ ସୁଲଭ ଶ୍ରମଶକ୍ତି ଓ ଭିତ୍ତିଭୂମି ସୁବିଧା ସୁଯୋଗ ହାସଲ ଲକ୍ଷ୍ୟରେ ଏବେ ଆଫ୍ରିକା ମୁହାଁ ହେଉଥିବାରୁ ତା' ପୂର୍ବରୁ ଚୀନ୍ ସେଠାରେ ନିଜର ଭିତ୍ତି ସୁଦୃଢ଼ କରିବା ଲକ୍ଷ୍ୟରେ ରହିଛି।

# ମହାସଂଗ୍ରାମର ମହାନାୟକ, ବିପ୍ଲବୀ ବାଘାଯତୀନ

ଅରୁଣ ଜେନା



ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନର ଇତିହାସ ସମଗ୍ର ବିଶ୍ୱରେ ବିରଳ ଓ ବିସ୍ମୟକର ଗାଥା । ବ୍ରିଟିଶ୍ ସାମ୍ରାଜ୍ୟବାଦରେ କବଳିତ ପରାଧୀନ ଭାରତର ମୁକ୍ତି ସଂଗ୍ରାମର ଧାରା ବିଭିନ୍ନ ପର୍ଯ୍ୟାୟ ବିପ୍ଳବ, ଖଣ୍ଡବିପ୍ଳବ, ବିକ୍ଷିପ୍ତ ବିଦ୍ରୋହ ଅବା ଅନେକ କ୍ରାନ୍ତିକାରୀ ସଶସ୍ତ୍ର ସଂଗ୍ରାମର ଆଗ୍ନେୟ ଅଧ୍ୟାୟ ଦେଇ ତ୍ୱରାନ୍ୱିତ ହୋଇଥିଲା । ଏକଥା ଭୁଲିଯିବା ଉଚିତ ନୁହେଁ ଯେ ପ୍ରାୟ ଦୁଇଶହ ବର୍ଷର ପରାଧୀନତା କାଳରେ ଆମ ସ୍ୱାଧୀନତା ଆନ୍ଦୋଳନର ସିଂହଭାଗ ସମୟ ଥିଲା - ଚରମପନ୍ଥୀ ଆନ୍ଦୋଳନର ବହୁ ଦୁଃସାହସିକ ଘଟଣା ପ୍ରବାହର ବୀରତ୍ୱଭରା କାହାଣୀ; ଯାହା ଅସୀମ ଆତ୍ମତ୍ୟାଗ, ଅମାପ ବଳିଦାନ ଓ ଅତୁଳନୀୟ ଦେଶପ୍ରେମର ଜ୍ୱଳନ୍ତ ନିଦର୍ଶନ । ଦେଶମାତୃକାର ମୁକ୍ତିଯଜ୍ଞରେ କେତେ ଶତଶତ ବୀର, ବିପ୍ଳବୀ ଯୁବଛାତ୍ର ଓ କ୍ରାନ୍ତିଦ୍ରଷ୍ଟା ଯୁବପ୍ରାଣ ମଣିଷ (ନର-ନାରୀ) ଆପଣାର ଜୀବନ ଯୌବନ, ସ୍ୱାର୍ଥ, ସମ୍ଭୋଗ ଓ ସୁଖ ସଂସାରକୁ ଭୁଲି ନିଜକୁ ଇଂରେଜ ଫୌଜ, ପୋଲିସ୍ ଓ ସେନାର ଗୁଳିଗୁଳା, ଜେଲର କାଳକୋଠରୀ, କଳାପାଣି, ମୃତ୍ୟୁର ପରୱାନା, ଗୋରା ପୋଲିସର ନିର୍ମମ ଅମାନୁଷିକ ଅତ୍ୟାଚାର, ପାଶବିକ ନିର୍ଯ୍ୟାତନା ଓ ଫାଶୀଖୁଣ୍ଟକୁ ହସିହସି ଚୁମ୍ବନ ଦେଇ ନିଜକୁ ସ୍ୱାଧୀନତାର ପଥରେ ନିଃଶେଷ କରିଦେଇଥିଲେ, ଆଜିର ଜନଗଣ ସେ କଥା କେତେଦୂର ନିଜ ଭିତରେ ଅନୁଭବ କରିପାରିବେ – କିମ୍ବା ଆମର ଇତିହାସ ତା'ର ସଠିକ୍ ହିସାବ ଦେଇପାରିବ – ତାହା ଗଭୀର ବିତର୍କର ବିଷୟ । ଭାରତର ସଶସ୍ତ୍ର ମୁକ୍ତିଯୁଦ୍ଧ ଯେତେବେଳେ ବିବେକାନନ୍ଦ, ତିଳକ ଓ ଅରବିନ୍ଦଙ୍କ ରାଜନୈତିକ ଦର୍ଶନ ଦ୍ୱାରା ଅଗ୍ରଗତି ପଥରେ ଧାବିତ ହେଉଥିଲା, ଠିକ୍ ସେତିକିବେଳେ ଅଦୂରଦର୍ଶୀ ଭାଇସରାୟ ଲର୍ଡ କର୍ଜନ୍ (୧୯୦୫) 'ବଙ୍ଗଭଙ୍ଗ' ପ୍ରସ୍ତାବ ଦେଇ ଆମ ମୁକ୍ତିସଂଗ୍ରାମ ଇତିହାସରେ ଏକ ନୂତନ ଗୌରବୋଜ୍ଜ୍ୱଳ ଅଧ୍ୟାୟ ଯୋଗ କରିଦେଲେ

ଶତ୍ରୁ ଯେତେବେଳେ ଦୁର୍ବଳ, ବ୍ୟସ୍ତ, ବିବ୍ରତ, ଭୀତତ୍ରସ୍ତ ସେତେବେଳେ ଶତ୍ରୁର ମେରୁଦଣ୍ଡ ଉପରେ ଶକ୍ତ ପ୍ରହାର ଦେଇ ଆପଣାର ଜନ୍ମଗତ ଅଧିକାର ସ୍ୱରାଜ ବା ସ୍ୱାଧୀନତା ହାସଲ କରିବା ଅସଲ ମାର୍ଗ ବୋଲି ସେଦିନ ଆମ ଦେଶର ବିପ୍ଳବୀ ଯୁବଗୋଷ୍ଠୀ ବେଶ୍ ଭଲଭାବେ ଉପଲବ୍ଧ କରିପାରିଥିଲେ । କ୍ରାନ୍ତିକାରୀ ଯୁବ-ଛାତ୍ର ଗୋଷ୍ଠୀଙ୍କ କୌଶଳପୂର୍ଣ୍ଣ ସାହସୀ ଗରିଲା ଯୁଦ୍ଧ ସାଂଗକୁ ସେନାବାହିନୀର ବିଦ୍ରୋହୀ ଶକ୍ତିଙ୍କୁ ଏକତ୍ର କରି ସମ୍ମୁଖ ସଶସ୍ତ୍ର ସଂଗ୍ରାମଦ୍ୱାରା ବହୁ ଆକାଂକ୍ଷିତ ସ୍ୱାଧୀନତା ହାସଲ କରାଯାଇପାରେ, ଏ କଥା ଆମ ଦେଶର ଅଗ୍ନିଯୁଗର ବିପ୍ଳବୀମାନଙ୍କ ସିଦ୍ଧାନ୍ତ (ଭାବନା) ଥିଲା । ସିପାହୀ ବିଦ୍ରୋହଠାରୁ ଆରମ୍ଭ କରି 'ଆଜାଦ୍ ହିନ୍ଦ୍ ଯୁଗ' ପର୍ଯ୍ୟନ୍ତ ସବୁବେଳେ ବିପ୍ଳବୀମାନେ ସେନାବାହିନୀଙ୍କୁ ସଂଗରେ ନେବାପାଇଁ ଚେଷ୍ଟା କରିଥିଲେ । ସେମାନଙ୍କର ବିଶ୍ୱାସ ଥିଲା – ସେନାବାହିନୀର ଅସନ୍ତୋଷକୁ ସାଧାରଣ ଜନତାର ଅସନ୍ତୋଷ ସହ ମିଶାଇ ଦିଆଯାଇପାରିଲେ ସଶସ୍ତ୍ର ବିପ୍ଳବ ନିଶ୍ଚୟ ସଫଳ ହେବ । ଅଠରଶହ ସତାବନରେ ଯାହା ନାନାସାହେବ, ତାନ୍ତିଆତୋପେ ଓ ମଙ୍ଗଳ ପାଣ୍ଡେ ବା ୧୯୪୩ରେ ଯାହା ନେତାଜୀ ସୁଭାଷ ଚନ୍ଦ୍ର ବୋଷ କରିଥିଲେ ୧୯୧୫ରେ ବିପ୍ଳବୀ ବାଘାଯତୀନ୍ ଓ ରାସବିହାରୀ ବୋଷ ସେୟା କରିବାକୁ ପ୍ରବଳ ଉଦ୍ୟମ କରିଥିଲେ । ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୯୧୮) ସେଇ ଘଡ଼ିସନ୍ଧି ମୁହୂର୍ତ୍ତ – ବିପ୍ଳବର ବନ୍ଧୁର ପଥରେ ଦେଶମାତୃକାକୁ ମୁକ୍ତ କରିବାଲାଗି – ଦୂରଦର୍ଶୀ - ଦୁଃସାହସୀ ନେତୃତ୍ୱ – ରାସବିହାରୀ ବୋଷ ଓ ଯତୀନ୍ଦ୍ରନାଥ ମୁଖାର୍ଜୀ, ଅରବିନ୍ଦ ଘୋଷ, ମାନବେନ୍ଦ୍ର ନାଥ ରାୟ, ବିପିନ୍ ଗାଙ୍ଗୁଲି, ମହେନ୍ଦ୍ର ସିଂ, କର୍ତ୍ତାର ସିଂ, ଭଗବାନ ସିଂ, ଜଗତ ସି. ଭୂପେନ୍ ଦତ୍ତ ( ବିବେକାନନ୍ଦଙ୍କ ଭ୍ରାତା), ବାରିନ୍ ଘୋଷ୍ (ଶ୍ରୀ ଅରବିନ୍ଦଙ୍କ ଭାଇ), ମହମ୍ମଦ ବରକତ୍‌ୱାଲା, ତାରକ ଦାସ, ଚନ୍ଦ୍ରକାନ୍ତି ଚକ୍ରବର୍ତ୍ତୀ, ଯୋଧ ସିଂହ, ଜୀତେନ୍ଦ୍ର ଲାହିରୀ, ସତ୍ୟେନ୍ ସେନ୍, ବୀରେନ୍ଦ୍ର ଚଟ୍ଟୋପାଧ୍ୟାୟ, ହରିକୁମାର ଚକ୍ରବର୍ତ୍ତୀ, ସଦାଶିବ ରାଓ, ହରଦୟାଲ, ବିଷ୍ଣୁ ଗଣେଶ ପିଙ୍ଗଲେ, ସତ୍ୟେନ୍ ବୋଷ୍, ଅତୁଲ ଘୋଷ, ସଚ୍ଚିନ୍ ସାନ୍ୟାଲ୍, ଅରୁର ସିଂ ଓ ମୌଲବୀ ଅବଦୁଲ୍ଲା ପ୍ରମୁଖ ବୀର ଯୋଦ୍ଧାଗଣ ଦେଶ ଭିତରେ ଦେଶ ବାହାରେ ଏବଂ ସର୍ବୋପରି ସେନା ବିଦ୍ରୋହର ଏକ ସଶକ୍ତ ସୁଦୃଢ଼, ସୁପରିକଳ୍ପିତ, ସର୍ବବ୍ୟାପୀ ଅତର୍କିତ ଆକ୍ରମଣ ଯୋଜନା ପ୍ରସ୍ତୁତ କରିଥିଲେ । ଏଥିପାଇଁ ଦେଶ ବାହାରେ ଜର୍ମାନୀ, ଜାପାନ, ଥାଇଲାଣ୍ଡ, ବର୍ମା, କାବୁଲ୍ ଓ ସିଂଗାପୁର ଆଦି ଦେଶରେ ଏମ୍.ଏନ୍. ରାୟଙ୍କ ଦ୍ୱାରା 'ଇଣ୍ଡିଆନ୍ ଇଣ୍ଡିପେଣ୍ଡେଟ୍ ଲିଗ୍' ଓ 'ଫେଡେରେସନ୍ ଅଫ୍ ପେଟ୍ରିଅଟ୍‌ସ୍' ଆଦି ଗୁପ୍ତ ବୈପ୍ଳବିକ ସଂଗଠନମାନ ଗଢ଼ାଯାଇଥିଲା । ବାଘାଯତୀନ୍, ରାସବିହାରୀ ଓ ମାନବେନ୍ଦ୍ରନାଥ ରାୟ ଜର୍ମାନ୍‌ର କନସଲ୍ ଥିଓଡର ହେଲଫେରିକ, ଜର୍ଜ ଥାଇବଲ ଓ ଜର୍ମାନ୍‌ର ଯୁବରାଜ ଉଇହେଲମ୍-୨ଙ୍କ ସହ ପର୍ଯ୍ୟାୟକ୍ରମେ ପ୍ରତ୍ୟକ୍ଷ ଓ ପରୋକ୍ଷ ଆଲୋଚନା କରି ବିପୁଳ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ପାଇବାର ନିର୍ଭର ପ୍ରତିଶ୍ରୁତି ହାସଲ କରିଥିଲେ । ଏଥିଲାଗି ଜର୍ମାନ୍‌ର ଏକମାତ୍ର ସ୍ୱାର୍ଥ ଥିଲା ଭାରତୀୟ ବିପ୍ଳବୀଙ୍କୁ ସାହାଯ୍ୟ ଦେଇ ଭାରତରେ ଇଂରେଜମାନଙ୍କୁ ଦୁର୍ବଳ କରାଇ ୟୁରୋପରେ ସେମାନଙ୍କ ଉପରେ ବ୍ୟାପକ ଆକ୍ରମଣ କରିବା । ୧୯୧୫ ଫେବୃଆରୀ ୧୫ରେ ଜର୍ମାନରୁ ପ୍ରେରିତ – 'ମାଭାରିକ୍' ଜାହାଜରେ ୩୦ ହଜାର ରାଇଫଲ ଏବଂ ପ୍ରତି ରାଇଫଲ ପାଇଁ ୪୨୨ ରାଉଣ୍ଡ ଲେଖାଏଁ ଗୁଳି ଏବଂ ୩ ଲକ୍ଷ ଟଙ୍କା ଆସିବାର ବ୍ୟବସ୍ଥା ହୋଇଥିଲା । ଏହି ଜାହାଜ ପୂର୍ବବଙ୍ଗରେ ଲଙ୍ଗର କରିବ । ସେଠାରୁ ଅସ୍ତ୍ରଶସ୍ତ୍ର ହୋଇ କଲିକତା, ବାଲେଶ୍ୱର ଓ ଉତ୍ତର ଭାରତରେ ତାହା ବଣ୍ଟାଯିବ । ଉତ୍ତର ଭାରତ ଏବଂ ପଞ୍ଜାବରେ ଯୁଦ୍ଧ ଆୟୋଜନ ଓ ସୈନ୍ୟଙ୍କୁ ମତାଇବା ତଥା ସାଂଗଠନିକ ଦାୟିତ୍ୱ ନ୍ୟସ୍ତ ଥିଲା ରାସବିହାରୀଙ୍କ ଉପରେ; ଆଉ ବାଘାଯତୀନ୍ ଓ କର୍ତ୍ତାର ସିଂଙ୍କ ଉପରେ ଦାୟିତ୍ୱ ଥିଲା - ପୂର୍ବ ଭାରତର ବିସ୍ତୀର୍ଣ୍ଣ ଇଲାକା - ବଙ୍ଗ, ବିହାର, ଓଡ଼ିଶା ଓ ମାଡ୍ରାସ୍ ପ୍ରେସିଡେନ୍ସି । ବିଦ୍ରୋହ କାଳରେ ବାଘାଯତିନ ଓଡ଼ିଶା ପଟୁ ସଡ଼କପଥ ଓ ରେଳପଥକୁ ବୋମା ଦ୍ୱାରା ଉଡ଼ାଇଦେଇ ମାଡ୍ରାସ୍‌ରୁ କଲିକତା ଏବଂ କର୍ତ୍ତାର ସିଂହ ବିହାର ପଟୁ ଚକ୍ରଧରଙ୍କୁ ଠାରେ ସଡ଼କପଥ ଓ ରେଳପଥକୁ ସେହିପରି ବିଚ୍ଛିନ୍ନ କରାଇ ଉତ୍ତର-ପୂର୍ବପଟୁ ଏହି ଦୁଇ ବିପ୍ଳବୀଙ୍କ ଦ୍ୱାରା ଦୁର୍ବାର ଦୁଃସାହସିକ ଅଭିଯାନ ବାହାରିବ 'ଫୋର୍ଟ ୱିଲିୟମ୍' ଦୁର୍ଗ ଅଭିମୁଖେ । ଏଇଭଳି ଭାବେ ସିଂଗାପୁରଠାରୁ ପଞ୍ଜାବ ପର୍ଯ୍ୟନ୍ତ 'ସଂପୂର୍ଣ୍ଣ ବିଦ୍ରୋହ' ର ନୀଳନକସା ଚୂଡ଼ାନ୍ତ ହୋଇଥିଲା । ସେଥିପାଇଁ ବିପ୍ଳବୀମାନଙ୍କ ମଧ୍ୟରେ ଗଭୀର ଚିନ୍ତା ଓ ଆଲୋଚନା କରାଯାଇ – ୧୯୧୩ ମସିହା ଅକ୍ଟୋବର ମାସ ଏକ ବିରଳ-ନୀରୋଳା ମୂହୂର୍ତ୍ତରେ ବଙ୍ଗର ଦକ୍ଷିଣେଶ୍ୱର କାଳୀମାତା ମନ୍ଦିର ପବିତ୍ର ପୀଠରେ ଗୋପନରେ ଯତୀନ୍ଦ୍ରନାଥ, ରାସବିହାରୀ, ବିପିନ ଗାଙ୍ଗୁଲି, କର୍ତ୍ତାର ସିଂ, ଅମରେନ୍ଦ୍ର ଚାଟାର୍ଜୀ, ମୋତିଲାଲ୍ ରାୟଙ୍କ ସମେତ 'ଯୁଗାନ୍ତର ଦଳ', 'ଅନୁଶୀଳନ ସମିତି', 'ଆତ୍ମସମ୍ଭୋଗ ବାହିନୀ' ଓ 'ବେଙ୍ଗଲ୍ ଭଲ୍ୟୁଣ୍ଟିଆର୍ ଫୋର୍ସ' ଆଦି ବୈପ୍ଳବିକ ସଙ୍ଗଠନର ଶୀର୍ଷ ନେତୃତ୍ୱଗଣ ଏକାଠି ହୋଇ - ଆସନ୍ତା ୧୯୧୫ ଫେବୃଆରୀ ୨୧ ମଧ୍ୟରାତ୍ରରେ କଲିକତାର 'ଫୋର୍ଟ୍ ୱିଲିୟମ୍ ଦୁର୍ଗ' ଉପରେ ଅତର୍କିତ ଆକ୍ରମଣ ପୂର୍ବକ ଭାରତର ସ୍ୱାଧୀନତାର ପତାକାକୁ ସଗର୍ବେ ଉତ୍ତୋଳନ କରାଇ ଦେଶକୁ ସ୍ୱାଧୀନତା ଘୋଷଣା କରାଯିବ । ଏହି କଥା ଏକ ସମୟରେ ଦିଲ୍ଲୀ, କାନପୁର, ପଞ୍ଜାବ, ସିଙ୍ଗାପୁର, ଲାହୋର, କରାଚୀ, ବମ୍ବେ, ମିରଟ, ହାଇଦ୍ରାବାଦ, ମାଡ୍ରାସ୍ ଓ କଲିକତାରେ ସଂଘଠିତ କରାଯାଇ ବ୍ରିଟିଶ୍ ଶାସନକଳକୁ କବଜା କରାଯିବ – ତତ୍‌ସହିତ ସେନାବାହିନୀରେ ମଧ୍ୟ ବିଦ୍ରୋହ ସୃଷ୍ଟି କରାଯାଇ ସଂପୂର୍ଣ୍ଣ ଭାବେ ବ୍ରିଟିଶ୍ ଶାସନତନ୍ତ୍ରକୁ ଅଚଳ କରାଇଦିଆଯିବ। ବିଦ୍ରୋହୀମାନଙ୍କ ଦଖଲକୁ ଆସିଯିବ ଦେଶର ଶାସନଭାର । ଆଉ ଅତ୍ୟାଚାରୀ ଇଂରେଜ ଶାସନର ଅବସାନ ଘଟିବ । ଫେବୃଆରୀ ୨୨ ତାରିଖରେ ଭାରତ ଦେଖିବ ନୂଆ ସକାଳ ସ୍ୱାଧୀନତାର ସୂର୍ଯ୍ୟୋଦୟ । ବିପ୍ଳବୀମାନେ ନିଜ ସାଧନାର ପୀଠ – ଯେଉଁଠି ଗୁରୁ ଶ୍ରୀରାମକୃଷ୍ଣ ଓ ବିବେକାନନ୍ଦଙ୍କ ଠାରୁ ସେମାନେ ଦେଶପ୍ରେମର ଦୀକ୍ଷା ଗ୍ରହଣ କରିଥିଲେ – ସେଇଠାରେ ହିଁ ଯୋଜନା କରି ଦେଶମାତୃକାର ମୁକ୍ତିଲାଗି ପ୍ରତିଜ୍ଞାବଦ୍ଧ ହୋଇଥିଲେ । ଆଉ ଏହି ଯୋଜନାର ଚୂଡ଼ାନ୍ତ ଅନୁମୋଦନ ଲାଗି – ପଣ୍ଡିଚେରୀ ଯାଇ ଶ୍ରୀଅରବିନ୍ଦଙ୍କଠାରୁ ଅନୁମତିପ୍ରାପ୍ତ ହୋଇ ୧୯୧୩ ନଭେମ୍ବରରେ କଲିକତା ଫେରିଆସିଥିଲେ ମୋତିଲାଲ୍ ରାୟ ।

ସବୁ ପ୍ରସ୍ତୁତି ଶେଷ ପ୍ରାୟ - ଜର୍ମାନ୍‌ରୁ ଟେଲିଗ୍ରାମ୍ ମିଳିବା ସଂଗେସଂଗେ - ସିଂଗାପୁର ଓ ରାୟମଙ୍ଗଲ ଘାଟକୁ ଲୋକ ପଠାଇ ଦିଆଗଲା । ଖବର ଆସିଲା – 'ମାଭାରିକ୍' ଜାହାଜ ଜାପାନ୍ ଉପକୂଳରେ ପହଞ୍ଚିଯାଇଛି ଏବଂ ଦିନେ ଦୁଇଦିନ ଭିତରେ ସିଂଗାପୁରରେ ପହଞ୍ଚିଯିବ । ଅନ୍ୟାନ୍ୟ କେତେକ ପଣ୍ୟସାମଗ୍ରୀ ସେଠାରେ ଖଲାସ କରି 'ମାଭାରିକ୍' ଜାହାଜ ଯଥା ସମୟରେ ପୂର୍ବବଙ୍ଗ ଉପକୂଳ ସୁନ୍ଦରବନରେ ଲାଗିବ । ଖବର ଆସିଲା ମାଭାରିକ୍ ଜାହାଜ ପହଞ୍ଚିଯାଇଛି । ସେନାପତି ବାଘାଯତୀନ୍ ଓ ରାସବିହାରୀ ହିସାବ କଲେ ଅନ୍ତତଃ ଏକ ସପ୍ତାହ ଭିତରେ ସମଗ୍ର ଦେଶରେ ଅସ୍ତ୍ରଶସ୍ତ୍ର ବଣ୍ଟନ ଶେଷ କରି ଅଭିଯାନ ଆରମ୍ଭ କରିଦେଲେ ଦୀର୍ଘଦିନର ଯୋଜନା ସଫଳ ହେବ । ଦେଶ ନିଶ୍ଚୟ ବହୁ ପ୍ରତୀକ୍ଷିତ ସ୍ୱାଧୀନତାର ସ୍ୱାଦ ଚାଖିବ । କାରଣ ମାତ୍ର ୫୦ଖଣ୍ଡ ରାଡ଼ଡ଼ା କଂପାନୀର ପିସ୍ତଲ୍ ମାଡ଼ରେ - ୧୯୧୪ ଜୁନ୍ ବଙ୍ଗଭୂଇଁରେ ବିପ୍ଳବୀମାନଙ୍କ ଆକ୍ରମଣରେ ଯେଉଁ ସରକାର ଆତଙ୍କିତ, ବିବ୍ରତ ଓ ବିଚଳିତ ହୋଇପଡ଼ିଥିଲା – ଜର୍ମାନର ୩୦ ହଜାର ରାଇଫଲ୍ ମାଡ଼ରେ ତା'ର ଯେ ଆଉ ସତ୍ତା ରହିବ ନାହିଁ - ଏକଥା ଇଂରେଜ ଶାସନକଳ ସଠିକ୍ ଭାବେ ବୁଝି ସାରିଥିଲା । କିନ୍ତୁ ହାୟରେ ଦୁର୍ଭାଗ୍ୟ – ଚରମ ବିଡ଼ମ୍ବନା - ଦୁଃଖିନୀ ଭାରତମାତା ପ୍ରତି ଭାଗ୍ୟଦେବୀ ସତେଯେମିତି ଅପ୍ରସନ୍ନା । ଅଗ୍ନିଯୁଗର ସେଇ ଅଗ୍ନିକ୍ଷରା – ରକ୍ତଝରା ବିପ୍ଳବୀ ବୀରପୁତ୍ରମାନଙ୍କୁ ଦୈବ ଉପହାସ କରି କହିଦେଲା - "ଏଇତ ଆରମ୍ଭ ମାତ୍ର, ଏତ ଗଣବିପ୍ଳବ, ଗଣବିଦ୍ରୋହର ଶୁଭାରମ୍ଭ କେବଳ। ଆହୁରି ଅନେକ ରକ୍ତ, ଅନେକ ଜୀବନ, ଅନେକ ଦୁଃଖଦପୂର୍ଣ୍ଣ ରାତ୍ରି, ଯନ୍ତ୍ରଣା ଓ ଦୁର୍ଯୋଗପୂର୍ଣ କଣ୍ଟକିତ ଲହୁଲୁହର ରାସ୍ତା ଅତିକ୍ରମ କଲେ ଯାଇ ମା' ତୋରି ମୁକ୍ତି ପାଇବ ।... ବହୁତ ଦୂରରେ ଅଛି ବଂଧୁ- ବୀରଭୋଗ୍ୟ ମାତୃଭୂମି ଭାରତର ସ୍ୱାଧୀନତା – ଏତିକିରେ ଶେଷ ହୋଇଯିବ ନାହିଁ - ସଶସ୍ତ୍ର ବିପ୍ଳବର ବିଜୟଧାରା । ସଫଳତା ଓ ସ୍ୱାଧୀନତାର ବିଜୟ ଭେରୀ ବାଜିବାକୁ ଆହୁରି ଡେରି ଅଛି । ବିଧିର ବିଧାନ ବୋଧହୁଏ ଅଲଗା କିଛି ଥିଲା । ସେଦିନ ୧୯୧୫ ଫେବୃଆରୀ ୨୧/୨୨ର ଦୁର୍ବାର ସଶସ୍ତ୍ର ଅଭିଯାନ ଯଦି ସଫଳ ହୋଇଥାନ୍ତା - ବିଶ୍ୱାସଘାତକତାର କଳାବାଦଲ ଯଦି ମୁକ୍ତିସଂଗ୍ରାମର ଆକାଶରେ ଦେଖାଯାଇନଥାନ୍ତା - ତେବେ ଭାରତବର୍ଷ ସ୍ୱାଧୀନତା ସଂଗ୍ରାମ ଇତିହାସର ସେଇଠି ଅନ୍ତ ଘଟନ୍ତା । କିନ୍ତୁ ଏ କଥା ହୋଇଥିଲେ ପରବର୍ତ୍ତୀ ଅଧ୍ୟାୟରେ ଆମେ ପୁଣି ଦେଶମାତୃକାର ଅନେକ ବୀରପୁତ୍ର – ଗାନ୍ଧୀ, ସୁଭାଷ, ସୂର୍ଯ୍ୟସେନ୍, ଭଗତସିଂ, ପ୍ରୀତିଲତା ଓ୍ୱାହିଦାର, ମାତଙ୍ଗିନୀ ହାଜିରା, ଚନ୍ଦ୍ରଶେଖର ଆଜାଦ୍, ଆସିଫାକୁଲ୍ଲା ଖାଁ, ରାମପ୍ରସାଦ ବିସମିଲା, ଉଦ୍ଧାମ ସିଂ, ଜୟପ୍ରକାଶ, ଶହୀଦ ଲକ୍ଷ୍ମଣ ନାୟକ ବା ବାଜିରାଉତ ଆଦିଙ୍କ ନେତୃତ୍ୱ, ପରାକ୍ରମ, ପରାକାଷ୍ଠା, ସଂଘର୍ଷ, ତ୍ୟାଗ ଓ ବଳିଦାନର ବିପୁଳ ମହିମାକୁ ଦେଶବାସୀ ଓ ବିଶ୍ୱବାସୀ କିପରି ବା ଜାଣିପାରନ୍ତେ?

ସେନାପତିଙ୍କୁ "ୱାନ୍-ଟୁ-ଥ୍ରୀ - ରେଡ଼ି ଟୁ ଫାୟାର – ବନ୍ଦେ ମାତରମ୍- ଭାରତମାତା କି ଜୟ" – କହିବାକୁ ଆଉ ସୁଯୋଗ ମିଳିଲା ନାହିଁ । ଯୁଗେଯୁଗେ ବେଇମାନୀ ଓ ବିଶ୍ୱାସଘାତକତାର ବଜ୍ରାଘାତରେ ଏ ଦେଶର ସ୍ୱାଧୀନତାର ରବି ବାରମ୍ବାର ଅସ୍ତମିତ ହୋଇଛି । ଦ୍ୱାଦଶ ଶତାବ୍ଦୀର ତିରୋରୀ ଯୁଦ୍ଧ ଆଉ ଅଷ୍ଟାଦଶ ଶତାବ୍ଦୀର ପଲାସୀ ଯୁଦ୍ଧର ପରିଣାମ ତା'ର ଜ୍ୱଳନ୍ତ ଉଦାହରଣ । କୃପାଲ ସିଂ ଓ ନବାବ୍ ଖାଁ ନାମକ ଦୁଇଜଣ ବିପ୍ଳବୀ ଶିବିରରୁ ଖସିଯାଇ ପୋଲିସ୍ ଆଗରେ ସବୁକଥା ଖୋଲିଦେଲେ । ସନ୍ ୧୯୧୫-ଫେବୃଆରୀ ୨୨ର ଠିକ୍ ୪ ଦିନ ଆଗରୁ । ଫେବ୍ରୁଆରୀ ୨୧/୨୨ ଦେଶବ୍ୟାପୀ ବ୍ୟାପକ ବିଦ୍ରୋହର ସବୁକଥା ପୋଲିସ୍ କାନକୁ ଚାଲିଗଲା । ବହୁ ଶ୍ରମ, ସମୟ, ତ୍ୟାଗ, ସାଧନା, ତାଲିମ ଓ ଅଧ୍ୟବସାୟର 'ଅଜେୟ' ଯୋଜନା ଭଣ୍ଡୁର ହୋଇଗଲା । ବ୍ୟାପକ ଖାଲାସୀ, ଚଢ଼ାଉ, ଗିରଫଦାରୀ, ଅତ୍ୟାଚାର ଓ ପ୍ରଚଣ୍ଡ ଦମନଲୀଳା ଆରମ୍ଭ ହୋଇଗଲା । ଆଠଜଣ ବିପ୍ଳବୀଙ୍କୁ ଫାଶୀ, ୫୦ଜଣ ବିପ୍ଳବୀ ସୈନ୍ୟଙ୍କୁ ଗୁଳି ମାରି ହତ୍ୟା, ୧୨ ଜଣ ଅଶ୍ୱାରୋହୀ ସୈନ୍ୟଙ୍କୁ ଫାଶୀ, ୨୬ଜଣଙ୍କୁ ଯାବତ୍‌ଜୀବନ ଦୀପାନ୍ତର ଦଣ୍ଡ – ଆଉ ଶତାଧିକ ଗିରଫ ହେଲେ ଇଂରେଜର ଜେଲ (କାଳ) କୋଠରୀରେ ପିଞ୍ଜରାବଦ୍ଧ ସିଂହ ଶାବକ ଭଳି । ସେନାପତି ରାସବିହାରୀ କୌଶଳ କରି ଜାପାନ୍ ଚାଲିଗଲେ – ପରାବର୍ତ୍ତୀ କାଳର ବିପ୍ଳବକୁ ସାକାର ରୂପ ଦେବାପାଇଁ ସମୟ ଓ ସୁଯୋଗର ଅପେକ୍ଷାରେ ।

ଆଉ ବାଘାଯତୀନ୍ କଲିକତା ଛାଡ଼ି ଚାଲିଆସିଲେ – ତାଙ୍କର ୫ଜଣ ସାଥୀଙ୍କ ନେଇ ପୂର୍ବର ସେଇ ବାଲେଶ୍ୱରସ୍ଥ ରେମୁଣା ହରିଗୋଲାମ ଦାସଙ୍କ କୁଟପୋଖରୀ ଆଶ୍ରମ ଓ କପ୍ତିପଦା ମହୁଲଡିହା ଜମିଦାର ମନୀନ୍ଦ୍ରନାଥ ଚକ୍ରବର୍ତ୍ତୀଙ୍କ ତାଲିମ ଶିବିର ମେଘାସନୀ ପର୍ବତମାଳାର ପାଦଦେଶକୁ। ସେତେବେଳେ ଏହି ବ୍ୟାପକ ଖାନତଲାସିରେ ଗିରଫ ହୋଇ ଯେଉଁ ବିପ୍ଳବୀ ବୀରଗଣ ଫାଶୀଖୁଣ୍ଟରେ ଝୁଲିଥିଲେ ସେମାନେ ହେଲେ କର୍ତ୍ତାର ସିଂ, ଭି.ଜି. ପିଙ୍ଗଲେ, ସୁରାଇନ୍ ସିଂ, ହରିନାମ ସିଂ, ଜଗତସିଂ, ବଖସିଲ ସିଂ ପ୍ରମୁଖ । ବାଲେଶ୍ୱର ସହର ମୋତିଗଞ୍ଜ ବଜାର ୟୁନିଭରସିଆଲ୍ ଏମ୍ପୋରିଅରୁ ପ୍ରାପ୍ତ 'କପ୍ତିପଦା' ଲିଖ ଏକ ଟୁକୁରା କାଗଜରୁ ବାଘାଯତୀନ୍‌ଙ୍କ ସଂପର୍କରେ ଖବର ପାଇ ବଙ୍ଗଳାର ଅତ୍ୟାଚାରୀ ପୋଲିସ୍ କମିଶନର ଚାର୍ଲସ୍ ଟେଗାଁଟ୍ ବାଲେଶ୍ୱର କଲେକ୍ଟର ମି. କିଲବି ସାହେବ ଓ ସର୍ଜେଣ୍ଟ୍ ରଦରଫୋର୍ଡ଼ଙ୍କ ନେତୃତ୍ୱରେ ଏକ ବିରାଟ ସେନା ଓ ପୋଲିସ୍ ବାହିନୀ କପ୍ତିପଦା ଚାଲିଲେ । ପୋଲିସ୍ କପ୍ତିପଦା ଆସିବା ଖବର ମଧ୍ୟ 'ବାଘା'ଙ୍କୁ ଅଛପା ରହିଲା ନାହିଁ । ଚାହିଁଥିଲେ ସେ କୌଶଳକ୍ରମେ ସେଠାରୁ ମଧ୍ୟ ଖସି ପଳାଇ ଯାଇପାରିଥାନ୍ତେ । କିନ୍ତୁ ତାଙ୍କର ବିଚାର ଥିଲା ସ୍ୱତନ୍ତ୍ର । ଶତ୍ରୁଠାରୁ ଭୀରୁ ପରି ପଳାୟନ ନୁହେଁ – ଶତ୍ରୁକୁ ସାମ୍ନା କରି ସମ୍ମୁଖ ଯୁଦ୍ଧରେ ପ୍ରାଣପାତ କରି ଦେଶମାତୃକାର ମୁକ୍ତିଯଜ୍ଞରେ ନିଜକୁ ଆହୂତି ଦେବା ତାଙ୍କ ଭିତରେ ଥିବା ଆତ୍ମସତ୍ତାର ଆୱାଜ୍ – "ଆତ୍ମା ମରିବୋ ଭାରତ ଜାଗ୍" ଏହି କଥା ସେଦିନ ତାଙ୍କ ମନ, ବିବେକ, ହୃଦୟ ଓ ଅନ୍ତରାତ୍ମାକୁ ବାରମ୍ବାର ଉଦ୍‌ବେଳିତ କଲା । ସେ ଦେଖିଲେ ଯେ ' ବ୍ୟାପକ ବିଦ୍ରୋହ' ପ୍ରଚେଷ୍ଟା ଆପାତତଃ ବ୍ୟର୍ଥ ହୋଇଛି । ଏତେବଡ଼ କଷ୍ଟସାଧ ଆୟୋଜନ ବିଫଳ ଯୋଗୁଁ ଦେଶର ମନୋବଳ ଭାଂଗି ଚୂରମାର ହୋଇଯାଇଛି । ଏହାର ପ୍ରତିବିଧାନ ନହେଲେ ଆଗାମୀ ବହୁବର୍ଷ ଲାଗି ଦେଶ ଉଠିପାରିବ ନାହିଁ । ସେ ଭବିଲେ ଯେଉଁମାନେ ଫାଶୀ ପାଇଲେ ସେମାନଙ୍କ ଚରମ ଆତ୍ମତ୍ୟାଗ ଖବର ଲୋକଲୋଚନକୁ ଆସିଲା ନାହିଁ – ଯେଉଁମାନେ ଜେଲ୍ ଗଲେ ସେମାନେ କେବେ ଫେରିବେ ତା'ର ସ୍ଥିରତା ନାହିଁ । ଏପରିସ୍ଥଳେ ଲୋକଙ୍କର ମନୋବଳ ଉଠିବ କେମିତି ? ତାହାର ଏକମାତ୍ର ରାସ୍ତା ଚରମ ଆତ୍ମବଳିଦାନ, ଅସୀମ ତ୍ୟାଗ, ଶୌର୍ଯ୍ୟ, ବୀର୍ଯ୍ୟ, ବୀରତ୍ୱ ତଥା ନିର୍ଭିକତାର ପରାକାଷ୍ଠା । ଆତ୍ମଗୋପନ ବା ପଳାୟନ କଲେ ଏହା ସମ୍ଭବ ହେବନାହିଁ । ଇଂରେଜମାନଙ୍କୁ ଦେଖାଇଦେବାକୁ ହେବ ଭାରତୀୟ ବିପ୍ଳବୀଙ୍କ ଶକ୍ତି, ସାମର୍ଥ୍ୟ ଓ ବୀରତ୍ୱ - ଆଉ ଦେଶବାସୀଙ୍କୁ କହିଦେବାକୁ ପଡ଼ିବ ମାତୃଭୂମିର ମୁକ୍ତିପାଇଁ ବିପ୍ଳବୀ କ'ଣ କରିନପାରେ ? ତାହାହିଁ ହେଲା, ବାଘା ସ୍ଥିର କଲେ ଯେ ପୋଲିସ୍‌ବାହିନୀର ସମ୍ମୁଖୀନ ହେବେ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




### ମୁଁ ସେହି ଝିଅଟି

**ପ୍ରଶାନ୍ତ ବ୍ରହ୍ମା**

ସେହି ଝିଅଟି ମୁଁ ଅତି ପରିଚିତ
ସଭିଙ୍କ ପାଖରେ ପରା
ତଥାପି ମନରେ ଲାଗେ କାହିଁ ଭୟ
ସୁଖ ଦିଏ ନାହିଁ ଧରା

ମୁଁ ସେହି ଝିଅଟି ପାଠରେ ଟପର
ସଭିଏଁ ପାଆନ୍ତି ଭଲ
ତଥାପି ମନରେ ଲାଗେ କାହିଁ ଭୟ
ଅନେକ ଖୋଜନ୍ତି ଭୁଲ ।

ମୁଁ ସେହି ଝିଅଟି ଅଛି ବାପଘରେ
କାଲି ଯିବି ଶାଶୁ ଘର
ମନରେ ଟିକିଏ ଜାଗଇ କଳ୍ପନା
ଗଢିବି ନୂଆ ସଂସାର ।

ମୁଁ ସେହି ଝିଅଟି କରୁଥାଏ ସେବା
ସଦା ଦେଶବାସୀଙ୍କର
ତଥାପି ମନରେ ଲାଗେ କାହିଁ ଭୟ
ସବୁଠି ଦୁଷ୍ଟ ନଜର।

ମୁଁ ସେହି ଝିଅଟି କାହାର ଭଉଣୀ
ଆଉ କାହାର ମୁଁ ଝିଅ
ବୁଝାମଣା ଯଦି ରହିବ ସଂସାରେ
ଛାଡ଼ିଯିବ ମୋର ଭୟ।

+ପଳାଶପୁର
ଖୋର୍ଦ୍ଧା

### ସାହିତ୍ୟାନୁରାଗୀ ହୋଇଛି

**ନିରଞ୍ଜନ ସାହୁ**

ସମୟ ସାରି ମୁଁ କବିତା ଲେଖିଛି
ଗଳ୍ପ ପୁଣି ସମାଲୋଚନା
ପ୍ରବନ୍ଧ, ନାଟକ, ଉପନ୍ୟାସ ସାଥେ
ଶିଶୁଲେଖା, ରମ୍ୟରଚନା ।

ଟଙ୍କା ଖର୍ଚ୍ଚ କରି ପୁସ୍ତକ ଛାପିଛି
ସାହିତ୍ୟ ସଭାକୁ ଧାଇଁଛି
ଯେତେଯେତେ ଚିଠିପତ୍ର ମୁଁ ପାଇଛି
ଆଉ ପାଇବାକୁ ଚାହିଁଛି
ପୁରସ୍କାର, ସମ୍ବର୍ଦ୍ଧନାଠାରୁ ବହୁଦୂରେ
ନାହିଁ ଟିକେ ଅନୁଶୋଚନା ।

ନାମକରା ସାହିତ୍ୟିକଙ୍କୁ ଦେଖିଛି
ସେମାନଙ୍କ ଲେଖା ପଢ଼ିଛି
ଭାଷା ସାହିତ୍ୟର ବିକାଶ ପାଇଁ ମୁଁ
ସାହିତ୍ୟାନୁଷ୍ଠାନ ଗଢିଛି
ଭାଷାରେ ସ୍ନାତକୋତ୍ତର ମୁଁ କରିଛି
ହେ ପ୍ରମାଣପତ୍ର ଲୁଚନା ।

ସାହିତ୍ୟିକ ହେବା ଲକ୍ଷ୍ୟନାହିଁ ମୋର
ଭାଷାକୁ ମୁଁ ଭଲ ପାଉଛି
ଭାଷା ପାଖେ ସମର୍ପିତ ମୁଁ ହୋଇଛି
ଭାଷାର ମହିମା ଗାଉଛି
ଭାଷାରୁ ଦୂରେଇ ଯିବାପାଇଁ ମୋତେ
କିଛି ପ୍ରଲୋଭନ ଯାଚନା ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ : ୯୯୩୮୭୪୧୫୮୩



### କୋଣାର୍କ

**ଅଜିତ କୁମାର ରାଉତ**

ଦେଖି ସ୍ତବ୍ଧ ହେଲି ଦେଖି କାରୁକାର୍ଯ୍ୟ
ଅଙ୍କିତ ପୁରୁଣା ସ୍ମୃତି
କିପରି ବଢେଇ ଥିଲେ ଅତୀତରେ
ଆଶ୍ଚର୍ଯ୍ୟର ଅନୁଭୂତି !
ବିଶ୍ୱରେ ଯାହାର କୀର୍ତ୍ତି
ଭଗ୍ନ ଅବସ୍ଥାରେ ରହିଛି ଏ ଯାଏ
ଦୁଃଖିତ କରିଲା ଅତି !!

ବାର ବରଷରେ ଦେଉଳ ନିର୍ମାଣ
କିନ୍ତୁ ଯେ, ମୁଣ୍ଡି ଅଧୁରା
ପୂର୍ଣ୍ଣ ନ କରିଲେ, ମୃତ୍ୟୁ ଦଣ୍ଡ ହେବ
ଚିନ୍ତିତ ବଢେଇ ସାରା !
ବାର ବର୍ଷର ଧରମା
ବାପାଙ୍କ ସନ୍ଧାନେ ଯାଇ ଥିଲା ତହିଁ
ନ ଥିଲା ଦେଖି ସେ ଜମା !!

ଦେଖି ଖୁସି ହେଲା ପିତାଙ୍କୁ ତାହାର
ପିତା ଯେ ଖୁସି ତାହାର
ଆନନ୍ଦ ହେଲେଟି ଥିଲେ ଯେ ବିନ୍ଧାଣି
ପୁତ୍ରକୁ ପାଇ ସଙ୍ଗର !
ଚିନ୍ତାର ଉଠେ ଜୁଆର ,
ମୁଣ୍ଡି ନ ମାରିଲେ, ହେବ ମୃତ୍ୟୁ ଦଣ୍ଡ
କରୁଛି ତାହା କାତର !!

ଜାଣିଲା ଘଟଣା କାରଣ ଧରମା
କହିଲା ବିନତି କରି
କାହିଁ ପାଇଁ ଚିନ୍ତା କରୁଛ ସମସ୍ତେ
ମୁଣ୍ଡକୁ ଦେବି ମୁ ଭରି !
ଦେଉଳ ମୁଣ୍ଡି ମାରିଲା
ଜାତି ଉଦ୍ଦେଶ୍ୟରେ ଜୀବନ ଉତ୍ସର୍ଗ
ବିନ୍ଧାଣି ଟେକ ରଖିଲା !!

ପାଷାଣ ଦେହରେ ଚାରୁ ଚିତ୍ରକଳା
ଆଶ୍ଚର୍ଯ୍ୟ ଲାଗେ ଦେଖିଣ
ଧନ୍ୟ ସେ ବିନ୍ଧାଣି ତାଙ୍କ କାରୁକାର୍ଯ୍ୟ
ବିଶ୍ୱରେ ଗର୍ବିତ ପୁଣ !
ଦେଖି ଦୁଃଖିତ ମନ,
ଭଗ୍ନ ଯେ ରହିଛି, ଆଜି ଯେ ପର୍ଯ୍ୟନ୍ତ
ମନଟା ହେଲା ଉଚ୍ଛନ୍ନ !!

ଚନ୍ଦ୍ରଭାଗା କୂଳେ ଶୋଭିତ ଦେଉଳ
ରଥ କି ସୂର୍ଯ୍ୟ ଦେବଙ୍କ
ଦେଉଳ ଆକର ରଥର ପ୍ରକାର
ମହିମା ଅଟେ ପ୍ରଭୁଙ୍କ !
କେ ବୁଝିବ ଲୀଳା ତାଙ୍କ
କଳିଙ୍ଗ ସାଗର କରୁଛି ସ୍ୱାଗତ
ଉଠୁଛି ନୀଳ ତରଙ୍ଗ !!

କେଉଁ ଦୂରାଚରୀ କରିଲା ଅବସ୍ଥା
କେଉଁ କୀର୍ତ୍ତି ନେଇ ଗଲା
ପରାଧୀନ କରି କଲା କି ହୀନସ୍ତା
ଦେଉଳର ମୁଣ୍ଡେ ଥିଲା !
ଶ୍ରୀହୀନ ତାହାକୁ କଲା
ନାହିଁ ତା ତୁଳନା ଅମୂଲ୍ୟ ଭଣ୍ଡାର
ନେଇ ତାକୁ ଚାଲି ଗଲା !!

+କଳାବାଡିଆ
ସଭାପତି ଉତ୍କଳ ସମ୍ମିଳନୀ
ଷଢେଇକଳା ଖରସୁଆଁ ଜିଲ୍ଲାର
ରାଜନଗର ବ୍ଲକ ଶାଖା ଝାଡ଼ଖଣ୍ଡ
ରାଜ୍ୟ

## ତୁ

### ସୁଧୀର ମେହେର



ସୂରୁଯ ଉଇଁଲେ ତୁ ମନେ ପଡୁ...
ସଞ୍ଜ ନଇଁଲେ ତୁ,
ରାତ୍ରର ଗାଢ ଅନ୍ଧାରରେ ବି ତୁ....
ସପନ ଭିତରେ ତୁ, ତୁ ହିଁ ତୁ....
ସମଗ୍ର ସତ୍ତାରେ ମୋର ବ୍ୟାପି ରହିଥାଉ ।

ତୋ' ବିନା ସରେ ନାହିଁ ଦିନ,
କଟେ ନାହିଁ ବସନ୍ତ,ଫଗୁଣ....
ରାତି ଦିନ ଏକା ଲାଗେ-
ସବୁକିଛି ତୁଚ୍ଛ ଲାଗେ,
ଫିକା ଫିକା ଲାଗେ ବି ଏଇ
ରଙ୍ଗବୋଳା ନୀଳ ଦିଗନ୍ତ ।

ତୋ'ଠାରୁ
କିଛି ପାଇବାର ଆଶା ନାହିଁ ମୋର,
ନାହିଁ ବି ତତେ ନେଇ କିଛି ସ୍ୱପ୍ନ,
ତଥାପି ମନ କହେ- ତୁ
ହିଁ ମୋର ସବୁକିଛି,ପ୍ରାଣର ସ୍ପନ୍ଦନ ।

କେଜାଣି,
ମୋତେ ନେଇ ତୁ କ'ଣ କ'ଣ ଭାବୁ ସତେ!
ଭାବୁ କି ମୁଁ ଗୋଟେ ପାଗଳ...
ସତ ସତ,
ପାଇବାର କିଛି ଆଶା ନ ଥାଇ
କାହାକୁ ଏତିକି ଭଲପାଇବା
ନୁହେଁ କି ଗୋଟେ ପାଗଳ ପଣ !!

ଜାଣେ,
ଏବେ ତୋ'ର ସହରରେ ଫୁଲର ଋତୁ,
ଡେଣା ତୋ'ର ବେଶ୍ ଚଳ ଚଞ୍ଚଳ,
ଆଖିରେ ନୀଳ ଦିଗନ୍ତକୁ ଛୁଇଁବାର
ଅଦମ୍ୟ ନିଶା

ତଥାପି, ନିଜର ଭାବୁଚୁ ଯଦି
କଥାଟିଏ ମନେ ରଖିଥିବୁ,
ଆଜିକାଲି ସମୟଟା ଜମା ଭଲ ନୁହଁ ।

ଦିନର ରକ୍ଷକ
ରାତ୍ରର ଭକ୍ଷକ ସାଜି ଲୁଟିନେବ
ତୋ'ଜୀବନର ସମସ୍ତ ଅଭୀପସା,
ତତଲା ନିଶ୍ୱାସରେ ତା'ର ପୋଡିଯିବ
ତୋ' ଦେହର ରଙ୍ଗୀନ ପର ସବୁ
ତୁ ଆଉ ପାରିବୁନି ଉଡି ।।

ଏଣୁଁ, ତୁ ହାତେ ମାପି ଚାଖଣ୍ଡେ ଚାଲିବୁ....
ପ୍ରତିଟି ମୋଡରେ ନିଜକୁ ଜଗି ରହିଥିବୁ
ଦୁନିଆଟା ବଡ ବେଇମାନ ,
ଏଇ ଝାଟିମାଟିର କୁଡିଆ ହିଁ ସ୍ୱର୍ଗ ତୋ'ର /
ମର୍ତ୍ତ୍ୟ ତୋ'ର,
ବାକି ସବୁ ମିଛ ମାୟା
କ୍ଷଣିକର/କଳିକର ।

ଚିଟୈଗୁଡା, ଜୁନାଗଡ଼,
କଳାହାଣ୍ଡି,ପିନ୍-୭୬୬୦୧୪
ମୋ:୯୫୮୩୫୮୮୮୮୭

## ଜୀବନ...

### ରାମଚନ୍ଦ୍ର ବେହେରା



ଏ ଜୀବନ ଏକ ଅଂକାବଂକା ନଈ
ବହୁଥାଏ ଅବିରତ
ଆତ୍ମୀୟଂକ ସହ ମଧୁର ସମ୍ପର୍କ
ବାଣ୍ଟିଥାଏ ଖୁସୀ ସ୍ରୋତ
ସମୟ ନୁହେଁ କାହାର
ଆଜିର ଦୁର୍ଦ୍ଦିନ ନହୋଇବ ଅନ୍ତ
ଏ ଆମ ଭ୍ରମ ବିଚାର।
ସମ୍ପର୍କ ଗୋଟିଏ ବେସୁରା ସଂଗୀତ
ସୁର ବଦଳାଏ କ୍ଷଣେ
କେବେ ଦେଖାଦିଏ ମୁରୁକି ହସାରେ
କେବେ ଲୋତକର ଧାରେ
ସହିବା ଶକତି ବଡ
ସାମାନ୍ୟ କଥାକୁ ପରାଣେ ଧରିଲେ

ଆସେ ଜୀବନରେ ଝଡ।
ମମତା ଡୋରୀରେ ବନ୍ଧନ ହସଇ
ସାଜି ଭବ୍ୟ ମରୁଦ୍ୟାନ
ବିଶ୍ୱାସକୁ ହୃଦେ ସାଇତି ରଖିଲେ
ଜୀବନ ହୁଅଇ ଧନ୍ୟ
ଯେ କୁହେ ନୁହେଁ ମହାନ
ବିନା ଆପତ୍ତିରେ ଯେ ଶୁଣେ ଅନ୍ୟକୁ
ସେ ଜାଣେ ଜୀବନ ମର୍ମ।
ଛାଇ ଆଲୁଅର ଖେଳ ଏ ଜୀବନ

କେବେ ଦୁଃଖ କେବେ ସୁଖ
ବିନା ଯନ୍ତ୍ରଣାରେ ନମିଳଇ ତୃପ୍ତି
କୁହେ ଆମ ଧର୍ମ ଶାସ୍ତ୍ର
ନିଶି ପରେ ଆସେ ଦିନ
କଣ୍ଟକିତ ପଥ ହୁଏ କୁସୁମିତ
ଏହା ସତ୍ୟ ଚିରନ୍ତନ।
ସତ ଓ ମିଛର ପରିଧି ମଧ୍ୟରେ
ସପନ ଆସେ ଜୀବନେ
ମରୀଚିକା ସମ ଲୁଚିଯାଏ ଧୀରେ
ଦୁଃଖ ସୁଖ ଦେଇ ପ୍ରାଣେ
କେହି ନୁହଁନ୍ତି କାହାରି
ସଂସାର ମଂଚରେ ଅଭିନୟ ସାରି
ଭବୁ ହେବା ସର୍ବେ ପାରି।

♥ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ବୟସ

### ଗଜାନନ ମିଶ୍ର



କେତେଜଣ ସାଙ୍ଗ
ଦରକାର ପ୍ରକୃତରେ
ବଂଚିବାକୁ ହେଲେ
ଖୁସିରେ!

କେତେକଣ ରହିପାରେ
ପାଖରେ ଯିବାବେଳେ
ସକାଳେ ସଂଜେ
ପାଣିର ଦୋଳିରେ!

କେତେ ରଙ୍ଗେ
ହୁଏ ରଙ୍ଗେଇ କିଏ
ମାଟିରେ ଆକାଶରେ!
କେତେକଣ କହିଯାଏ
ପବନ ସହ ଦୋସ୍ତି କରି
ଆଉ ହଜେ ସବୁ ନିଆଁରେ।

କୋଉଠି କିଏ ଦେଖି ଶୁଣି
କଲାବେଳେ ହିସାବ
ଜାଗାକୁ ଜାଗା ବଦଳେ
ସଂଖ୍ୟା ଆଉ ଅକ୍ଷର।
ଆଲୁଅ ଆଉ ଅନ୍ଧାର

ଉଭୟେ ମିଶି
କରୁଥିଲାବେଳେ ନାଟକ
ବଦଳେ ଦୃଶ୍ୟ।

ବଦଳ ଦୃଶ୍ୟ ଭିତରେ
ଥାଏ କିଏ ପାଖରେ!
ଖୋଜିଲାବେଳକୁ ନ ଥାଏ
ସମୟ, ବୟସ।
ଫିଟୁଥାଏ ଗଣ୍ଠି ଆଉ
ବିଦାୟ କହୁଥାଏ ହସ।

♥ତପୋବନ,
ଟିଟିଲାଗଡ - ୭୬୭୦୩୩

## ସତ

### ମମତା ବେହେରା



ରୁନ୍ଧି ହେଇ ଯାଉଛି ନିଃଶ୍ୱାସ
ଗିଳି ଦେଉଛି ଅଧର୍ମ
ଗୋଡ ଦିଇଟା ଛଟପଟ
ଆର୍ତ୍ତଚିତ୍କାର
ରକ୍ଷାକର ରକ୍ଷାକର
ହେଲେ କିଏ ଶୁଣୁଛି
ବା ଶୁଣିବ କିଏ
ଏ କଥା ସତରେ ...!!

ଆଖିରେ ତ ଅନ୍ଧର ପଟି
ଦେଖିବ ବା କେମିତି
କରୁଣ ଦୃଶ୍ୟ ସତର
ସେ ତ ନିଃଷ୍ଫଳ, ନିଶବ୍ଦ

ନ୍ୟାୟର ଅଧିକାରୀ ମାଗେ ବାରବାର
ପ୍ରମାଣ ଉପରେ ପ୍ରମାଣ ....!!

ଆଲୋଅକୁ ଆଡ଼କରି ଅନ୍ଧାର
କେତେ କିଛି ନ କରେ ଯେ
ବନ୍ଦୀକରି ରଖି ଦିଏ
ଚୁପ୍ କରି ବସାଇ ଦିଏ
ପ୍ୟାକେଟରେ ରଖି ଚାବି
ଆଉ ମୁକ୍ତ ଆକାଶ ତଳେ ଘୁରି ବୁଲେ

ଯେମିତି ଏ ସାରା ରାଇଜ ତାରି...!!

କହିବ କିଏ
ବା କହିବ କାହାକୁ
ମୁହଁ ଖୋଲିଲେ ତ
ଖାଇବ ପ୍ରହାର
ଆରୋପ ଉପରେ ଆରୋପ
ଦଫା ଉପରେ ଦଫା
କାହିଁ କେତେ କଣ ଲାଗି ଯିବ...!!

ଏଠି ଧର୍ମର ଦୁହାଇ ଦିଏ ଯିଏ
ସେ ବି ତ କହିପାରେ ମିଛ
ଆଉ ମିଛକୁ ମାଳା କରି
ଜପ କରେ ଦିନ ପ୍ରତିଦିନ ସତର....!!

♥ବାଲେଶ୍ୱର

## ବଞ୍ଚିବାର ପ୍ରୟାସରେ

### ଅନସୂୟା ପଣ୍ଡା



ଚାଲୁଚାଲୁ କେବେ ଋତୁ ବଦଳେ
ବିନ୍ଦୁବିନ୍ଦୁ ନୀଳ ଆଶା ଉଜ୍ୱଳେ
ଅଜାଣତେ ମନର ଗହିର ବିଲରେ
ବିଲୋଳ ଆନନ୍ଦେ ପ୍ରେମିଳ ଭାବନାରେ ।

ଖଣ୍ଡଖଣ୍ଡ ବାଦଲରେ
ବର୍ଷାର ଅନୁରାଗରେ
ମହକେ ଶ୍ୟାମଳ ଖେତ ମାଟିର ଶେଯରେ
ଭାବନା ସବୁ କଅଁଳେ ଦୁଇପତ୍ର ମେଳେ।

ଜୀବନ ରାସ୍ତାରେ
ଜମାଟ ବାନ୍ଧିଥିବା ସମୟ ସବୁ

ତରଳେ ବର୍ଷାର ନିଃଶବ୍ଦ ରାତିରେ
ଡୋଳେ ନିକ୍ୱଣ ଧ୍ୱନି ସବୁ
ଟୁପୁରୁ ଟୁପୁରୁ ଶବ୍ଦରେ।

ଦେହ ସାରା ଖେଳିଯାଏ
ଆକାଶେ କମ୍ପନ
କାନରେ ଗୁଞ୍ଜରେ ସୁଲୁସୁଲୁ ଶୀତଳ ପବନ
ସେ ଅର୍ଦ୍ଧଭଗ୍ନ ସ୍ୱପ୍ନ ବାହ୍ୟ ଜଗତରେ।

ଜୀବନ ଯାତ୍ରାରେ ଏମିତି ବି ହୁଏ
ପାଣି ଫୋଟକାଟେ ପରି
ଆଶା କେତେ ଅବେଳରେ ଛାଡିଯାଏ
ପୁଣି ବତୁରେ ଅସ୍ଥିର ଚିତ୍ତରେ
ଅପ୍ରାପ୍ତି ନୈରାଶ୍ୟ ଶୁଷ୍କ ଦେହରେ।

ଜଳୁଥାଏ ଆଭ୍ୟନ୍ତର ବିଲକ୍ଷଣରେ
ଯାତନାର ଅଝଟ ନିଆଁରେ
ଋତୁ କଡ ଲେଉଟାଉ ଥାଏ
ଅନ୍ଧାରରେ ଅପୂର୍ଣ୍ଣତା ଅନୁଭବରେ
ଆଗୋଉଥାଏ ଜୀବନ ପାର୍ଥିବ ଜଗତେ
ବାଧବାଧକତାରେ ବଞ୍ଚିବାର ପ୍ରୟାସରେ।

♥ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

## ଗଜଲ୍

### ତାରାପ୍ରସାଦ ଜେନା



ମହୁ ମୁହାଣରେ ଅଳି ଲାଗି ନାହିଁ ମୁଁ ଏକ ଚିହ୍ନଟ ଅଳି
ତୁମ ଓଠଧାର ମହୁ ଚାଖିବାକୁ ମୁଁ ଏକ ଅଝଟ ଅଳି !
ତୁମ ପ୍ରେମ ନଈ ମୁଁ ବୁଡ଼ିଗଲି ତୁମର ଉଦ୍ଧାର ପାଳି
ତୁମ ନଜରକୁ ପ୍ରେମିକଟେ ହେଲି ମୁଁ ଏକ ନିପଟ ଭଳି !
ମଧୁଚନ୍ଦ୍ରିକାରେ ଭାବେ ଚନ୍ଦ୍ରହାସ ମରମେ ଯାଉଛ ଝଳି
ଭରା ଯଉବନ ପ୍ରେମ ବନ୍ଧୁକରେ ମୁଁ ଏକ ଝପଟ ଗୁଳି !
ସାରା ଦେହମନ ତୁମ ଇସାରାକୁ ଖୋଜୁଛି ପ୍ରେମର ଗଳି
ବାହୁ ବନ୍ଧନରେ ଭିଡ଼ି ରଖିବାକୁ ମୁଁ ଏକ ଉଚ୍ଚାଟ ତାଳି !
'ତାରା' ଭଲ ଲାଗେ ତୁମ ଲାଜମିଶା ଛୋଟିଆ ନରମ ଗାଳି
ନିଶି ବିଜନରେ ତୁମ ଲାଗି ପରା ମୁଁ ଏକ ଆକଟ ଛଳି !

♥ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬, ଓଡ଼ିଶା
ମୋ:୯୩୪୮୦୫୪୩୦୦

## ଦୁନିଆଁ

### ବିଜୟ କୁମାର ପଣ୍ଡା



ଖୋଳପା ଭିତରୁ ବାହାରି ଦେଖ
ଦୁନିଆଁ କେଡ଼େ ସୁନ୍ଦର ।
ସାହାଯ୍ୟର ହାତ ବଢ଼େଇ ଦେଖ
ଉପର ବାଲା ବି କେଡ଼େ ଉଦାର ।

♥ସମ୍ପାଦକ -'କନକ ଲତା',
ଭର୍ଥୁର୍, ବାଙ୍ଗାଲୋର,
ମୋ:୯୭୩୯୫୯୧୮୧୬

## ମନେପଡେ ମାମୁଁ ଘର

### ହରେରାମ ପଣ୍ଡା



ନଈ ସେପାରିରେ ଛୋଟିଆ ଗାଆଁଟି
ଯେଉଁଠି ଆମର ମାମୁଁଘର,
ବିଲ ବଣ ଘେରା କେତେ ମନୋହର
ଲାଗେ ସତେ କେତେ ଆପଣାର ।
ଆମ ଅଜାଆଇ ଆଉ ମାମୁଁ ମାଇଁ
କେତେ ଯେ ନିଆରା ତାଙ୍କ ସ୍ନେହ,
ଯେତେ ବି ଦୂରେଇ ରହିଲେ ଯେଉଁଠି
ଆଖିରେ ନାଚୁଛି ସେହି ମୁହଁ ।
ଆମକୁ ଥରୁଟେ ଦେଖିଦେଲେ ଆଇ
ପାଦ ତା ନଲାଗେ ବସୁଧାରେ,
ମାମୁଁ ମାଇଁ ଦୁହେଁ ଚୁମା ଦେଇ ମୁହେଁ
କୋଳେଇ ନିଅନ୍ତି ଶରଧାରେ ।
କି ସୁନ୍ଦର ଆହା ମାଇଁଙ୍କ ରାନ୍ଧଣା

କେବେ ମନୁ ଭୁଲି ହୁଏନାହିଁ,
ବାଡିରୁ ପିଜୁଳି, ଆମ୍ବ, ଜାମୁକୋଳି,
ଅଜା ଆଣିଥାନ୍ତି ଆମପାଇଁ ।
ପରବ ଦିନରେ ଆଇ ଗଢିବସେ
ଆରିସା, କାକରା, ପୋଡପିଠା,
ଚିନୁ, ସାନୁଙ୍କର ଥଟ୍ଟାମଜା କଥା
ଲାଗଇ ସତରେ କେତେ ମିଠା ।
ରଜ ପରବରେ ପଟାଝୁଲି ଖେଳ
ମନରେ ରହିଛି ଆଜିଯାଏ,

ଆଇ ହାତଭଙ୍ଗା ରଜ ଖିଲିପାନ
କେବେ କି ମନରୁ ଭୁଲିହୁଏ ?
ମାମୁଁଘର ଗାଆଁ ମଙ୍ଗଳା ଯାତରା
ନ ଦେଖିଲେ ମନ ବୁଝେନାହିଁ,
ଯାତରାକୁ ନେଇ କିଣିଦିଏ ଆଇ
କଣ୍ଢେଇ ଖେଳଣା ଆମପାଇଁ ।
ସଞ୍ଜବେଳେ ଆଇ ପାଖରେ ବସେଇ
ବୁଢ଼ୀ ଅସୁରୁଣୀ ଗପ କହେ,
ମାମୁଁ ମାଇଁଙ୍କର ସ୍ନେହ ଶରଧାରେ
ମନ ତ ଆମର ପୂରିଯାଏ ।
କେବେ ବି ମନରୁ ଭୁଲି ହୁଏନାହିଁ
ହେଉ ପଛେ ଆମେ ଯେତେ ବଡ଼,
କାହିଁକି କେଜାଣି ଶୟନେ ସ୍ୱପନେ
ମନେପଡେ ଆମ ମାମୁଁଘର ।

♥ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ, ଯାଜପୁର
ମୋ:୯୪୩୮୦୬୫୧୯୫

## ପ୍ରେମଧାରା

### ନୀଳାମ୍ବର ପଣ୍ଡା



ପ୍ରେମ ତୁମେ
ଜୀବ ପ୍ରକୃତିର ଅବିସମ୍ବାଦିତ
ଆଦିମ ଅଭିପ୍ସା ଆରଣ୍ୟକ ନିଶା
ପ୍ରବୃତ୍ତିର ଉଷ୍ଣ ନିଆଁ
ଦୈହିକ ଆସକ୍ତ ଭାବାଭିଭୂତରେ
ମନକୁ ଉଷ୍ମେଇ ଚିତ୍ତ କୁହୁଳାଇ
ହୃଦରୁ ହୃଦକୁ ଡିଆଁ ।

ପ୍ରେମ ତୁମେ
ଅନ୍ତରଙ୍ଗତାର ନିବିଡ ମୁହୂର୍ତ୍ତେ
ଅବୁଝା ଅବାଧ ନୀଳତୃଷ୍ଣାଟିଏ
ଅଣାୟତ ତୁମ ଗତି
ଦେହରୁ ଦେହକୁ ସ୍ପର୍ଶ ଅନାୟାସେ
ପ୍ରୀତି ରୋମାଞ୍ଚରେ ରମ୍ୟୋଦ୍ଦିପନରେ
ଉସୁକାଅ ରତିରୀତି ।

ପ୍ରେମ ତୁମେ
ଛଳାଭିସନ୍ଧିରେ ସ୍ୱାର୍ଥାଭିପ୍ରେତରେ
ମରୁ ମରିଚିକା ଭ୍ରାନ୍ତ କୁହୁଟିକା
ବାଟବଣା ଜହ୍ନରାତି
ମିଛ ସମ୍ପର୍କର ନାଟ୍ୟାଭିନୟରେ
ମାୟାରେ ମତାଇ ଭ୍ରମରେ ଭୁଟାଇ
ଲୁବ୍ଧେ ମୋହିଥାଅ ମତି କ୍ଷକ୍ଷ

ପ୍ରେମ ତୁମେ
ଅସ୍ୱଚ୍ଛ ମନନେ କଳୁଷ ଚିନ୍ତନେ

ନୀତିରୀତି ହୀନ ପରକୀୟ ମଗ୍ନ
ବଞ୍ଚନାର କଳାକୃତି
ସରଳ ନିଷ୍ପାପ ହୃଦୟେ ନିବେଶି
ବିରହେ ଜଳାଅ ଲୁହରେ ଭିଜାଅ
ଉପୁଜାଇ ଅପକୀର୍ତ୍ତି ।

ପ୍ରେମ ତୁମେ
ଜୀବନଦର୍ଶନେ ନିବିଡେ ନିହିତ
ଅଢେଇ ଅକ୍ଷର ଶବ୍ଦଟିଏ ମାତ୍ର
ଜୀବତତ୍ତ୍ୱେ ସାରଭୂତ
ସ୍ୱଚ୍ଛ ପୂତ ସତ ଆସ୍ଥା-ବିଶ୍ୱାସରେ
ଶାଶ୍ୱତିକ ଧାରା ଚିର ମଧୁକ୍ଷରା
ସ୍ୱତଃସ୍ଫୂର୍ତ ନିର୍ଝରିତ ।

♥ହାଉସ ନଂ- KC-07
କୋକିଳ କଟେଜ୍, ପ୍ରଧାନସାହି,
ଭୁବନେଶ୍ୱର- ୭୫୧୦୦୨
ମୋ: ୭୬୮୧୦୨୧୮୩୦

## ହଳେ ଆଖି

### ଶୁଭେନ୍ଦୁ ମେହେର



ତା' ହଳେ ଆଖି ଭିତରେ
ମୁଁ ଦେଖୁଥିଲି ପ୍ରଗଳ୍ଭ ସମୁଦ୍ର,
ତା' ଆଖି ପଟଳରେ
ଗୋଧୂଳିର ଅସ୍ତରାଗ !
ହଳେ ଭୃଲତା ତଳେ
ପ୍ରକୃତିର ଅପୂର୍ବ ବର୍ଣ୍ଣରାଗ ।

ତା' ଭାବପ୍ରବଣତାର
ରିକ୍ତ ଆଞ୍ଜୁଳାରେ
ଅସହାୟତାର ଅମାପ ମୋକ୍ଷ,
ପାଇବା ଆଉ ହରେଇବା ଭିତରେ
ଜଡ଼ ସବୁ ଜୀବନ୍ୟାସ ପ୍ରତ୍ୟକ୍ଷ ।

ସେ' ସ୍ୱପ୍ନଦେଖେ ଅହର୍ନିଶ
ନୂତନ ପୃଥିବୀର !

ସେ' ଆଖି ଖୋଲିଲେ
ସକାଳ ହୁଏ ଆଉ ମୁଦିଲେ ସଞ୍ଜ ବି !!

ସେଇ ହଳେ ଆଖି ଭିତରେ
ମୁଁ ଦେଖେ,
ନିଦର ଗାଢ଼ତା
ସ୍ୱପ୍ନର ବାସ୍ତବତା
ପ୍ରେମର ପବିତ୍ରତା
ମମତାର ମଧୁରତା
ହୃଦୟର ସରଳତା
ଦୁଃଖର ସହନଶୀଳତା
ଆଉ........ ଲୁହର ଚିରସ୍ରୋତା ।

ସେ' ଆଖିର ସହରେ
ମାଟିରୁ ଆକାଶ ଛନ୍ଦାୟିତ !
ଅନ୍ଧକାରରୁ ଆଲୋକ ପରିବ୍ୟାପ୍ତ !!
କୋହ ଆଉ ମୋହ ଲୁକ୍କାୟିତ ।

ସେଇ ହଳେ ଆଖି,
ରାତିକୁ ସ୍ୱପ୍ନ ଦେଖାଏ
ନିଦକୁ ହଜାଇ ନିଏ
ଚାହାଣି ଭିତରେ କାହାଣୀ କୁହେ ।

ଗରମ ନିଶ୍ୱାସକୁ
କ୍ଷଣିକରେ ନରମ କରେ,
ତା' ଦୃଶ୍ୟ, ଦର୍ଶନରେ ।
ସେ ଆଖିରେ
ବିଭୋର ସବୁ ସ୍ୱର୍ଣ୍ଣିମ ସକାଳ !
ମୁଁ କିନ୍ତୁ,
ନିର୍ବାସନ ଭୋଗୁଥାଏ ଚିରକାଳ ।।

♥ଯାଲୋଏ, ସୁବର୍ଣ୍ଣପୁର

## ଚାଲ ଆଉଥରେ ଲେଖିବା

### ବିଶ୍ୱନାଥ କର



ଚାଲ ଆଉଥରେ ଲେଖିବା
ସବୁ ମନ୍ଦିର ଗାତ୍ରରେ ତୋ ଆଉ ମୋ ନାଁ
ଚାଲ ଆଉଥରେ ଲେଖିବା
ତୋ'ର ମୋ'ର ପ୍ରଥମ ପ୍ରେମ ପତ୍ର
ରଫ୍ ଖାତାରୁ କାଗଜ ଚିରି ।

ଆଉଥରେ ଜହ୍ନ ଆଲୁଅରେ
ସଂଳାପ ଘୋଷିବା ସେଇ ଅଢ଼େଇ ଅକ୍ଷର
ଅସ୍ତଗାମୀ ସୂର୍ଯ୍ୟର ପାଣିଚିଆ ଲାଲିମା
ନୀରବତାରେ କଥା କହୁଥିବ

ତମ ନୀଳ ନୟନରେ ଛଳ ଛଳ
ହେଉଥିବ ପ୍ରେମ ।

ଆଉଥରେ ହଜେଇଦେବା ସବୁ ନିଦ
ନୂଆ କରି ଦେଖିବା ସ୍ୱପ୍ନ ନୂଆ ଆଶାରେ
ନୂଆ କରି ଗଢିବା ବାଲିଘର
ଝଡ ଆସୁଥିବ
ପୁଣି ଚାଲି ଯାଉଥିବ

ତୋ ହସରେ ଭଉଁରି ଖେଳେଇ ପୁଣି
ଲେଖୁଥିବ ପ୍ରେମପତ୍ର ।

ନୂଆକରି ଫୁଟିବ ତମ ବାଡିର ଚମ୍ପାଗଛ
ଫଗୁଣର ଆଦ୍ୟ ଆଗମନେ
ମୋ ଠିକଣା ଲୋଟୁଥିବ କୃଷ୍ଣଚୂଡା ଡାଳେ
ଆମ ହସରେ ମିଠା ମିଠା ପାଲଟିଯିବ
ପବନ
ଏଇମିତି ଦିନ ଆସି ଯାଉଥିବ
ଫୁଲ ଫୁଟି ଝରୁଥିବ
ଚାଲ ଆଉଥରେ ଲେଖିବା ଆମେ
ପୁରୁଣା ଇତିହାସକୁ ନୂଆ କରି ।

♥ ସାଇ କଲୋନୀ, ଦେଉଳସାହି,
ତୁଳସୀ ପୁର କଟକ-୭୫୩୦୦୮
ମୋ:୯୭୭୬୩୩୨୬୩୯

# ବିଶ୍ୱ ଐତିହ୍ୟ, ଶକ୍ତି ପୀଠ ଓ ପର୍ଯ୍ୟଟନସ୍ଥଳ ପୁସ୍ତକ ଲୋକାର୍ପିତ



ବାଲିଆପାଳ , ୯/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପାରୁଳିଆ ଛକ ନିକଟ ଦୁର୍ଗା କଲ୍ୟାଣ ମଣ୍ଡପରେ ରବିବାର ଅବସରପ୍ରାପ୍ତ ପ୍ରଫେସର କୁଞ୍ଜକାନ୍ତ ପାତ୍ରଙ୍କ ଲିଖିତ ' ବିଶ୍ୱ ଐତିହ୍ୟ, ଶକ୍ତି ପୀଠ ଓ ପର୍ଯ୍ୟଟନ ସ୍ଥଳ ' ପୁସ୍ତକବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ଲୋକାର୍ପିତ ହୋଇଯାଇଛି । ବରିଷ୍ଠ ନାଗରିକ ପରିଷଦ ସଭାପତି ନାରାୟଣ ପ୍ରସାଦ ସାହୁ ଏଥିରେ ଅଧକ୍ଷତା କରିଥିବା ବେଳେ ଏହି ଉତ୍ସବରେ ମୁଖ୍ୟ ଅତିଥି ପ୍ରଧାପକ ବିପିନ୍ ବିହାରୀ ବିଶ୍ୱାଳ, ମୁଖ୍ୟ ବକ୍ତା ବ୍ରଜେନ୍ଦ୍ର ନାଥ ଗିରି, ସମ୍ମାନିତ ଅତିଥି ବାଲିଆପାଳ ଥାନା ଅଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଁ,ଅଧାପକ ଦୟାନନ୍ଦ ସାହୁ, ଡଃ ବିଜୟ କୁମାର ଦେ, ପୂର୍ବତନ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଦାସ , ବାଲିଆପାଳ ଇତିହାସର ଲେଖକ ଡଃ ସୁକାନ୍ତ ଗିରି, ଡଃ ଅଜିତ୍ କୁମାର ମହାନ୍ତି,ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ସାମ୍ବାଦିକ ତଥା ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖାର। ସମ୍ପାଦକ ସନ୍ୟାସୀ ବେହେରା, ବୀରମାଧବ ଦାସ, ଡଃ ବଙ୍କିମ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଶ୍ରୀ ପାତ୍ରଙ୍କ ବିଶ୍ୱ ଐତିହ୍ୟ ଶକ୍ତି ପୀଠ ଓ ପର୍ଯ୍ୟଟନ ସ୍ଥଳ ପୁସ୍ତକ ରଚନା କରିବାର ମାହାତ୍ମ୍ୟକୁ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରୁ ବରିଷ୍ଠ କବି, ସାହିତ୍ୟିକ, ଲେଖକ ଏବଂ ବରିଷ୍ଠ ନାଗରିକ ପରିଷଦର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ଶାଶ୍ୱତୀ ଶୁଭଲକ୍ଷ୍ମୀ ପାତ୍ରଗଝମ (ଫୋରେଷ୍ଟ୍ରି) ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ପୁତ୍ର ହେମନ୍ତ କୁମାର ପାତ୍ର ପରିଚାଳନା କରିଥିଲେ।

# ସେଲ ରାଉରକେଲା ଇସ୍ପାତ କାରଖାନାର ଏସଏମଏସ -୨ ୟୁନିଟରେ ଗୁଣବତ୍ତା ମଣ୍ଡଳୀ ଦଳର ଅଭିନବ ପ୍ରୟାସ ଦ୍ୱାରା ସୁରକ୍ଷା ବୃଦ୍ଧି ସହିତ ବିପୁଳ ସଞ୍ଚୟ ସାଧନ



ରାଉରକେଲା, ୯/୦୯ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଏସ ଏମ ଏସ-୨ ବିଭାଗର 'କ୍ରିଏଟିଭ୍' ଗୁଣବତ୍ତା ମଣ୍ଡଳୀ (କ୍ୟୁ ସି)ର ଏକ ଅଭିନବ ପ୍ରୟାସ ଦ୍ୱାରା ବିଭାଗର ସୁରକ୍ଷାରେ ଯଥେଷ୍ଟ ବୃଦ୍ଧି କରିବା ସହିତ କମ୍ପାନୀ ପାଇଁ ଯଥେଷ୍ଟ ସଞ୍ଚୟ ସାଧନ ହୋଇପାରିଛି । ଏହି ଗୁଣବତ୍ତା ମଣ୍ଡଳୀ ଟିମ୍ ରେ ଲିଡର ଶ୍ରୀ ଅମୂଲ୍ୟ ବିସୋଇ, ଡେପୁଟି ଲିଡର ଶ୍ରୀ ଅଭିଷେକ ଠାକୁର, ସଦସ୍ୟ ଶ୍ରୀ ଦୁର୍ଗା ପ୍ରସାଦ ପାଲେୟା, ଶ୍ରୀ ଅଭିନାଶ ରାଉତ ଏବଂ ଶ୍ରୀ କୁମାର ବିକ୍ରାନ୍ତ ଙ୍କ ସମେତ ଏସଏମଏସ-୨ ମେକାନିକାଲ୍ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଲକ୍ଷ୍ମଣ ସ୍ୱାଇଁ ଟିମ ଫାସିଲିଟେଟର ଭାବେ ସାମିଲ ଥିଲେ। ଏସଏମଏସ-୨ ବିଭାଗରେ ନିରବଚ୍ଛିନ୍ନ ଇସ୍ପାତ ଉତ୍ପାଦନ ପାଇଁ ସ୍କର୍ଟ ଅପରେଟିଂ ସିଲିଣ୍ଡରର ହାଇଡ୍ରୋଲିକ୍ ସର୍କିଟ୍ ର ରୂପାନ୍ତରଣ' ଏହି ପ୍ରକଳ୍ପର ସନ୍ଦର୍ଭ ଥିଲା । ସୂଚନାଯୋଗ୍ୟ ଯେ, ଏଲ ଡି କନଭର୍ଟର ହେଉଛି ଇସ୍ପାତ ତିଆରି ପ୍ରକ୍ରିୟାର ଏକ ପ୍ରମୁଖ୍ୟ ଅଂଶ ଅଟେ। କନଭର୍ଟର ଉପରେ ଏକ ୱାଟର କୁଲଡ୍ ହୁଡ୍ ରହିଛି ଏବଂ ହୁଡ୍ ର ନିମ୍ନ ଭାଗରେ ଏକ ଚଳନଶୀଳ ୱାଟର କୁଲଡ୍ ସ୍କର୍ଟ ସଂଲଗ୍ନ ରହିଛି ଯାହାକୁ ହାଇଡ୍ରୋଲିକ୍ ସିଷ୍ଟମ ମାଧ୍ୟମରେ ଆବଶ୍ୟକ ଅନୁଯାୟୀ ଉପର କିମ୍ବା ତଳ କରାଯାଇଥାଏ। ଏହି ସିଷ୍ଟମର ହାଇଡ୍ରଲିକ୍ ସିଲିଣ୍ଡରଗୁଡିକ ହୁଡ୍ ଟ୍ରଲି ଭିତରେ ଅବସ୍ଥାପିତ ଯାହା ପ୍ରେସର ଲାଇନ୍ ଭଲଭ୍, ରିଟର୍ନ ଲାଇନ୍ ଭଲଭ୍ ଏବଂ ବାଇପାସ୍ ଭଲଭ୍ ମାଧ୍ୟମରେ ପରିଚାଳିତ ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ ସ୍କର୍ଟ ଚଳନ ସହିତ ଜଡିତ କୌଣସି ସମସ୍ୟା ଯଦି ଅଳ୍ପ ସମୟ ମଧ୍ୟରେ ସମାଧାନ ନହୁଏ ତେବେ ହୁଡରୁ ଜଳ ଲିକ ହେବା ସଙ୍ଗେ ସଙ୍ଗେ ପରବର୍ତ୍ତୀ ଦୀର୍ଘ ସମୟ ପାଇଁ ଉତ୍ପାଦନ ବ୍ୟାଘାତ ହେବା ସହିତ ଇସ୍ପାତ ରସାୟନରେ ଅବନତି ଏବଂ କନଭର୍ଟର ଲାଇନ୍ ଲାଇଫର ଗୁରୁତର ହ୍ରାସର କାରଣ ହୋଇଥାଏ। ସୂଚନାଯୋଗ୍ୟ ଯେ, ଆଖପାଖର ଉଚ୍ଚ ତାପମାତ୍ରା ଏବଂ ବିପଜ୍ଜନକ ଗ୍ୟାସର ଅବସ୍ଥିତି ଏବଂ କନଭର୍ଟର ଲାନ୍ସରୁ ମେଟାଲ ସ୍କଲ ଖସିଯିବାର ଆଶଙ୍କା ଯୋଗୁଁ ହାଇଡ୍ରୋଲିକ୍ ସିଷ୍ଟମର ରକ୍ଷଣାବେକ୍ଷଣ ଅତ୍ୟନ୍ତ ଆହ୍ୱାନମୂଳକ ରହୁଥିଲା। ଅନେକ ବିଚାରବିମର୍ଷ ପରେ ଏହି ଗୁଣବତ୍ତା ମଣ୍ଡଳୀ ଦଳ ହାଇଡ୍ରୋଲିକ୍ ସିଷ୍ଟମର ସମସ୍ତ ଭଲଭ୍ ଗୁଡିକୁ ହୁଡ ବାହାରେ ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇ ଥିଲେ। ତଦନୁଯାୟୀ ଡିଜାଇନ ବିଭାଗର ସହଯୋଗରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା। ହାଇଡ୍ରୋଲିକ୍ ପାଇପ ଲାଇନର ୱେଲଡିଂ କାର୍ଯ୍ୟ କନଭର୍ଟର କାର୍ଯ୍ୟକ୍ଷମ ନ ଥିବା ସମୟରେ ସମ୍ପନ୍ନ କରାଯାଇଥିଲା । ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଟ୍ରଲିର ଚଳ ପ୍ରଚଳ କୁ ସୁଗମ କରିବା ନିମନ୍ତେ ହୁଡ୍ ଟ୍ରଲି ସହିତ ଫ୍ଲେକ୍ସିବଲ୍ ହୋସ୍ ସଂଯୋଗ କରାଯାଇଛି । ଉକ୍ତ ଦଳ ଏହି ପ୍ରକଳ୍ପ ଉପସ୍ଥାପନ କରି କାରଖାନା ସ୍ତରୀୟ କ୍ୟୁ ସି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପୁରସ୍କାର ଅର୍ଜନ କରିଛି ଏବଂ ଅଧ୍ୟାୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛି।

# ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ୯୦ ଲକ୍ଷ ଟଙ୍କା ମୂଲ୍ୟର ସହାୟକ ଉପକରଣ ବଣ୍ଟନ



ରାଉରକେଲା , ୯/୦୯ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା କୁଆଁରମୁଣ୍ଡା , ନୂଆଗାଁ , ଲାଠିକଟା , ବିଶ୍ରା, ଟାଙ୍ଗରପାଲି, ବିରମିତ୍ରପୁର ଭଳି ପାର୍ଶ୍ୱାଞ୍ଚଳ ବ୍ଲକ ତଥା ରାଉରକେଲା ମୁନିସିପାଲିଟି ଅଞ୍ଚଳର ୬୭୬ ଜଣ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ଙ୍କୁ ୧୭୫୩ ଟି ସହାୟକ ଉପକରଣ ବଣ୍ଟନ କରାଯାଇଛି । ଆର ଏସ ପି ଓ ସ୍ଥାନିୟ ଶାସନ ପ୍ରତିନିଧିଙ୍କ ଉପସ୍ଥିତିରେ ଏବଂ ଆଲିମକୋ (କୃତ୍ରିମ ଅଙ୍ଗ ଉତ୍ପାଦନ ନିଗମ)ର ସହଭାଗିତାରେ ପ୍ରତି ବ୍ଲକ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ଉକ୍ତ ଉପକରଣମାନ ବଣ୍ଟନ କରାଯାଇଥିଲା । ସୂଚନାଯୋଗ୍ୟ ଯେ ଏହି ପ୍ରୟାସ ନିମନ୍ତେ ସେଲ ଆରଏସପି, ଓଡିଶା ଖଣି ସମୂହ ଆଲିମକୋ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।
ବଣ୍ଟନ କରାଯାଇଥିବା ବ୍ୟବହାର ଉପଯୋଗୀ ଉପକରଣ ମଧ୍ୟରେ ଏମ ଟି ସି , ଟ୍ରାଇସାଇକେଲ୍, ହ୍ୱିଲ୍ ଚେୟାର, ୱାକିଂ ଷ୍ଟିକ , ଅକ୍ସିଲା କ୍ରଚ , ସ୍ମାର୍ଟ କେନ , ଶ୍ରବଣ ଉପକରଣ ଆଦି ଅନ୍ତର୍ଭୁକ୍ତ ।
ସିଲିକୋନ ଫୟମ କୁସନ , ୱାକିଂ ଷ୍ଟିକ ସହିତ ସିଟ , ଅକ୍ସିଲା କ୍ରଚ ନୀ ବ୍ରାସ , ୱାକିଂ ଷ୍ଟିକ , ଟେଟରା ପୋଡ ,ଏଲ ଏସ ବେଲ୍ଟ , ହୁଇଲ ଚେୟାର ସହିତ ଷ୍ଟୁଲ କୋମୋଡ ଆଦି ଉପକରଣ ଗୁଡିକ ରାଷ୍ଟ୍ରୀୟ ବୟଶ୍ରୀ ଯୋଜନା ଅଧୀନ ରେ ବଣ୍ଟନ କରାଯାଇଥିଲା।

## ନୂଆଁଖାଇ ଭେଟରେ ଯୋଗ ଦେଲେ ପ୍ରସନ୍ନ ଷଡଙ୍ଗୀ

ବଲାଙ୍ଗିର, ୯/୦୯ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଗ୍ରାମରେ ଆୟୋଜିତ ନୂଆଁଖାଇ ଭେଟ କାର୍ଯ୍ୟକ୍ରମରେ ଯୋଗ ଦେଲେ ଓଡିଶା ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଓଏସ୍‌ଡି ଓ ସ୍ୱତନ୍ତ୍ର ସଚିବ ପ୍ରସନ୍ନ କୁମାର ଷଡଙ୍ଗି ସମସ୍ତଙ୍କୁ ନୁଆଁଖାଇ ଜୁହାର ଜଣାଇଥିଲେ । ତାଙ୍କର ପ୍ରଥମ ଗସ୍ତ ରେ ଜନ୍ମମାଟି ମାଣ୍ଡିଆପଦର ଏବଂ ବାରପୁଡୁଗିଆ ଗ୍ରାମର ଲୋକେ ବହୁ ଖୁସିର ସହ ସ୍ୱାଗତ ଜଣାଇଥିଲେ । ଆମର ପରମ୍ପରା ଓ ସଂସ୍କୃତି ର ବଡ ତିହାର ନୂଆଁଖାଇ ରେ ସମସ୍ତେ ଭାଇଚାରା ଏବଂ ଏକତା ବଜାୟ ରଖିବାକୁ ପରାମର୍ଶ ଦେଲେ । ଗାଁ ର ସମସ୍ତେ ସମସ୍ତଙ୍କୁ ଜୁହାର ଭେଟ ହେଉଥିବା ଦେଖି ଖୁସି ବ୍ୟକ୍ତ କରିଥିଲେ । ଏହି ସମୟରେ ଅଧ୍ୟାପକ ସୁରେଶ ଷଡଙ୍ଗି, ନିମାଇଁ ଚରଣ ପାଣିଗ୍ରାହୀ, ସଦାନନ୍ଦ ମହଲା, ଘାସିରାମ ଭୋଇ, ସଂଜୟ ନାୟକ, ଅନିଲ ସେଠ, ରିଙ୍କୁ ନାଏକ, ଗଦନ ସାହୁ, ଗୌତମ ମହଲା, ବିବେକ ବୁଡେକ, ଧ୍ରୁବା ମହଲା, ବିନୋଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଜୟକୃଷ୍ଣ ମିଶ୍ର ସଂଯୋଜନା କରିଥିଲେ । ଏହା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଖେଳ ପ୍ରତିଯୋଗିତା ଆରମ୍ଭ ହୋଇଥିଲା ।

# ଚନ୍ଦ୍ରଶେଖରପୁର ନାଗରିକ କମିଟି ବନ୍ଧୁମିଳନ ଉତ୍ସବ

## ନୂତନ କ୍ୟାପିଟାଲ ହସ୍ପିଟାଲ ନିର୍ମାଣ ପାଇଁ ଦାବି




ଭୁବନେଶ୍ୱର, ୯/୦୯ (ନି.ପ୍ର): ଚନ୍ଦ୍ରଶେଖରପୁର ନାଗରିକ କମିଟିର ବନ୍ଧୁମିଳନ ଉତ୍ସବ ଚନ୍ଦ୍ରଶେଖରପୁର ସ୍ଥିତ ୧୦୮ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚନ୍ଦ୍ରଶେଖରପୁର ଅଂଚଳର ବିଭିନ୍ନ ସ୍ଥାନରୁ ଜ୍ଞାନୀଗୁଣୀ ନାଗରିକମାନେ ଯୋଗଦାନ କରି ଅଂଚଳର ବିଭିନ୍ନ ସମସ୍ୟା ଓ ଉନ୍ନତିକରଣ ଉପରେ ଆଲୋଚନା କରିଥିଲେ। ଚନ୍ଦ୍ରଶେଖରପୁର ଅଂଚଳର ଲୋକମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି ଗୋଟିଏ ବଡ ରୋଗ କିମ୍ବା ପରୀକ୍ଷା ନିରୀକ୍ଷା ପାଇଁ ଏଠାରେ କିଛି ସରକାରୀ ସୁବିଧା ସୁଯୋଗ ନାହିଁ। ଏମିତିକି କୁକୁର କାମୁଡା ଇଂଜେକ୍ସନ ନେବା ପାଇଁ କ୍ୟାପିଟାଲ ହସ୍ପିଟାଲ ଯିବାକୁ ପଡୁଛି। ତେଣୁ ଏହି ଅଂଚଳରେ କ୍ୟାପିଟାଲ ହସ୍ପିଟାଲ ପରି ନୂତନ ସରକାରୀ କ୍ୟାପିଟାଲ ହସ୍ପିଟାଲ ନିର୍ମାଣ ପାଇଁ ପ୍ରଥମ ଦାବି ଉଠିଥିଲା। ସେହିପରି ଡମଣା ଓ ବିଡିଏ କଲୋନୀ ମଧ୍ୟରେ ଫୁଟ ଓଭର ବ୍ରିଜ ନିର୍ମାଣ, ବର୍ଷାରେ ଧୋଇ ଯାଇଥିବା ସମସ୍ତ ରାସ୍ତାର ପୁନଃରୁଦ୍ଧାର ଓ ନୂତନ ରାସ୍ତା ନିର୍ମାଣ, ଉଭୟ ପଟରେ ଯାଉଥିବା ସମାନ୍ତରାଳ ରାସ୍ତାର କାର୍ଯ୍ୟ ଶୀଘ୍ର ଶେଷ କରିବା, ଜଳବନ୍ଦି ଓ ଜଳ ନିଷ୍କାସନ, ଅଳିଆ ଉଠା, ବିଜୁଳି, ଟ୍ରାଫିକ ସମସ୍ୟା ସୁଧାରିବା, ପୋଲିସ ପେଟ୍ରୋଲିଂ ଜୋରଦାର କରିବା, ଲାଇବ୍ରେରୀ ଓ କମୁନିଟି ହଲ ପ୍ରତିଷ୍ଠା କରିବା ଇତ୍ୟାଦି ଦାବି ଉପସ୍ଥାପନ କରାଯାଇଥିଲା। ଏହାର କିପରି ସମାଧାନ ହେବ ବିଧାୟକଙ୍କ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।
କମିଟି ସଭାପତି ଡଃ ମଧୁମାଧବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ନାଗରିକ ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ବୁଝିବା ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ଯଥାସମ୍ଭବ ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ସୁଦର୍ଶନ ନାୟକ, ବିଜୟ ଦାଶ, ସୁରେଶ ରଥ, ଉପସଭାପତି ଅମର ମହାନ୍ତି, ସମ୍ପାଦକ ଡଃ ଶରତ ପରିଡା, ଯୁବନେତା ମନୋଜ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଆଇନଜୀବୀ ବିଜୟ ପାତ୍ର, ଭଗବାନ ଦାଶ ସହଯୋଗ କରିଥିଲା ବେଳେ ବରିଷ୍ଠ ଆଇନଜୀବୀ ସମରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପବିତ୍ର ନୂଆଁଖାଇ ଅବସରରେ ଅନ୍ନଦାନ



ବାଲେଶ୍ୱର, ୯/୦୯ (ନି.ପ୍ର): ପବିତ୍ର ନୂଆଁଖାଇ ଅବସରରେ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ସୋମବାର ୦୯-୦୯-୨୪ ରିଖ ଦିନ ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱର ଦ୍ୱାରା ସହରର ମିଶନ ସ୍କୁଲ୍ ପରିସରରେ ଥିବା ଭିନ୍ନକ୍ଷମ କଲ୍ୟାଣ ପ୍ରତିଷ୍ଠାନ ଓ ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟର ଦୁଇଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ସଂଘର ସଭାପତି ଇଂ. ବନମାଳୀ ନାୟକ, ସାଧାରଣ ସଂପାଦକ ବୀରେନ୍ଦ୍ର କୁମାର ମହନ୍ତ, ପୂର୍ବତନ ସାଧାରଣ ସଂପାଦକ ବସନ୍ତ ନାୟକ, ଅର୍ଥ ସମ୍ପାଦକ ଦାମୋଦର ନାୟକ, ସଂଗଠନ ସମ୍ପାଦକ ସୁଜିତ କୁମାର ଜେନା, ସାଂସ୍କୃତିକ ସମ୍ପାଦକ ସଞ୍ଜୟ ପଣ୍ଡାଙ୍କ ସମେତ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟ/ସଦସ୍ୟା ସର୍ବଶ୍ରୀ ଶିଶିର କୁମାର ରଥ, ପଦ୍ମଲୋଚନ ଦତ୍ତ, ରବି ରଂଜନ ବେହେରା, ପୂର୍ଣ୍ଣଚନ୍ଦ୍ର ସିଂ, ଶଶାଙ୍କ ଶେଖର ଦତ୍ତ, ଜ୍ୟୋତ୍ସ୍ନା ରାୟ, ରୀତା ରାୟ ପ୍ରମୁଖ ତତ୍ତ୍ୱାବଧାନ କରିବା ସହିତ ଖାଦ୍ୟ ପରିବେଷଣରେ ସହଯୋଗ କରିଥିଲେ।

# ବାୟୁ ପ୍ରଦୂଷଣ ହ୍ରାସ ସମ୍ବନ୍ଧୀୟ ଜନସଚେତନତା ପାଇଁ ସାଇକେଲ ରାଲି

ଭୁବନେଶ୍ୱର , ୯/୦୯ (ନି.ପ୍ର): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପରିବେଶ ଅଧ୍ୟୟନ କେନ୍ଦ୍ର (ସେଂଟର ଫର ଏନ୍ଭିରନମେଂଟାଲ ଷ୍ଟଡିଜ୍)ର ମିଳିତ ଉଦ୍ୟମରେ ରାଜଧାନୀ ଭୁବନେଶ୍ୱରରେ 'ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ' ପାଳିତ ହୋଇଯାଇଛି । ରାଜଧାନୀ ତଥା ଏହାର ଆଖପାଖରେ ବାୟୁ ପ୍ରଦୂଷଣ ହ୍ରାସ ଓ ବାୟୁ ଗୁଣବତ୍ତା ବୃଦ୍ଧି ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ବାଇସାଇକେଲ ରାଲୀ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ପତାକା ଦେଖାଇ ସାଇକେଲ ରାଲୀର ଶୁଭାରମ୍ଭ କରିଥିଲେ । ଏହି ରାଲିରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ୟୁନିଟ୍-୬ସ୍ଥିତ ଫରେଷ୍ଟ ପାର୍କରୁ ୟୁନିଟ୍-୮ସ୍ଥିତ ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡର ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ୫ କିଲୋମିଟର ଦୂରତା ଅତିକ୍ରମ କରିଥିଲେ । ରାଲୀରେ ସାଇକେଲ ଚାଳକମାନେ ଜନସାଧାରଣଙ୍କ ସୂଚନା ପାଇଁ ବିଭିନ୍ନ ବ୍ୟାନର ଓ ପ୍ଲାକାର୍ଡ ବ୍ୟବହାର କରି ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ସ୍ଲୋଗାନମାନ ଦେଇଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ କହିଲେ ଯେ ମିଳିତ ଜାତିସଂଘ ବାୟୁମଣ୍ଡଳର ପ୍ରଦୂଷଣ ହ୍ରାସ ଉପରେ ଗୁରୁତ୍ୱ ଦେଉଛନ୍ତି । ଆମର ଦୈନନ୍ଦିନ ଜୀବନରେ ଅନେକ କାର୍ଯ୍ୟକଳାପ ଯୋଗୁଁ ବାୟୁମଣ୍ଡଳରେ ପ୍ରଦୂଷଣ ମାତ୍ରାର ବୃଦ୍ଧି ଘଟୁଛି । ଏଥିଯୋଗୁଁ ବିଶ୍ୱରେ ଅନେକ ଲୋକଙ୍କର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି । ବାୟୁ ପ୍ରଦୂଷଣର କାରଣ କାର୍ବନ ମନୋକ୍ସାଇଡ୍, କାର୍ବନ ଡାଇଅକ୍ସାଇଡ୍, ନାଇଟ୍ରୋଜେନ ଅକ୍ସାଇଡ୍, ନାଇଟ୍ରୋଜେନ ଡାଇଅକ୍ସାଇଡ୍, ଭୂସ୍ତର ଓଜୋନ, ଭାସମାନ ଧୂଳିକଣା, ସଲଫର ଡାଇଅକ୍ସାଇଡ୍, ହାଇଡ୍ରୋକାର୍ବନ ମାତ୍ରାର ବୃଦ୍ଧି ଯାହା ମନୁଷ୍ୟ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ । ଅଧିକ ଇନ୍ଧନ ବ୍ୟବହାର, କଳକାରଖାନା, ଯାନବାହନ, କୃଷିରୁ ଉତ୍ପନ୍ନ ଆବର୍ଜନା ଜଳିବା ଇତ୍ୟାଦି ବିଭିନ୍ନ ସ୍ରୋତରୁ ବାୟୁମଣ୍ଡଳ ପ୍ରଦୂଷିତ ହୋଇଥାଏ । ଏହି ସବୁ କ୍ଷେତ୍ରରେ ସଠିକ୍ ସୁପରିଚାଳନା ଦ୍ୱାରା ବାୟୁମଣ୍ଡଳର ପ୍ରଦୂଷଣ ମାତ୍ରା ହ୍ରାସ କରାଯାଇପାରେ । ବାୟୁ ପ୍ରଦୂଷଣର ମୁକାବିଲା ପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି । ସମ୍ମିଳିତ ଉଦ୍ୟମ ବଳରେ ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ଆମେ ସମର୍ଥ ହୋଇପାରିବା ଏବଂ ସ୍ୱଚ୍ଛ ବାୟୁ ଦିବସ ପାଳନ ସାର୍ଥକ ହେବ ବୋଲି ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡ. କେ. ମୁରୁଗେସନ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ 'ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ-୨୦୨୪'ର ବିଷୟବସ୍ତୁ ରହିଛି 'ନିର୍ମଳ ବାୟୁ ଉପରେ ବର୍ତ୍ତମାନ ନିବେଶ' । ବାୟୁ ଗୁଣବତ୍ତା ଉନ୍ନତ କରିବା ଦିଗରେ ବ୍ୟକ୍ତିବିଶେଷଙ୍କ ଭୂମିକା ହିଁ ସର୍ବପ୍ରଥମ । ରାଜ୍ୟ ସରକାର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହା ଭଲ ଭାବେ ହୃଦୟଙ୍ଗମ କରିଛି । କାର୍ଯ୍ୟକ୍ରମରେ ବିଭାଗର ଉଚ୍ଚ ଅଧିକାରୀ, ପରିବେଶବିତ୍ ଓ ପରିବେଶ ପ୍ରେମୀମାନେ ଯୋଗଦେଇଥିଲେ ।

# ସ୍କୁଲ ପରିସରରେ ମାର୍କେଟ୍ ଗୃହ ନିର୍ମାଣ ନକରିବାକୁ ଦାବି

କେନ୍ଦ୍ରାପଡ଼ା, ୯/୦୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ର ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ୧୩୭ ବର୍ଷର ପୁରୁଣା ଫେଜର୍ସ ବାଳିକା ବିଦ୍ୟାଳୟ ପରିସରକୁ ଲାଗି ନିର୍ମାଣାଧୀନ ମାର୍କେଟ୍ ଗୃହ କାର୍ଯ୍ୟକୁ ବନ୍ଦ କରିବା ପାଇଁ ସାଂସଦଙ୍କ ଠାରେ ଦାବି କରାଯାଇଛି । ଏହି ବିଦ୍ୟାଳୟ ର ସାହିସ୍ତା ଖାତୁନ ନାମକ ଜଣେ ଛାତ୍ରୀଙ୍କ ସମେତ ବହୁ ଛାତ୍ରୀ ଏକ ଦାବିପତ୍ର ମାନ୍ୟବର ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ପ୍ରଦାନ କରି ତୁରନ୍ତ ଏହି ସମସ୍ୟା ସମାଧାନ କରିବା ପାଇଁ ନିବେଦନ କରିଛନ୍ତି । ଐତିହ୍ୟ ସଂପନ୍ନ ଏହି ବିଦ୍ୟାଳୟ କୁ ଲାଗି ପୌରସଂସ୍ଥା ପକ୍ଷରୁ ମାର୍କେଟ୍ ଗୃହ ନିର୍ମାଣ କରାଗଲେ ଏହା ବିଦ୍ୟାଳୟ ର ଅଧ୍ୟୟନ ରତ ଛାତ୍ରୀ ମାନଙ୍କ ପାଠପଢା, ଚଳପ୍ରଚଳ ଓ ପରିବେଶ ଗତ ସମସ୍ୟା ସୃଷ୍ଟି କରି ଶିକ୍ଷାଦାନ ବାତାବରଣ ସଂପୂର୍ଣ୍ଣ ନଷ୍ଟ ହୋଇଯିବ । ପୌରସଂସ୍ଥା ର ଏଭଳି ନିଷ୍ପତି ବିରୋଧରେ ଶତାଧିକ ଛାତ୍ରୀ, ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ମାନେ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରି ଦାବିପତ୍ର ଦେବା ସହ ତୁରନ୍ତ ଏହି ପ୍ରସ୍ତାବୁ ବାତିଲ କରିବା ପାଇଁ ଦାବି କରିଛନ୍ତି ।

# ଉଦୀୟମାନ ଓ ନିବେଶଯୋଗ୍ୟ ବଜାର ସୂଚକାଙ୍କରେ ଚୀନକୁ ଟପିଲା ଭାରତ

ନୂଆଦିଲ୍ଲୀ, ୯/୦୯ (ନି.ପ୍ର): ୨୦୨୪ ସେପଟ୍ମ୍ବରରେ ଏମଏସସିଆଇ ଉଦୀୟମାନ ବଜାର ଓ ନିବେଶଯୋଗ୍ୟ ବଜାର ସୂଚକାଙ୍କ (ଏମଏସସିଆଇ ଇଏମ ଆଇଏମଆଇ)ରେ ଭାରତ ଗୁରୁତ୍ୱ ଦୃଷ୍ଟିରୁ ଚୀନକୁ ପଛରେ ପକାଇ ଦେଇଥିବା ମୋର୍ଗାନ ଷ୍ଟାନଲି ଘୋଷଣା କରିଛି । ଏମଏସସିଆଇ ଇଏମ ଆଇଏମଆଇରେ ଭାରତର ଗୁରୁତ୍ୱ ୨୨.୨୭ ପ୍ରତିଶତ ଥିବା ବେଳେ ଚୀନର ୨୧.୫୮ ପ୍ରତିଶତ ରହିଛି । ଏମଏସସିଆଇ ଆଇଏମଆଇରେ ୩,୩୫୫ ଷ୍ଟକ ରହିଛି ଏବଂ ଏଥିରେ ବଡ଼, ମଧ୍ୟମ ଏବଂ କ୍ଷୁଦ୍ର କ୍ୟାପ୍ କମ୍ପାନୀ ଅନ୍ତର୍ଭୁକ୍ତ । ଏହା ଉଦୀୟମାନ ବଜାର ରୂପେ ବିବେଚିତ ହେଉଥିବା ୨୪ଟି ଦେଶର ଷ୍ଟକକୁ ସାମିଲ କରିବା ସହିତ ପ୍ରତ୍ୟେକ ଦେଶରେ ଫ୍ରି ଫ୍ଲୋଟ ଆଡଜଷ୍ଟେଡ୍ ମାର୍କେଟ କ୍ୟାପିଟାଲାଇଜେସନର ପ୍ରାୟ ୮୫% କଭରେଜକୁ ଲକ୍ଷ୍ୟ ରଖି ଅଧ୍ୟୟନ କରିଥାଏ। ସୂଚନାଯୋଗ୍ୟ, ଫ୍ରି ଫ୍ଲୋଟ ଆଡଜଷ୍ଟେଡ୍ ମାର୍କେଟ କ୍ୟାପିଟାଲାଇଜେସନ୍ ର ଅର୍ଥ ହେଉଛି ସାର୍ବଜନୀନ ସ୍ତରରେ କାରବାର ହେଉଥିବା ଶେୟାରଗୁଡ଼ିକର ସଂଖ୍ୟାକୁ ଆଧାର କରି ବଜାର ପୁଞ୍ଜିକରଣର ହିସାବ କରିବାର ଏକ ମୂଲ୍ୟାୟନ ସୂତ୍ର। ମୁଖ୍ୟ ଏମଏସସିଆଇ ଇଏମ ଇଣ୍ଡେକ୍ସ (ଷ୍ଟାଣ୍ଡାର୍ଡ ଇଣ୍ଡେକ୍ସ) ବୃହତ ଏବଂ ମଧ୍ୟମ କ୍ୟାପ୍‌କୁ ଅନ୍ତର୍ଭୁକ୍ତ କରୁଥିବା ବେଳେ ଆଇଏମଆଇରେ ଏକ ଅଧିକ ବ୍ୟାପକ ପରିସର ଅନ୍ତର୍ଭୁକ୍ତ, ଯେଉଁଥିରେ ବୃହତ, ମଧ୍ୟମ ଏବଂ କ୍ଷୁଦ୍ର କ୍ୟାପ୍ ଷ୍ଟକ ଅନ୍ତର୍ଭୁକ୍ତ । ଭାରତ ପାଖରେ ଥିବା କ୍ଷୁଦ୍ର ବା ସ୍ମଲ୍ କ୍ୟାପ୍ କାରଣରୁ ଏମଏସସିଆଇ ଆଇଏମଆଇରେ ଚୀନ ତୁଳନାରେ ଏହା ଆଗରେ ରହିଛି। ପୁନଃସନ୍ତୁଳନ ବ୍ୟାପକ ବଜାର ଧାରାକୁ ପ୍ରତିଫଳିତ କରେ । ଚୀନ୍‌ରେ ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ସେଠାକାର ବଜାର ସଂଘର୍ଷ କରୁଥିବା ବେଳେ ଅନୁକୂଳ ଆର୍ଥିକ ସ୍ଥିତିରୁ ଭାରତର ବଜାର ଲାଭବାନ ହୋଇଛି। ନିକଟ ଅତୀତରେ, ଭାରତ ଭାରତୀୟ ଅର୍ଥବ୍ୟବସ୍ଥାର ସୁଦୃଢ଼ ଆର୍ଥିକ ଭିତ୍ତିଭୂମି ଏବଂ ଭାରତୀୟ କର୍ପୋରେଟ୍ ଗୁଡ଼ିକର ଦୃଢ଼ ପ୍ରଦର୍ଶନ ଦ୍ୱାରା ପରିଚାଳିତ ଇକ୍ୱିଟି ବଜାର ପ୍ରଦର୍ଶନରେ ବହୁତ ଉନ୍ନତ ପ୍ରଦର୍ଶନ କରିଛି । ଏହାବ୍ୟତୀତ ଭାରତୀୟ ଇକ୍ୱିଟି ବଜାରରେ ଏହି ବୃଦ୍ଧି ବ୍ୟାପକ ରହିଛି, ଯାହା ଲାର୍ଜ କ୍ୟାପ୍ ସହିତ ମିଡ୍ କ୍ୟାପ୍ ଏବଂ ସ୍ମଲ୍ କ୍ୟାପ୍ ସୂଚକାଙ୍କରେ ପ୍ରତିଫଳିତ ହୋଇଛି।

# ମୟୂରଭଞ୍ଜରେ ଆରମ୍ଭ ହେଲା ସି.ଏମ-କିଷାନ ଯୋଜନା



ବାରିପଦା, ୯/୯ (ନି.ପ୍ର): ପବିତ୍ର ନୂଆଁଖାଇ ଶୁଭ ଅବସରରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ କରକମଳରେ ସି.ଏମ-କିଷାନ ସହାୟତା ରାଶି ପ୍ରଦାନ କରାଯାଇଅଛି । ରବିବାର ଦିନ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ସି.ଏମ-କିଷାନ କାର୍ଯ୍ୟକ୍ରମ ସ୍ଥାନୀୟ ଓଶ୍ୱାନ ହଲ ଠାରେ ଅନୁଷ୍ଠିତ ହୋଇଅଛି । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନନୀୟ ମୁଖ୍ୟ ଅତିଥି ଭାବରେ ମାନ୍ୟବର ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗ, ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗଦାନ କରିଥିଲେ ଏବଂ ଜିଲ୍ଲାପାଳ ମୟୂରଭଞ୍ଜ, ଶ୍ରୀ ହେମକାନ୍ତ ସୟ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବିଶେଷ କରି ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଠାରୁ ଆଭାସୀ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ସମଗ୍ର ରାଜ୍ୟବାସୀଙ୍କୁ ଉଦ୍ବୋଧନ ଦେବା ସହିତ ଓଡ଼ିଶାର ଚାଷୀ ଭାଇ ଓ ଭଉଣୀ ମାନଙ୍କ ପାଇଁ ୩ଟି କୃଷି ପୋର୍ଟାଲ ଯଥା: ସି.ଏମ-କିଷାନ, ପି.ଏମ.କିଷାନ ଓ କୃଷକ ଇଉନିଫାଏଡ ପୋର୍ଟାଲ ର ଉନ୍ମୋଚନ କରି କୃଷି ବିଭାଗ ଏବଂ ଅନୁସାଙ୍ଗିକ ବିଭାଗର ଯୋଜନାର ସଫଳ ରୂପାୟନ କରିଛନ୍ତି। ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରାୟ ୪୬ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାରଙ୍କୁ ୯୨୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ଡ଼ିବିଟି ମାଧ୍ୟମରେ ହସ୍ତାନ୍ତର କରିଛନ୍ତି । ଏହି ପରିପ୍ରେକ୍ଷୀରେ, ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୟୂରଭଂଜର ୨୫ ଜଣ ସି.ଏମ-କିଷାନ ହିତାଧିକାରୀ ଯୋଗ ଦେଇଛନ୍ତି ଏଠି ସହିତ ପ୍ରତି ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମରେ ୧୦ଜଣ ଲେଖାଏଁ ସି.ଏମ-କିଷାନର ହିତାଧିକାରୀ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ଏହି ଯୋଜନାରେ ସରକାର ବର୍ଷକୁ ଦୁଇଥର ଖରିଫ ଏବଂ ରବି ଋତୁରେ ୨୦୦୦ ଟଙ୍କା ପ୍ରୋତ୍ସାହନ ରାଶି ବ୍ୟାସଙ୍କ ଖଟକୁ ସିଧାସଳଖ ଭାବରେ ପ୍ରଦାନ କରୁଛନ୍ତି ଏବଂ ଭୂମି-ହୀନ କୃଷକ ମାନଙ୍କ ପାଇଁ ବର୍ଷକୁ ଥରୁଟିଏ ୧୨,୫୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବାର ସୁବିଧା ଅଛି ।

ସୂଚନା ଥାଉକି, ମୟୂରଭଞ୍ଜ ଜିଲ୍ଲାରେ ଏହି ଯୋଜନାରେ ୩,୨୪,୭୯୦ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୫୫୫ ଭୂମିହୀନ କୃଷକ ପରିବାର ଉପକୃତ ହୋଇଛନ୍ତି । ଏଥି ସହିତ ଆଗାମୀ ଦିନ ମାନଙ୍କରେ ସରକାରୀ ଅନୁଷ୍ଠାନରେ ପାଠ ପଢୁଥିବା କ୍ଷୁଦ୍ର ଏବଂ ନାମମାତ୍ର କୃଷକଙ୍କ ପିଲାମାନଙ୍କୁ, କୃଷି ବିଦ୍ୟା ନିଧି ଯୋଜନା ମାଧ୍ୟମରେ ଛାତ୍ରବୃତ୍ତି ପ୍ରଦାନ କରାଯିବାର ଯୋଜନା ମଧ୍ୟ ଅଛି । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଶ୍ରୀ ସିଦ୍ଧାର୍ଥ ବେହୁରିଆ, ମାନ୍ୟବର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ଶ୍ରୀ ରାମଚନ୍ଦ୍ର ସୋରେନ, କୃଷି ଯୋଜନା ଅଧିକାରୀ ଶ୍ରୀ ସୁଧାଂଶୁ ଶେଖର ପଣ୍ଡା, ପ୍ରମୁଖ ଉପସ୍ଥିତ ଥିଲେ।

## ମହାସଂଗ୍ରାମର ମହାନାୟକ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ସୁବିଧାଜନକ ଯୁଦ୍ଧକ୍ଷେତ୍ର ଓ ଆଉ ଟିକେ ପ୍ରସ୍ତୁତି ଚାହୁଁଥିଲେ । ସେଦିନ ଥିଲା ୧୯୧୫ ସେପଟ୍ମେର ୭, ସନ୍ଧ୍ୟାରୁ ବାହାରି ପାହାଡ଼ ଜଙ୍ଗଲ ଗ୍ରାମ୍ୟରାସ୍ତା ପ୍ରାୟ ୭୦/୮୦ କି.ମି. ଅତିକ୍ରମି ୨ଦିନ ଭୋକ, ଓପାସ, ଝଡ଼ବର୍ଷା, ଅନିଦ୍ରା ଓ ତୃଷାରେ ପାଦରେ ଚାଲିଚାଲି ବାଘାଯତୀନ୍ ଓ ତାଙ୍କର ଚାରିସାଥୀ ଚିତ୍ତପ୍ରିୟ ରାୟଚୌଧୁରୀ, ନରେନ୍ ଦାସଗୁପ୍ତ, ମନୋରଞ୍ଜନ ସେନଗୁପ୍ତ ଓ ଯତୀଶ ପାଲ୍ ପଞ୍ଚବିପ୍ଳବୀ ଚାଲିଲେ ଆଗକୁ ଆଗକୁ ଆହୁରି ଆଗକୁ । ସଭିଙ୍କ ହାତରେ ଥିଲା ରାଡ଼ଡ଼ା କମ୍ପାନୀର ପିସ୍ତଲ - ସିଂ ଯୋଡ଼ିଲେ ଯାହା ରାଇଫଲ୍ ହୋଇଯାଏ । ଏଣେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଆଗରୁ ପ୍ରଚାର କରିଦେଇଥାନ୍ତି ଯେ ବାଲେଶ୍ୱରକୁ କିଛି ବଙ୍ଗାଳୀ ଡକାୟତ ଦଳ ପଶିଆସିଛନ୍ତି । ବହୁକଷ୍ଟରେ ବାଘାଯତୀନ୍ ଓ ତାଙ୍କ ସାଥୀଗଣ ୯ ତାରିଖ ସକାଳେ ବୁଢ଼ାବଳଙ୍ଗ କୂଳେକୂଳେ ଚାଲିଚାଲି ବନ୍ୟାପ୍ଲାବିତ ବୁଢ଼ାବଳଙ୍ଗ ନଦୀ ପହଁରି ପହଁରି ପାର ହୋଇ ତା'ର ଅନତିଦୂର ଚଷାଖଣ୍ଡ ଗ୍ରାମ ନିକଟସ୍ଥ ଦେଶୁଆ ପୋଖରୀ ଆଡ଼ି ଧାନବିଲ ମଧ୍ୟରେ ସେମାନଙ୍କର ପଶ୍ଚାର୍ଦ୍ଧାବନ କରୁଥିବା ବ୍ରିଟିଶ୍ ଫୌଜ ସହ ସାମ୍ନାସାମ୍ନି ହେଲା । ସଂଗେସଂଗେ ସେନାପତି ବାଘାଯତୀନ୍ ଆଉ କାଳବିଳମ୍ବ ନକରି ଆହ୍ୱାନ ଦେଲେ, ରେଡ଼ି ଟୁ ଫାୟାର । ' ବନ୍ଦେ ମାତରମ୍- ଭାରତମାତା କି ଜୟ' ଗୁଡ଼ୁମ୍ ଗୁଡ଼ୁମ୍ ଶବ୍ଦରେ ସାରା ଇଲାକା କମ୍ପିଗଲା । ଧୂଳିଧୂଆଁ ଓ ନିଆଁରେ ସମଗ୍ର ଦିଗ୍‌ବଳୟ ଭରିଗଲା । ଦେଖୁଁଆ ପୋଖରୀ କୂଳର ଶାନ୍ତି ସବୁଜ-ଜଙ୍ଗଲ ପରିବେଶ ସତେକି ମହାଭାରତର ରଣକ୍ଷେତ୍ର ପାଲଟିଗଲା । ପୂର୍ବାହ୍ନ ୧୧ଟାରୁ ପ୍ରାୟ ଅପରାହ୍ନ ଯାଏ ବ୍ରିଟିଶ୍ ଫୌଜ ସହ ଭାରତମାତାର ଏହି ପଞ୍ଚବିପ୍ଳବୀଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଲା । ବିପ୍ଳବୀମାନଙ୍କ ଗୁଳିରେ ବହୁ ଇଂରେଜ ସେନା ମୃତାହତ ହେଲେ । ସ୍ୱଳ୍ପ ଗୁଳିଗୁଳା ସାହାଯ୍ୟରେ ଶତାଧିକ ଫିରିଙ୍ଗି ଫୌଜଙ୍କ ସହ ଯୁଦ୍ଧ କରିବା ଆଉ ସମ୍ଭବ ହେଲାନାହିଁ । ଚଷାଖଣ୍ଡ ଯୁଦ୍ଧରେ ବିପ୍ଳବୀ ଚିତ୍ତପ୍ରିୟ ରାୟ ଚୌଧୁରୀଙ୍କ ମୁଣ୍ଡରେ ଗୁଳି ବାଜିବାରୁ ସେ ସେଠାରେ ଟଳିପଡ଼ି ବୀରଗତି ପ୍ରାପ୍ତ ହେଲେ । ଗୁରୁତର ଆହତ ବାଘାଯତୀନଙ୍କ ସମେତ ସମସ୍ତ ମୃତାହତଙ୍କୁ ବାଲେଶ୍ୱର ସହର ବାରବାଟୀସ୍ଥିତ ମିଲଟାରୀ ଡାକ୍ତରଖାନାକୁ ଅଣାଗଲା । ସେଠାରେ ଡାକ୍ତରମାନଙ୍କ ଉଦ୍ୟମ ଯୋଗୁଁ ବାଘାଯତୀନ୍ ସୁସ୍ଥ ହୋଇଥିଲେ ମଧ୍ୟ ପରଦିନ ତାଙ୍କର ଯେତେବେଳେ ଚେତା ଫେରିଲା – ସେ ଚିତ୍କାର କରିଉଠିଲେ । "ମୋ ଦେହର ପ୍ରତିଟି ରକ୍ତବିନ୍ଦୁ ଭାରତମାତାର ଚରଣ କମଳରେ ନିବେଦିତ ହେବା ଉଚିତ୍ ।" ସଙ୍ଗେସଙ୍ଗେ ସେ ତାଙ୍କ ଶରୀରରେ ବନ୍ଧା ହୋଇଥିବା ବ୍ୟାଣ୍ଡେଜ୍ ସବୁକୁ ଚିରି ଛିଣ୍ଡାଇଦେଲେ । ଅଜସ୍ର ରକ୍ତସ୍ରାବ ହେଲା ତାଙ୍କ ଦେହରୁ । ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କୁ ଆଉ ବଞ୍ଚାଇ ରଖିବା ସମ୍ଭବ ହେଲାନାହିଁ । ସେଦିନ ୧୯୧୫ ସେପଟ୍ମେର ୧୦ ପ୍ରଭାତରେ ସେଇ ମହାନ୍ ବୀରଙ୍କର ଶରୀର ଦେଶମାତୃକାର ଶୃଙ୍ଖଳିତ ଚରଣରେ ଲୋଟ଼ିପଡ଼ିଲା । ସେ ହେଲେ ଅମର ଶହୀଦ ଇତିହାସରେ; ବିପ୍ଳବୀ ବୀର ଅଗ୍ନିପୁତ୍ର ମହାବିପ୍ଳବର ମହାନାୟକ କ୍ରାନ୍ତିବୀର 'ବାଘାଯତୀନ୍' । ପରେ ବିଚାର ହୋଇ ନରେନ୍ ଓ ମନୋରଞ୍ଜନଙ୍କୁ ରାଷ୍ଟ୍ରଦ୍ରୋହ ଅପରାଧରେ ୧୯୧୬ ନଭେମ୍ବରରେ ବ୍ରିଟିଶ୍ ସରକାର ବାଲେଶ୍ୱର ଜେଲ୍‌ରେ ଫାଶୀ ଦେଇଥିଲେ । ଯତୀଶ ପାଲଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇ ଆଣ୍ଡାମାନ୍-ନିକୋବରରେ ଥିବା ସେଲୁଲାର କଳାପାଣି ଜେଲକୁ ପଠାଇ ଦିଆଯାଇଥିଲା । ପରେ ତାଙ୍କୁ ପାଗଳ ଅବସ୍ଥାରେ ବ୍ରହ୍ମପୁର ଜେଲକୁ ଅଣାଯାଇଥିଲା । ୧୯୩୦ରେ ବ୍ରହ୍ମପୁର ଜେଲ୍‌ରେ ସେ ପ୍ରାଣତ୍ୟାଗ କରିଥିଲେ । ଏହାହିଁ ଥିଲା ବାଘାଯତୀନ୍ ଓ ତାଙ୍କ ସାଥୀଗଣଙ୍କର ବ୍ରିଟିଶ ଫୌଜ ସହ – ରକ୍ତତୀର୍ଥ ଚଷାଖଣ୍ଡ ଯୁଦ୍ଧକ୍ଷେତ୍ରରେ ତ୍ୟାଗ, ସଂଘର୍ଷ, ବୀରତ୍ୱ ଓ ଚରମ ବଳିଦାନର ମର୍ମସ୍ପର୍ଶୀ କାହାଣୀ । ଯାହା ବିପ୍ଳବର ' ଅନିର୍ବାଣ ଦୀପଶିଖା' ଭାବେ ପରବର୍ତ୍ତୀ କାଳରେ ସହିଦ ଭଗତସିଂ, ଚନ୍ଦ୍ରଶେଖର ଆଜାଦ୍ ଓ ଆସଫାତୁଲ୍ଲା ଖାଁ ଆଦିଙ୍କ ହିନ୍ଦୁସ୍ଥାନ ରିପବ୍ଲିକାନ୍ ପାର୍ଟିର କ୍ରାନ୍ତିକାରୀ ବିଦ୍ରୋହ, ୧୯୩୦, ସୂର୍ଯ୍ୟ ସେନ୍‌ଙ୍କ ଚଟ୍ଟଗ୍ରାମ ବିଦ୍ରୋହ ଦେଇ ଗତିକରି ପରିଶେଷରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର 'ଆଜାଦ୍ ହିନ୍ଦ୍ ଫୌଜ'ର ଦୁର୍ଦ୍ଧର୍ଷ ଦୁର୍ବାର 'ଦିଲ୍ଲୀ ଚଲୋ' ଆହ୍ୱାନ ପାଇଁ ପ୍ରେରଣାର ଉତ୍ସ ହୋଇ ଦେଶରେ ସାମରିକ ବିଦ୍ରୋହ ଓ ନୌବିଦ୍ରୋହ ଆଦି ଅନେକ ସଶସ୍ତ୍ର ସଂଗ୍ରାମର ରାସ୍ତାଦେଇ ଭାରତବର୍ଷ ସ୍ୱାଧୀନତା ପ୍ରାପ୍ତିର ପଥକୁ ସୁଗମ କରିଥିଲା । ସେହି ଅମର ବୀରଗଣ ଓ ଶହୀଦଙ୍କୁ କୃତଜ୍ଞ ଦେଶବାସୀଙ୍କ ପକ୍ଷରୁ ଆମର ଶତ ସଲାମ୍ ଏବଂ କୋଟି ପ୍ରଣାମ ।

+'କ୍ରାନ୍ତିକୁଟୀର', ବାଲିବଲ, ବାଲିଆପାଳ, ବାଲେଶ୍ୱର,
ମୋ: ୭୨୦୫୨୩୧୫୦୪

## କାର୍‌କୁ ଧକ୍କାଦେଲା ଅଗ୍ନିଶମ ବିଭାଗ ଗାଡି

ମାଲକାନଗିରି, ୯/୯ (ନି.ପ୍ର): ଗତ ଦୁଇ ଦିନ ଧରି ଲଗାଣ ବର୍ଷାରେ ବେହାଲ ମାଲକାନଗିରି ଜିଲ୍ଲା। ଜିଲ୍ଲାର ବିଭିନ୍ନ ଛୋଟ ବଡ ପୋଲ ବୁଡି ଯାଇଥିବା ବେଳେ ମାଲକାନଗିରି ସଦର ବ୍ଲକର ୩୨୬ ନମ୍ବର ଜାତୀୟ ରାଜପଥ ତାମସା ନଦୀର ପୋଲ ଉପରେ ସାତ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ତାମସା ନଦୀ ନିକଟରେ ଏକ ଘର ପାଣିରେ ବୁଡିଯାଇଥିବା ବେଳେ ସେହି ଘରେ ତିନି ଜଣ ଲୋକ ଫସିରହିଥିବା ଖବର ପାଇ ପୋଲିସ ଓ ଅଗ୍ନିଶମ ବିଭାଗ ପହଁଚି ପାଣିଘେରରେ ଥିବା ସେହି ତିନି ଜଣଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର କରି ଫେରିବା ସମୟରେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇ ରହୁଥିବା ଏକ ଓଡି ୦୨ସିଟି ୪୧୯୩ ନମ୍ବର ର କାରକୁ ଅଗ୍ନିଶମ ବିଭାଗର ଗାଡି ଧକ୍କା ଦେଇଥିଲା। କାର ସମ୍ମୁଖ ବାମ ପାର୍ଶ୍ୱରେ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ହେଲେ ଅଗ୍ନିଶମ ବିଭାଗ ଗାଡିକୁ ନିଜେ ବିଭାଗୀୟ ଅଧିକାରୀ ଚଲାଉଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ଏଇଠି ପ୍ରଶ୍ନ ଉଠୁଛି ବିଭାଗୀୟ ଡ୍ରାଇଭରଙ୍କ ଉପସ୍ଥିତିରେ କିପରି ବିଭାଗୀୟ ଅଧିକାରୀ ଗାଡି ଚଲାଉ ଥିଲେ ଏବଂ ଗାଡିକୁ ଧକ୍କା ଦେବାପରେ ଅଧିକାରୀ ସେଠାରୁ ଅନ୍ୟ ଏକ ଗାଡି ଯୋଗେ ଚାଲିଯାଇଥିବା ଜଣାପଡିଛି।

# ଆଭାସି ଜରିଆରେ ସି.ଏମ୍. କିଷାନ୍ ଶୁଭ ଉଦ୍‌ଘାଟନର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଲେ ମନ୍ତ୍ରୀ

### ଅକ୍ଷୟ ତୃତୀୟା ଓ ନୂଆଖାଇ ୨ କିସ୍ତିରେ ୪ ହଜାର ଟଙ୍କା



ଭଦ୍ରକ, ୯/୯ (ନି.ପ୍ର): ପବିତ୍ର ନୂଆ ଖାଇ ପର୍ବ ଅବସରରେ ରବି ୨୦୨୪-୨୫ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସି.ଏମ୍. କିଷାନ ସହାୟତା ରାଶିର ପ୍ରଥମ କିସ୍ତି ହସ୍ତାନ୍ତର କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ଉତ୍ସବ ଆଭାସି ଜରିଆରେ ଆୟୋଜନ ଅବସରରେ ଜିଲ୍ଲା କାର୍ଯ୍ୟାଳୟର ଓସ୍ୱାନ ହଲରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟସରକାରଙ୍କ ଉଚ୍ଚଶିକ୍ଷା, ଯୁବସେବା ଓ କ୍ରୀଡ଼ା, ଓଡ଼ିଆ ଭାଷା ପ୍ରତିଷ୍ଠାନ, ସାହିତ୍ୟ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ପ୍ରମୁଖ ଯୋଗ ଦେଇଥିଲେ। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସି.ଏମ୍ କିଷାନର ଶୁଭ ଉଦ୍‌ଘାଟନ ଉତ୍ସବ ପାଳନ ଅବସରରେ ଆଭାସି ଜରିଆରେ ଯୋଡ଼ି ହୋଇଥିବା ଭଦ୍ରକ ଜିଲ୍ଲା ସ୍ତରୀୟ ଉତ୍ସବରେ ୨୫ ଜଣ ଋଷୀଙ୍କୁ ଅତିଥି ମାନଙ୍କ ଦ୍ୱାରା ଉତ୍ତରୀୟ, ବୃକ୍ଷଚାରା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସି.ଏମ୍.କିଷାନ୍ ଯୋଜନାରେ କ୍ଷୁଦ୍ର ଓ ନାମ ମାତ୍ର ଋଷୀଙ୍କୁ ଅକ୍ଷୟ ତୃତୀୟା ଏବଂ ନୂଆଖାଇ ଉପଲକ୍ଷେ ଦୁଇଟି କିସ୍ତିରେ ୪ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବା ବ୍ୟବସ୍ଥା ଅଛି। ଏହି ଯୋଜନାରେ ଭୂମିହୀନ କୃଷକ ମାନଙ୍କୁ ଜୀବିକା ନିର୍ବାହ ନିମିତ୍ତ ବାର୍ଷିକ ୩ଟି କିସ୍ତିରେ ମୋଟ ୧୨.୫୦୦ ଟଙ୍କାର ସହାୟତା ରାଶି ଯୋଗାଇ ଦିଆଯାଉଅଛି। ସୂଚନା ଯୋଗ୍ୟକି ଭଦ୍ରକ ଜିଲ୍ଲାରେ ୨୪୬୮୭୦ ଜଣ କ୍ଷୁଦ୍ର, ନାମମାତ୍ର ଏବଂ ଭୂମିହୀନ ଋଷୀ ସି.ଏମ୍. କିଷାନ୍ ଯୋଜନାର ସହାୟତା ପାଉଛନ୍ତି ଏବଂ ପି.ଏମ୍. କିଷାନ ଯୋଜନାରେ ୧୬୬୫୮ ଜଣ ଋଷୀ ସହାୟତା ରାଶି ପାଇ ପାରୁଛନ୍ତି। ମଧ୍ୟମ, ବଡ଼ଋଷୀ ଏବଂ ସହରାଞ୍ଚଳରେ ଥିବା ଯୋଗ୍ୟ ଋଷୀମାନେ ପି.ଏମ୍. କିଷାନ୍ ଯୋଜନା ୩ଟି କିସ୍ତିରେ ମୋଟ ୬ ହଜାର ଟଙ୍କା ବାର୍ଷିକ ସହାୟତା ପାଇ ପାରିବେ। ଯେଉଁ ଯୋଗ୍ୟ ହିତାଧିକାରୀମାନେ ସି.ଏମ୍. କିଷାନ ଯୋଜନାରେ ପଞ୍ଜିକୃତ ହୋଇଛନ୍ତି କିନ୍ତୁ ପି.ଏମ୍. କିଷାନ୍ ଯୋଜନାର ଲାଭ ପାଇପାରୁ ନାହାନ୍ତି ସେମାନଙ୍କୁ ୨ ଗୋଟି ଯୋଜନାର ଅନ୍ତର୍ଭୁକ୍ତ କରିବା ପାଇଁ ସ୍ୱତନ୍ତ୍ର ଭାବେ ରାଜ୍ୟ ସରକାରଙ୍କ ତରଫରୁ ୮.୯.୨୦୨୪ ଠାରୁ ୮.୧୧.୨୦୨୪ ପର୍ଯ୍ୟନ୍ତ ପି.ଏମ୍. କିଷାନ ସାଚ୍ୟୁରେସନ୍ ଡ୍ରାଇଭ୍ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଅଛି। ସି.ଏମ୍. କିଷାନ ଓ ପି.ଏମ୍. କିଷାନ୍ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଇ କେୱାଇସି, ଏନ୍‌ପିସିଆଇ ମ୍ୟାପିଂ, ଲ୍ୟାଣ୍ଡ ଅପଡ଼େସନ୍, ଆଧାର ସଂଶୋଧନ କରିବା ବାଧ୍ୟତା ମୂଳକ ଅଟେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ପୋର୍ଟାଲ ରାଜ୍ୟର ସମସ୍ତ ବର୍ଗର ଋଷୀଙ୍କ ପଞ୍ଜିକରଣ କରିବା ପାଇଁ ୱାନ୍ ଷ୍ଟପ୍ ପ୍ଲାଟଫର୍ମ। ଏହି ପୋର୍ଟାଲରେ ପଞ୍ଜିକୃତ ଋଷୀ ଉଭୟ ପି.ଏମ୍. କିଷାନ ଏବଂ ସି.ଏମ୍ କିଷାନ ଯୋଜନା ଦ୍ୱାରା ଲାଭାନ୍ୱିତ ହୋଇପାରିବେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗଣେଶ ଚନ୍ଦ୍ର ମାଝୀ, ପ୍ରାକ୍ତନ ଅଧିକାରୀ ଶ୍ରୀଧର ଦାସ, ସହକାରୀ କୃଷି ଅଧିକାରୀ ଅନୁରାଧା ପଣ୍ଡା, ସତ୍ୟଜିତ୍ ସେଠୀ, ତୁଷାରକାନ୍ତ ପତି, ବ୍ଲକ କୃଷି ଅଧିକାରୀ ବିଶ୍ୱମୋହନ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଓଡ଼ିଶା ଉପକୂଳ ଅତିକ୍ରମ କଲା...

ଡିପ୍ ଡିପ୍ରେସନ୍ । ମଧ୍ୟରାତ୍ରିରେ ଦୁର୍ବଳ ପଡ଼ିପାରେ । ତେବେ ପରବର୍ତ୍ତୀ ୨୪ ଘଣ୍ଟାରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଛତିଶଗଡ଼ ଆଡକୁ ଗତି କରିବ। ସମୁଦ୍ର ଅଶାନ୍ତ ରହିଛି। ଏଥିପାଇଁ ୧୧ ତାରିଖ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ବାରଣ କରାଯାଇଛି । ଗଭୀର ଅବପାତ ଫଳରେ ପୁରୀ ସମୁଦ୍ର ଜୁଆରିଆ ହୋଇଛି । ପବନର ଗତି ଧୀରେ ଧୀରେ ବଢୁଛି । ସମୁଦ୍ର ପ୍ରତିଦିନ ଯେଉଁଭଳି ଏ ଜୁଆର ରହିଥାଏ ତା ଠାରୁ ଅଧିକ ଜୁଆର କୂଳକୁ ମାଡି ଆସୁଛି । ତଥାପି ସମୁଦ୍ରରେ ପର୍ଯ୍ୟଟକ ମାନେ ବୁଲାବୁଲି କରୁଥିବା ଓ ଗାଧଉଥିବା ଦେଖିବାକୁ ମିଳିଛି । ତେବେ ସମୁଦ୍ର ଅଶାନ୍ତ ଥିବାରୁ ପର୍ଯ୍ୟଟକମାନଙ୍କୁ ଲାଇଫଗାର୍ଡମାନେ ସତର୍କ କରାଉଛନ୍ତି । ସମୁଦ୍ର ଅଧିକ ଅଶାନ୍ତ ହେବାର ସମ୍ଭାବନା ରହିଥିବାରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

### ଯୁକ୍ତ ଦୁଇ ପରୀକ୍ଷା: ନଭେମ୍ବର...

ରିପୋର୍ଟ ବି ଦେବାକୁ ମଧ୍ୟ ଚିଠିରେ ଉଲ୍ଲେଖ କରାଯାଇଛି। ୨୦୨୫ରେ ହେବାକୁ ଥିବା ଯୁକ୍ତ ଦୁଇ ପ୍ରାକ୍ଟିକାଲ ଓ ଥିଓରୀ ପରୀକ୍ଷା ପାଇଁ ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ ଫାଇନାଲ୍ ପରୀକ୍ଷା ପାଇଁ ହାତରେ ଆଉ ୪ ମାସ ବାକି ରହିଛି। ତା'ପୂର୍ବରୁ ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଇବାକୁ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ସ୍ୱଚ୍ଛ ଓ ସହଜ କରିବାକୁ ପରିଚାଳନା ହବ୍, ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଫିସ୍, ଏକଜାମ୍ ହଲ୍ ସହ ସେଲ୍ଫ ଫାଇନାଲିଂ କଲେଜର ସମସ୍ତ ଲାବରେଟୋରିରେ ବି ସିସିଟିଭି ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। ଯେଉଁ ଶିକ୍ଷାନୁଷ୍ଠାନ ଧାର୍ଯ୍ୟ ସମୟରେ ନିର୍ଦ୍ଦେଶ ଅନୁପାଳନ ନ କରିବେ ସେଠି ଉଭୟ ଥିଓରୀ ଓ ପ୍ରାକ୍ଟିକାଲ ପରୀକ୍ଷା ବାତିଲ୍ କରାଯିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ କରାଯିବାକୁ ନିଷ୍ପତ୍ତି ହୋଇଛି।

### ୧୦ ତାରିଖ ୫ଟା ସୁଦ୍ଧା ...

ସିଆଇଏସଏଫ ଯବାନଙ୍କ ରହଣୀ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପଶ୍ଚିମବଙ୍ଗର ବରିଷ୍ଠ ଅଧିକାରୀମାନଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ମନୋଜ ମିଶ୍ରା ଓ ଜଷ୍ଟିସ ଜେବି ପାରଡିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ "ସିବିଆଇ ପକ୍ଷରୁ ଆଜି ଗୋଟିଏ ଷ୍ଟାଟସ ରିପୋର୍ଟ ଦାଖଲ କରାଯାଇଛି। ଏଥିରୁ ଜଣାପଡ଼ିଛି ଯେ ତଦନ୍ତ ଚାଲିଛି। ଆମେ ସିବିଆଇକୁ ଆଉ ଏକ ନୂଆ ଷ୍ଟାଟସ ରିପୋର୍ଟ ୧୭ ତାରିଖ ସୁଦ୍ଧା ଦାଖଲ କରିବାକୁ କହୁଛୁ। ଆମେ ସିବିଆଇକୁ ତା' ତଦନ୍ତରେ କୌଣସି ପ୍ରକାରର ଗାଇଡ କାରିବାକୁ ଚାହୁଁ ନାହୁଁ।" ଶୁଣାଣି ବେଳେ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ସରକାରଙ୍କୁ ସମାଲୋଚନା କରିଛନ୍ତି ଓ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ନେଇ ଅନେକ ଚିନ୍ତା ପ୍ରକଟ କରିଛନ୍ତି। ଜଣେ ଆଇନଜୀବୀ ଗୁପ୍ତାଙ୍ଗ ସ୍ୱାବକୁ ଠିକ ଭାବେ ରଖାଯାଇ ନଥିବା ପ୍ରଶ୍ନ କରିଥିଲେ। ଏହି ସ୍ୱାବକୁ ୪ ଡିଗ୍ରୀ ସେଲସିୟସରେ ରଖାଯାଇଥିବା କଥା। କିନ୍ତୁ ସେମିତି ହୋଇ ନଥିବା ସେ କହିଥିଲେ। ସିବିଆଇକୁ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟା ମଧ୍ୟ କହିଥିଲେ ଯେ ଶବ ବ୍ୟବଚ୍ଛେଦ କେଉଁ ସମୟରେ ହୋଇଥିଲା, ସେକଥା ରିପୋର୍ଟରେ ଉଲ୍ଲେଖ ହୋଇନାହିଁ। ଦୁଷ୍କର୍ମ ଓ ହତ୍ୟା ଭଳି ମାମଲାରେ ଏହି ତଥ୍ୟର ବେଶ ଗୁରୁତ୍ୱ ରହିଛି। ଏହା ଶୁଣି କୋର୍ଟ ଅସ୍ୱାଭାବିକ ମୃତ୍ୟୁ ମାମଲା କାହିଁକି ରୁଜୁ ହେଲା ବୋଲି ଜାଣିବାକୁ ଚାହିଁଥିଲେ।

### ରାଜଧାନୀରେ ବ୍ୟାନ...

ଗତବର୍ଷ ଭଳି ଏ ବର୍ଷ ମଧ୍ୟ ବାଣ ଉତ୍ପାଦନ, ବିକ୍ରି ଓ ବ୍ୟବହାର ଉପରେ ସଂପୂର୍ଣ୍ଣ ଭାବେ ବ୍ୟାନ ଲଗାଯାଇଛି। ଏହାଦ୍ୱାରା ଲୋକମାନେ ପ୍ରଦୂଷଣରୁ ରକ୍ଷା ପାଇ ପାରିବେ। ବାଣର ଅନଲାଇନ ଡେଲିଭରୀ ଉପରେ ମଧ୍ୟ ରୋକ ଲଗାଯାଇଛି।" ଗୋପାଲ ରାୟଙ୍କ କହିବା କଥା ଯେ ଲୋକମାନେ ଦୀପ ଜାଳି ଓ ମିଠା ବାଣ୍ଟି ଦୀପାବଳି ଉତ୍ସବ ପାଳନ କରନ୍ତୁ। ଆମେ ଉତ୍ସବକୁ ଧୁମଧାମରେ ପାଳନ କରିବା କିନ୍ତୁ ଆମକୁ ପ୍ରଦୂଷଣକୁ ମଧ୍ୟ ନିୟନ୍ତ୍ରଣ କରିବାକୁ ପଡ଼ିବ। ବ୍ୟାନ ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ପୁଲିସ, ଦିଲ୍ଲୀ ପ୍ରଦୂଷଣ ନିୟନ୍ତ୍ରଣ କମିଟି ଓ ରାଜସ୍ୱ ବିଭାଗ ଖୁବଶୀଘ୍ର ମିଳିତ ଭାବେ ଗାଇଡ ଲାଇନ ଜାରି କରିବେ। ଗାଇଡ ଲାଇନ ଜାରି ହେବା ପରେ ବାଣର ବ୍ୟବହାରକୁ ନେଇ ଲୋକଙ୍କ ମଧ୍ୟରେ କୌଣସି ପ୍ରକାରର ଦ୍ୱନ୍ଦ୍ୱ ରହିବ ନାହିଁ। ଏହି ବ୍ୟାନ ସବୁ ପ୍ରକାରର ବାଣ ଉପରେ ଲାଗୁ ହେବ। ୨୦୨୫ ଜାନୁଆରୀ ୧ ତାରିଖ ଯାଏ ଦିଲ୍ଲୀରେ ବ୍ୟାନ ବଳବତ୍ତର ରହିବ ବୋଲି ରାୟ ସୂଚନା ଦେଇଛନ୍ତି।

### କଂଗ୍ରେସ ସହ ଛିଡ଼ିଲାନ...

ବିଶେଷ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ହୁଡାଙ୍କ ବିଶ୍ୱସ୍ତମାନଙ୍କ ଆସନ ଉପରେ ଆପ୍‌ର ନଜର ରହିଥିଲା। ତେଣୁ ଉକ୍ତ ଆସନ ଗୁଡ଼ିକ ଛାଡ଼ିବା ମୁଡରେ ମଧ୍ୟ କଂଗ୍ରେସ ନଥିଲା। ଉଭୟ ଦଳ ନିଜ ନିଜ ଜିଦରେ ଅଟଳ ରହିବାରୁ ମେଣ୍ଟ ସମ୍ଭବ ପର ହୋଇ ପାରିନାହିଁ। ମେଣ୍ଟ ଆଶା ମଉଳି ଯିବାରୁ ଆଜି ଆପ୍ ୨୦ଟି ଆସନ ପାଇଁ ପ୍ରାର୍ଥୀ ତାଲିକା ଜାରି କରିଛି। ଏହାପୂର୍ବରୁ କଂଗ୍ରେସ ମଧ୍ୟ ପ୍ରଥମ ପର୍ଯ୍ୟାୟରେ ୪୧ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା।

### କ୍ୟାପିଟାଲ୍ ହସ୍ପିଟାଲରେ...

୨୧୪ ପଦବୀ ରହିଥିଲେ ମଧ୍ୟ ଫାଙ୍କା ପଡ଼ିଛି ୫୩ଟି ପୋଷ୍ଟ। ମାସ ମାସ ହେଲା, କ୍ୟାପିଟାଲ ହସ୍ପିଟାଲର ଏମିତି ଦୁରବସ୍ଥା। ଏଠାରେ ୭୫୦ ବେଡ୍ ରହିଥିବା ବେଳେ ପ୍ରତିଦିନ ହାରାହାରି ୩୫୨ ରୋଗୀ ଆଡମିଶନ୍ ହେଉଛନ୍ତି। ଖାଲି ସେତିକି ନୁହେଁ, ରାଜଧାନୀ ସମେତ ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲ୍ଲାରୁ ପ୍ରତିଦିନ ହାରାହାରି ୫ ହଜାର ୪୬୩ ରୋଗୀ କ୍ୟାପିଟାଲ ହସ୍ପିଟାଲ ଓପିଡିକୁ ଆସୁଛନ୍ତି। ହେଲେ ଆବଶ୍ୟକ ଡାକ୍ତର ନଥିବାରୁ ତା'ର ସିଧାସଳଖ ପ୍ରଭାବ ପଡୁଛି ରୋଗୀ ସେବା ଉପରେ। ସୂଚନା ଅନୁସାରେ, ଗତ ଦୁଇ ବର୍ଷ ଭିତରେ କ୍ୟାପିଟାଲ ହସ୍ପିଟାଲରେ ରୋଗୀ ସଂଖ୍ୟା ଦୁଇଗୁଣା ବଢ଼ିଛି। ୨୦୨୧ରେ ଯେଉଁଠି କ୍ୟାପିଟାଲ ହସ୍ପିଟାଲ ଓପିଡିକୁ ମାସକୁ ହାରାହାରି ୫୭ ହଜାର ୯୮ଜଣ ରୋଗୀ ଆସିଥିବା ବେଳେ ୨୦୨୩ରେ ଏ ସଂଖ୍ୟା ଏକ ଲକ୍ଷ ୫ ହଜାର ଟପିଛି। ଡାକ୍ତର ଅଭାବ ଭିତରେ ରୋଗୀ ସଂଖ୍ୟାରେ ଏଭଳି ଆଶାତୀତ ବୃଦ୍ଧି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନିଦ ହଜାଇ ଦେଇଛି।

# ବଣମଲ୍ଲୀ ସାହିତ୍ୟ ପରିଷଦର ଚା କପ୍ କବିତା ଆସର




ରେମୁଣା , ୯/୯ (ନି.ପ୍ର): ରେମୁଣା ଗୋଲେଇ ନିକଟସ୍ଥ ସିଦ୍ଧେଶ୍ୱର କଲୋନୀର କବି ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ବାସଭବନରେ ଚା' କପ୍ କବିତା ଆସର ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଆସରରେ ସଭାପତି ଭାବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ମିଶ୍ର ଯୋଗଦେଇ ଥିବାବେଳେ ମୁଖ୍ଯ ଅତିଥି ଭାବରେ କବି ନିରଞ୍ଜନ ସାହୁ ଯୋଗଦେଇଥିଲେ। କବିତା ଆସରକୁ ସଂଯୋଜନା କରିଥିଲେ ଗଗନ ସେଠୀ ଓ ମଧୁସୂଦନ ମିଶ୍ର । ଏହି କବିତା ଆସରରେ କବିମାନେ ସାମ୍ପ୍ରତିକ ସମୟର ସ୍ୱରକୁ କାବ୍ୟିକ ଶୈଳୀର ପରିବେଷଣ କରିବା ସହ ବର୍ଷା, ଶ୍ରାବଣ, ପାର୍ବଣ, ଗଜାନନ ଓ ଆତ୍ମ ଚିନ୍ତନ ବିଷୟରେ କବିତା ପାଠ କରିଥିଲେ। ଏଥିରେ ବାଲେଶ୍ୱର, ରେମୁଣା, ବେତନଟୀ, ବୈଶିଂଗା ଇତ୍ୟାଦି ବିଭିନ୍ନ ଜାଗାରୁ ୩୦ ରୁ ଉର୍ଦ୍ଧ୍ୱ କବି କବୟିତ୍ରୀ ଯୋଗ ଦେଇଥିଲେ । ଡକ୍ଟର ରତ୍ନାକର ସିଂହ, ପର୍ଶୁରାମ ସାହୁ , ପ୍ରିୟନାଥ ପାଣି, ନୀରୋଦ ସୁନ୍ଦର ଜେନା, ହରେରାମ ଦାସ, ଯୋଗେଶ୍ଚନ୍ଦ୍ର ବେହେରା , ପ୍ରବୀର କୁମାର କାମିଲା , ତପନ କୁମାର ଦାସ , ଜୟଶ୍ରୀ ମିଶ୍ର , କବିତା ଦାସ , ତୃପ୍ତି ପଟ୍ଟନାୟକ, ବଂଶୀଧର ପାଳ, ଅକ୍ଷୟ କୁମାର ଦାସ, ପଦ୍ମ ଲୋଚନ ପ୍ରଧାନ, ଡକ୍ଟର ସମର ବଲ୍ଲଭ ଭୋଇ, ଜୁମର ନାଥ ପାତ୍ର, ଶାନ୍ତିଲତା ପଣ୍ଡା, କଲ୍ୟାଣୀ ନନ୍ଦ, ପ୍ରଭାକର ସାହୁ (ରେମୁଣୀ), ସୁବ୍ରତା ମହାନ୍ତି, ଶିଳ୍ପୀ କେଶୁ ଦାସ, ଅଶ୍ୱିନୀ ଦାଶ , ସରୋଜିନୀ ଦାଶ, ସ୍ୱାତୀ ଆଚାର୍ଯ୍ୟ କବିତା ପାଠ କରିଥିବା ବେଳେ ଆୟୋଜକ କବି ପ୍ରଭାତ କୁମାର ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଶ୍ରଦ୍ଧାସବୁରୀ ପକ୍ଷରୁ ନଭେମ୍ବର ୧୪ରେ ସାଇ ପାରାୟଣ




ବାଲେଶ୍ୱର, ୯/୯ (ନି.ପ୍ର): ଶ୍ରଦ୍ଧାସବୁରୀ ଟ୍ରଷ୍ଟର ସମସ୍ତ ସଦସ୍ୟ ସଦସ୍ୟାମାନଙ୍କ ଉପସ୍ଥିତିରେ ଚଳିତବର୍ଷ ହେବାକୁ ଥିବା ଶ୍ରୀସାଇ ସତଚରିତ ପାରାୟଣ ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ବ୍ରିଟ କଲ୍ୟାଣ ମଣ୍ଡପ, ବାଲେଶ୍ୱର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ବିଶ୍ୱଜିତ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଟ୍ରଷ୍ଟର ଅନ୍ୟତମ ଉପଦେଷ୍ଟା ତଥା ସାଇ ଦରବାର, ଉଦଳାର ମୁଖ୍ୟ ଜଗବନ୍ଧୁ ପ୍ରଧାନ ବୈଠକରେ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ । ଆସନ୍ତା ନଭେମ୍ବର ୧୪,୧୫ ଏବଂ ୧୬ ତିନି ଦିନ ଧରି ବାଲେଶ୍ୱର ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ ଏହି ପାରାୟଣ ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ପୂର୍ବବର୍ଷ ପରି ପାରାୟଣର ସନ୍ଧ୍ୟାରେ ପ୍ରବଚନ ଏବଂଭଜନ କାର୍ଯ୍ୟକ୍ରମ ସହିତ ଶେଷ ଦିନ ସାଇ ବାବାଙ୍କର ଭବ୍ୟ ପାଲିଙ୍କି ଯାତ୍ରା ଆୟୋଜନ କରାଯିବାକୁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଛି । ଆୟୋଜିତ ବୈଠକରେ ସଂଗଠନର ସମ୍ପାଦକ ପ୍ରଶାନ୍ତ କୁମାର ପଟେଲ , ଉପସଭାପତି ଚନ୍ଦନ ଶିବ ରାମକୃଷ୍ଣ ପଣ୍ଡା,କୋଷାଧ୍ୟକ୍ଷ ଅଶୋକ କୁମାର ପରିଡା, ବରିଷ୍ଠ ସଦସ୍ୟ ପଂଚାନନ ମହାନ୍ତି, ଈଶ୍ୱର କୁମାର ମହାନ୍ତି, ମୀନକେତନ ଷଡଙ୍ଗୀ, କାର୍ଯ୍ୟକାରୀ ସଦସ୍ୟା ଜୁଲି ଜେନା , ସଂଘମିତ୍ରା ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ଗଣେଶ୍ୱର ପଣ୍ଡା,ହେମନ୍ତ ଜେନା, ଗୌର ଖଣ୍ଡେଇ ସଦସ୍ୟ ସନ୍ତୋଷ ନନ୍ଦ, ବିଶ୍ୱଜିତ ନାୟକଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ବୈଠକରେ ଯୋଗଦାନ କରି ମତାମତ ରଖିଥିଲେ ।

# ନୂଆଁଖାଇରେ ମାଁ ମାହେଶ୍ୱରୀ ସେନା ତରଫରୁ ହସ୍ପିଟାଲରେ ଖାଦ୍ୟ ବଣ୍ଟନ

ବଲାଙ୍ଗିର, ୯/୯ (ନି.ପ୍ର): ପଶ୍ଚିମ ଓଡିଶାର ତିହାର ନୂଆଁଖାଇ ଉଧେ ମାଁ ମାହେଶ୍ୱରୀ ସେନା ତରଫରୁ ବଲାଙ୍ଗିର ଜିଲ୍ଲାର ଭୀମଭୋଇ ମେଡିକାଲ ହସ୍ପିଟାଲ ଏବଂ ସୋନପୁର ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ମାଗଣା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇରେ ସମସ୍ତ ହୋଟେଲ, ଦୋକାନ ବଜାର, ବସ୍ ସେବା ବନ୍ଦ ରହୁଥିବାରୁ ହସ୍ପିଟାଲରେ ଥିବା ରୋଗୀ ଏବଂ ତାଙ୍କର ପରିବାର ପରିଜନ ବିଭିନ୍ନ ପ୍ରକାରର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହାକୁ ଦୃଷ୍ଟିରେ ରଖି ମାଁ ମାହେଶ୍ୱରୀ ସେନା ତରଫରୁ ହସ୍ପିଟାଲରେ ମାଗଣା ଖାଦ୍ୟ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା । ଏହି ଖାଦ୍ୟ ବଣ୍ଟରେ ହସ୍ପିଟାଲରେ ଥିବା ତଥା ଆଖପାଖରେ ଥିବା ଅସହାୟ ୩ ହଜାରରୁ ଅଧିକ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମାନସିଂ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



ବାଲେଶ୍ୱର , ୯/୯ (ନି.ପ୍ର): ମାନସିଂ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦହିସଡା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶ୍ରୀ ମାନସ ରଂଜନ ପାଣିଗ୍ରାହୀ ଓ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରତୀମା ପଣ୍ଡା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। କୁନି କୁନି ଛାତ୍ରଛାତ୍ରୀମାନଙ୍କର ଜ୍ଞାନ ବିଜ୍ଞାନ ମେଳା ପ୍ରତି ଆଗ୍ରହ ଦେଖି ସନ୍ତୋଷ ପ୍ରକାଶ କରିବା ସହିତ ଏହିପରି ବିଜ୍ଞାନ ପ୍ରଦର୍ଶନୀ ଦ୍ୱାରା କୁନି କୁନି ବୈଜ୍ଞାନିକ ମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇଥାଏ ବୋଲି ଅତିଥି ମାନେ ବକ୍ତବ୍ୟ ପ୍ରକାଶ କରିଥିଲେ। ଏହାପରେ ଛାତ୍ରଛାତ୍ରୀ ମାନଙ୍କର ପ୍ରକଳ୍ପଗୁଡିକର ମୂଲ୍ୟାଙ୍କନ କରିଥିଲେ। ବିଦ୍ୟାଳୟର ୫୦ରୁ ଉର୍ଦ୍ଧ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ୩ ଗୋଟି ବିଭାଗରେ ୯ଜଣ ଛାତ୍ରଛାତ୍ରୀ କୃତୀତ୍ୱ ହାସଲ କରି ଆସନ୍ତା ୧୫/୯/୨୪ ରିଖ ରବିବାର ଦିନ ଖଇରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଭାଗ ନେବାପାଇଁ ବିବେଚିତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାମାନେ ପରିଚାଳନା କରିଥିଲେ।

## ବାହାବଳପୁର ସାମୁଦ୍ରିକ ଥାନାରେ ଦୁଇଟି ଅପମୃତ୍ୟୁ

ବସ୍ତା, ୯/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାବଳପୁର ସାମୁଦ୍ରିକ (କଷାଫଳ)ଥାନା ଅଧୀନରେ ଦୁଇଟି ଅପମୃତ୍ୟୁ ଘଟଣା ହୋଇଥିବା ଜଣାପଡିଛି ।ଏହି ଥାନା ର ରଙ୍ଗାମାଟିଆ ଗାଁର ଲକ୍ଷ୍ମୀଧର ସିଂହ(୪୮)ଙ୍କର୍ ସ୍ଥାନୀୟ ପୋଖରୀରେ ସଲିଳ ସମାଧି ଘଟିଛି ।ସୋମବାର ସକାଳେ ଶୌଚ ପାଇଁ ପୋଖରୀକୁ ଯାଇଥିବା ବେଳେ ଗୋଡ ଖସି ଯାଇ ଗଭୀର ପାଣିରେ ବୁଡି ଯାଇଥିଲେ। ଖୋଜ। ଖୋଜି କରି ଶେଷ ରେ ସେ ପୋଖରୀରେ ମରି ଭାସୁଥିବା ଦେଖାଯାଇଥିଲା। ସେହିପରି ବାହାବଳପୁର ଜେଟି ଠାରେ ଜଣେ ଅଜଣା ବ୍ୟକ୍ତି ର ମୃତ ଦେହ ଉଦ୍ଧାର ହୋଇଛି ।ତା'ର ଆନୁମାନିକ ବୟସ ୪୫ ବର୍ଷ ହେବ ।ଏହି ଦୁଇଟି ଅପମୃତ୍ୟୁ ଘଟଣା ରେ ପୁଲିସ ପୃଥକ୍ ପୃଥକ୍ ମାମଲା ଯଥାକ୍ରମେ କେଶ ନମ୍ବର୍ ୭/୨୦୨୪ ଓ ୮/୨୦୨୪ ରେ ରୁଜୁ କରି ତଦନ୍ତ ଜାରି ରଖିଥିବ। ଜଣାଯାଇଛି।

## କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ନୂଆଖାଇ ପର୍ବ



କପ୍ତିପଦା, ୯/୯ (ନି.ପ୍ର): କପ୍ତିପଦା ବ୍ଲକର କସ୍ତୁରବା ଗାନ୍ଧୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ନର ପର୍ବ ନୂଆଖାଇ କୁ ଖୁବ୍ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଧାନ ଶିକ୍ଷୟତ୍ରୀ ଜସ୍ମିତା ଭୂୟାଁ ଏହି ନୂଆଖାଇ ପର୍ବ ଅନ୍ନର ପର୍ବ ଓ ଅନ୍ନଦାତାର ପର୍ବ ବୋଲି ପ୍ରକାଶ କରିଥିଲେ । ପିଲାମାନଙ୍କୁ ଆମ ପରମ୍ପରାରେ ନୂଆଖାଇ ବିଷୟରେ କହିବାକୁ ଯାଇ ସେ କହିଥିଲେ ଧରିତ୍ରୀ ମାଆ ଶସ୍ୟସଂମ୍ପର୍ଣ୍ଣା ହୋଇ ଉତ୍ପାଦନକ୍ଷମ ହୁଏ । ଏହି ପରିକଳ୍ପନା ନେଇ ଆସେ ନୂଆଖାଇ ପର୍ବ । ଏହି ଅବସରରେ ବିଦ୍ୟାଳୟରେ ମାଆ ସମଲେଇଙ୍କ ଉଦ୍ଦେଶ୍ୟରେ ପୂଜା ଆୟୋଜନ କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ସୂର୍ଯ୍ୟରାଜ ବେହେରା, ଓଡେନ ଲତା ଜେନା, ଶିକ୍ଷୟତ୍ରୀ ଅନୁପମା ମହାନ୍ତ ଓ କର୍ମଚାରୀ ଉର୍ମିଳା ଦାସ, ରଜତ କୁମାର ରାୟବାବୁ ପରିଚାଳନା କରିଥିଲେ ।

## ବାଘାଯତୀନ୍‌ଙ୍କ ୧୦୯ତମ ବଳିଦାନ ଦିବସ



ବାଲେଶ୍ୱର, ୯/୯ (ନି.ପ୍ର): ସହିଦ୍ ବାଘାଯତୀନଙ୍କର ୧୦୯ ତମ ସହିଦ୍ ଦିବସ ରକ୍ତତୀର୍ଥ ଚଷାଖଣ୍ଡଠାରେ 'ବାଘାଯତୀନ୍ ବିକାଶ ପରିଷଦ' ପକ୍ଷରୁ ରଣଭୂମି ଦେଶୁଁଆ ପୋଖରୀଠାରେ ପାଳନ କରାଯାଇଅଛି। ଦୁଇଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଜାତୀୟ ପତାକା ଉତ୍ତୋଳନ, ଜାତୀୟ ସଂଗୀତ ଗାନ କରିବା, ଛାତ୍ରଛାତ୍ରୀମାନଙ୍କ ଭିତରେ ଦେଶାତ୍ମବୋଧକ ମାନସିକତା ସୃଷ୍ଟି କରିବା ପାଇଁ ବକ୍ତୃତା, ସଂଗୀତ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବକ୍ତୃତା ପ୍ରତିଯୋଗିତାର ଶୀର୍ଷକ ଥିଲା ସିନିୟର ଛାତ୍ରଛାତ୍ରୀଙ୍କ ପାଇଁ 'ଜାତିଭିତ୍ତିକ ଜନଗଣନ ଦେଶ ବିକାଶରେ ସହାୟକ ହେବକି?' ଓ ଜୁନିୟର୍ ଛାତ୍ରଛାତ୍ରୀଙ୍କ ପାଇଁ 'ଜାତୀୟ ମୁକ୍ତି ଆନ୍ଦୋଳନ ଓ ଅହିଂସା'। ବାଲେଶ୍ୱରର ଏସ୍.ପି. ସାଗରିକା ନାଥ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିବାବେଳେ ପି.ଏକ୍ସ.ଇ., ଚାନ୍ଦିପୁରର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁବୋଧ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସୁଦର୍ଶନ ଜେନା ନିଜର ସୁଚିନ୍ତିତ ବକ୍ତବ୍ୟ ରଖିଥିବାବେଳେ ବିଚାରକ ଭାବେ କାଳିଚରଣ ଲେଙ୍କା, ସର୍ବେଶ୍ୱର ଦାସ, ଗୌର ମୋହନ ମାଝୀ, ଡ. ପ୍ରଶନ୍ନ ମନ୍ତ୍ରୀ ଯୋଗଦେଇଥିଲେ। ମନୋଜ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଗୋପୀନାଥ ସେନାପତି, ଅଜିତ ବରାଳ, ବନମାଳୀ ଜେନା, ସର୍ବେଶ୍ୱର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅଜିତ୍ ବରାଳଙ୍କ ଦୁଇଗୋଟି ପୁସ୍ତକ 'ସହିଦ୍ ବାଘାଯତୀନ୍' ଏବଂ 'ଐତିହାସିକ ଚଷାଖଣ୍ଡ ଯୁଦ୍ଧ, ଶହିଦ ବାଘାଯତୀନ୍ ଓ ଚାରିସାଥୀ' ଆଲୋଚିତ ହେବା ସଙ୍ଗେସଙ୍ଗେ ଉପସ୍ଥିତମାନଙ୍କ ମଧରେ ପୁସ୍ତକ ବଣ୍ଟନ କରାଯାଇଥିଲା। ଦେବେନ୍ଦ୍ର ନାୟକ, ସରୋଜ ଗୋଚ୍ଛାୟତ, ଜୟନ୍ତୀ ପଣ୍ଡା, ଶ୍ରୀକାନ୍ତ ବୁଗୁଡ଼ାଇ, ସୁଦର୍ଶନ ଭୂୟାଁ, ମେଘରାଓ ହାଁସଦା, ପ୍ରଫୁଲ୍ଲ ବେହେରା, ଶ୍ରୀକାନ୍ତ ବାଗ୍, ପ୍ରଫୁଲ୍ଲ ଜେନା, ଅନନ୍ତ ଦଳାଇ, କେଦାର ସାହୁ, ବନିତା ଭୂୟାଁ, ଉପେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ ଉତ୍ସବରେ ୨୫ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ପରିଷଦ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି।

## ୫ଫୁଟର ଧଳା ନାଗ ଉଦ୍ଧାର

ଲଙ୍ଗଳେଶ୍ୱର , ୯/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବାଲିକୁଟୀ ପଞ୍ଚାୟତ ମହାବଳା ଗ୍ରାମର ଚନ୍ଦ୍ରକାନ୍ତ ଦଳାଇଙ୍କ ଘରୁ ଆଜି ଏକ ୫ଫୁଟର ଧଳା ନାଗ ଉଦ୍ଧାରକରା ଯାଇଛି। ଉକ୍ତ ସାପଟିକୁ କୁଲଡ଼ିହା ଜଙ୍ଗଲରେ ଛଡ଼ାଯିବ ବୋଲି ଲଙ୍ଗଳେଶ୍ୱର ବନ ପାଳଙ୍କ ଠାରୁ ସୂଚନା ମିଳିଛି ।ସୂଚନା ମୁତାବକ ଆଜକୁ ଚାରି ପାଞ୍ଚ ଦିନହେଲା ଏହି ଧଳା ନାଗଟି ଚନ୍ଦ୍ରକାନ୍ତଙ୍କ ଘର ବାହାରେ ବୁଲା ବୁଲୁ କରିଥିଲା। ଯାହା ଫଳରେ ପାରିବାର ଲୋକେ ପିଲାଛୁଆଙ୍କୁ ନେଇ ଘରେ ରହିବା ପାଇଁ ଭୟଭ କରୁଥଲେ। ଆଜି ଲଙ୍ଗଳେଶ୍ୱର ବନବିଭାଗ ଭାରାପାପ୍ତ ବନପାଳ ହୃଷୀକେଶ ପ୍ରଧାନ ଫରେଷ୍ଟର ସାଗରିକା ସିଂହ ଖବର ପାଇ ସାପ ଧରାଳି ସାପ ଧରାଳି ଦୁର୍ଯ୍ୟୟ କରଣ ଙ୍କ ସହିତ ଘଟଣା ସ୍ଥଳରେ ପହଞ୍ଚି ନଗ ସାପକୁ ଉଦ୍ଧାର କରିଛନ୍ତି। ଆସନ୍ତା କଲି କୁଲଡିହା ଜଙ୍ଗଲରେ ତକୁ ଛଡା ଯିବା।

## ବସ୍ତା ଗାନ୍ଧୀଛକଠାରେ ବାଘାଯତୀନ ସାଇକେଲ ଅଭିଯାତ୍ରୀ ଦଳକୁ ଭବ୍ୟ ସ୍ୱାଗତ



ବସ୍ତା , ୯/୯ (ନି.ପ୍ର): ଦୀର୍ଘ ୧୩ ଦିନ ପରିଭ୍ରମଣ କରି ରାମଜନ୍ମ ଭୂମି ପହଞ୍ଚିବା ପାଇଁ ବାଲିଆପାଳ ଠାରୁ ବାହାରିଥିବା ଏକ ସାଇକେଲ ଅଭିଯାତ୍ରୀ ଦଳକୁ ଆଜି ବସ୍ତା ଗାନ୍ଧୀଛକ ଠାରେ ଭବ୍ୟ ସ୍ୱାଗତ କରାଯାଇଛି। ଦଳମତ ନିର୍ବିଶେଷରେ ସମାଜର ବିଭିନ୍ନ ବର୍ଗରୁ ସମାଜସେବୀ ଶ୍ୟାମା ପ୍ରସାଦ ବେହେରା, ପ୍ରଦୀପ କୁମାର ପଣ୍ଡା, ସମାଜ ସେବୀ ସୁମନ୍ତ ଜେନା, ଧ୍ରୁବ ଚରଣ ନାୟକ ,ସରପଞ୍ଚ ରାଧାକୃଷ୍ଣ ବେହେରା, ରାଧାବଲ୍ଲଭ ମଣ୍ଡଳ, ବାସୁଦେବ ପଣ୍ଡା, ରଞ୍ଜନ କୁମାର ମହାନ୍ତି, ସୂର୍ଯ୍ୟ ନାରାୟଣ ସାହୁ, କୃଷ୍ଣଚନ୍ଦ୍ର ଦତ୍ତ, ଦିଲ୍ଲୀପ ପଣ୍ଡା, ରଜନୀକାନ୍ତ ମଣ୍ଡଳ, ଅଦ୍ୱୈତ ଜେନା, ଅଭିରାମ ମଲ୍ଲିକ, ଉମାକାନ୍ତ ବେଜ,ନୀହାର ବେହେରା, ମନୋଜ ସାମଲ, ଦିବାକର ରାଉତ, ବିନୟ କେତନ ଜେନା, ଦେବାନନ୍ଦ ଦାସ ପ୍ରମୁଖ ପୁଷ୍ପ ବୃଷ୍ଟି ସହ ଚନ୍ଦନ ତିଳକ ଲଗାଇବା ସହ ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ। ବାଘାଯତୀନ ସ୍ମୃତି ପରିଷଦ, ବାଲିଆପାଳ ଠାରୁ ଦୀର୍ଘ ଦଶ ବର୍ଷଧରି ସମାଜସେବୀ ଅରବିନ୍ଦ ବେହେରା ଙ୍କ ନେତୃତ୍ୱରେ ଏହି ସାଇକେଲ ଯାତ୍ରା ଭାରତ ଓ ଓଡ଼ିଶାର ବିଭିନ୍ନ ଐତିହାସିକ ଶହୀଦ ପୀଠ ଓ ସ୍ୱାଧୀନତା ସଂଗ୍ରାମୀ ଙ୍କ ଜନ୍ମ ସ୍ଥାନକୁ ଅନୁଷ୍ଠିତ ହୋଇଆସୁଛି। ଏହି କ୍ରମରେ ଏଥର ଭବ୍ୟ ରାମମନ୍ଦିର ରେ ରାମଲାଲା ଙ୍କ ଦର୍ଶନ ଓ ଆଖପାଖ ଐତିହାସିକ ସ୍ଥାନ ପରିଦର୍ଶନ ପାଇଁ ଦୀର୍ଘ ୧୩ଦିନ ଓଡ଼ିଶା, ଝାଡ଼ଖଣ୍ଡ ଓ ଉତ୍ତର ପ୍ରଦେଶର ଏକ ହଜାର କିଲୋମିଟର ବିଭିନ୍ନ ସ୍ଥାନ ପରିଭ୍ରମଣ କରି ଆସନ୍ତା ୨୧ ତାରିଖ ଦିନ ଅଯୋଧ୍ୟା ପହଞ୍ଚିବ। ଏହି ଯାତ୍ରା ସମୟରେ ଜୈବିକ କୃଷି, ପରିବେଶ ସୁରକ୍ଷା ଓ ଜନସଂଖ୍ୟା ନିୟନ୍ତ୍ରଣ ପ୍ରଭୃତି ସମାସ୍ୟା ସମାଧାନ ପାଇଁ ବାର୍ତ୍ତା ପ୍ରଚାର କରାଯିବ ବୋଲି ଆୟୋଜକ ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

## ଉଦଳାରେ ଗଡ଼ିଲା ସୁଭଦ୍ରା ରଥ



ଉଦଳା , ୯/୯ (ନି.ପ୍ର): ମହିଳା ଶଶକ୍ତିକରଣ ଉଦ୍ଦେଶ୍ୟରେ ସମଗ୍ର ରାଜ୍ୟରେ ସମର୍ପିତ ହେବାକୁ ଥିବା ସୁଭଦ୍ରା ଯୋଜନାର ପ୍ରଚାର ପ୍ରସାର ପାଇଁ ଚଳିତ ସେପଟ୍ମେର ୭ ତାରିଖ ଶନିବାର ଦିନ ଉଦଳା ଠାରୁ ଏକ ରଥ ପରିକ୍ରମା ଆରମ୍ଭ କରିଛି । ଏହି ରଥ ଉଦଳା ବ୍ଲକ, ଉଦଳା ଏନ୍ଏସି ଓ କପ୍ତିପଦା ବ୍ଲକ ଅଂଚଳ ମଧରେ ପରିକ୍ରମା କରିବ ବୋଲି ଜଣାଯାଇଛି । ତେବେ ଏହାର ଉଦ୍‌ଘାଟନ ଉତ୍ସବର ବ୍ୟାନର, ରଥ କିମ୍ବା କୌଣସି ସ୍ଥାନରେ 'ପଦ୍ମ' ଚିହ୍ନ ଦେଖିବାକୁ ମିଳିଲା ନାହିଁ । କିନ୍ତୁ କିଛିଦିନ ପୂର୍ବରୁ ବିଜୁ ଜନତା ଦଳର ଶାସନ ସମୟରେ ସମସ୍ତ କାର୍ଯ୍ୟକ୍ରମରେ 'ଶଙ୍ଖ' ଚିହ୍ନ ଦେଖିବାକୁ ମିଳୁଥିଲା । ଯଥା ଲକ୍ଷ୍ମୀ ବସରେ ଥିଲା 'ଶଙ୍ଖ' ଚିହ୍ନ, ବିଭିନ୍ନ ମହାବିଦ୍ୟାଳୟ ମାନଙ୍କରେ 'ନୂଆ – ଓ' କାର୍ଯ୍ୟକ୍ରମରେ ବହୁଳ ଭାବରେ ବ୍ୟବହୃତ ହେଉଥିଲା 'ଶଙ୍ଖ'ଚିହ୍ନ । ଏପରିକି ସେ ସମୟରେ ମୟୂରଭଂଜରେ କାର୍ଯ୍ୟରତ ଜଣେ ଜିଲ୍ଲାପାଳ ମଧ 'ଶଙ୍ଖ' ଚିହ୍ନ ବ୍ୟାନିଅନ ପିନ୍ଧି ଚର୍ଚ୍ଚାକୁ ଆସିଥିଲେ । ତେବେ ଆଜି ସୁଭଦ୍ରା ରଥକୁ ଦେଖି ସାଧାରଣ ଜନତାଙ୍କ ମଧରେ 'ଶଙ୍ଖ' ପରି 'ପଦ୍ମ' ହେବ ନାହିଁ ବୋଲି ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି । ଉଦ୍‌ଘାଟନ ଉତ୍ସବରେ ଉଦଳା ବିଡ଼ିଓ ତୃପତି ବରାଇ ଅଧକ୍ଷତା କରିଥିବା ବେଳେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଉଦଳା ଏନ୍ଏସି ଅଧକ୍ଷା ପ୍ରମିଳା ପଣ୍ଡା, ଉଦଳା ସିଡ଼ିପିଓ କୃଷ୍ଣ ମହାପାତ୍ର, ଏବିଡ଼ିଓ ଶରତ କୁମାର ମହାନ୍ତି ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ ।

## ପ୍ରତିଶ୍ରୁତି ପ୍ରତିଷ୍ଠାନ ତରଫରୁ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ



ବଡସାହି , ୯/୯ (ନି.ପ୍ର): ମୟୂରଭଞ୍ଜର ଅଗ୍ରଣୀ ସାରସତ ଅନୁଷ୍ଠାନ ' ପ୍ରତିଶ୍ରୁତି' ପ୍ରତିଷ୍ଠାନ ଆନୁକୂଲ୍ୟରେ ବିଶିଷ୍ଟ ଗୀତିକବି ସଂଗ୍ରାମ ମହାନ୍ତିଙ୍କ ଅନୁବାଦ ପୁସ୍ତକ " ବୈରାଗ୍ୟ ଶତକମ୍'ର ଶୁଭ ଲୋକାର୍ପଣ ଉତ୍ସବ ସ୍ଥାନୀୟ ଶ୍ରୀମା ମହିଳା ମହାବିଦ୍ୟାଳୟର ସଭାଗୃହରେ ପ୍ରତିଷ୍ଠାନର ସଭାପତି ଡାକ୍ତର ପାର୍ଥ ସାରଥୀ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅବସରପ୍ରାପ୍ତ ପ୍ରାଧାପକ ଡକ୍ଟର ଅବନୀ କୁମାର କୁଣ୍ଡୁ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଭାଗବତ ପଣ୍ଡା ମୁଖ୍ୟ ବକ୍ତା, ଅଧାପିକା ଉଷା ଶତପଥୀ, ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ପୁସ୍ତକର ଅନୁବାଦକ ସଂଗ୍ରାମ ମହାନ୍ତି ନିଜର ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରି ଈଶ୍ୱରଙ୍କ ଅପାର କରୁଣାରୁ ଏ ପ୍ରକାର ଅନୁବାଦ କରିବା ପାଇଁ ସେ ସକ୍ଷମ ହେଲେ ବୋଲି ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଶ୍ରୀ ପଣ୍ଡା ମହାକବି ଭର୍ତ୍ତୃହରିଙ୍କ ଶତକତ୍ରୟ ମଧ୍ୟରୁ ବୈରାଗ୍ୟ ଶତକମ୍ ?ର ବିଭିନ୍ନ ଶ୍ଳୋକ ଗୁଡିକୁ ଆଲୋଚନା କରି ଜୀବନରେ ବୈରାଗ୍ୟ ହିଁ ଏକମାତ୍ର ଅଭୟର କାରଣ ବୋଲି କହିବା ସହିତ ଆତ୍ମ ଜ୍ଞାନ ବିନା ବ୍ରହ୍ମାନନ୍ଦ ଲାଭ ସମ୍ଭବ ନୁହେଁ ବୋଲି ଦୀର୍ଘ ଅଭିବ୍ୟକ୍ତି ପ୍ରଦାନ ପୂର୍ବକ ସଂଗ୍ରାମ ବାବୁଙ୍କ ଅନୁବାଦରେ ପ୍ରୟୋଗ ହୋଇଥିବା ସରଳ, ସାବଲୀଳ ଶବ୍ଦ ପୁଞ୍ଜ ପାଠକ ମାନଙ୍କୁ ଆମୋଦିତ କରିବାରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଡକ୍ଟର କୁଣ୍ଡୁ ଅନୁବାଦକଙ୍କ ପୁସ୍ତକର ବିଭିନ୍ନ ଦିଗ ବିଷୟରେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଶ୍ରୀମତୀ ଶତପଥୀ ଝୁମା ଝୁମା ଗୋଲାପି ବେଳାରେ କବିତା ସମ୍ପର୍କରେ ମତ ରଖି ଅନୁବାଦ ପୁସ୍ତକରୁ ଦୁଇଟି ଶ୍ଳୋକର ଅର୍ଥ ଆବୃତ୍ତି କରିଥିଲେ । ସଭାପତି ଡାକ୍ତର ଜେନା ତାଙ୍କ ଅଭିଭାଷଣରେ ଜ୍ଞାନ, କର୍ମ ଓ ଭକ୍ତିର ବ୍ୟାଖ୍ୟା କରି ଉପରୋକ୍ତ ପୁସ୍ତକ ପଠନ ଦ୍ୱାରା ମଣିଷ ଜୀବନରେ ବୈରାଗ୍ୟ ହିଁ କେବଳ ମୁକ୍ତି ଲାଭର ଉପାୟ ବୋଲି ଉଲ୍ଲେଖ କରିଥିଲେ । କବି ଅଜିତ କୁମାର ପାଣିଗ୍ରାହୀ ମଞ୍ଚ ଆମନ୍ତ୍ରଣ, ଅତିଥୁ ପରିଚୟ ପ୍ରଦାନ କରିବା ସହ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହକୁ ଅର୍ଘ୍ୟରୂପା ମହାନ୍ତି, ଜ୍ୟୋସ୍ନାରାଣୀ ରାଉତ ଓ ରସରାଜ ଖୁଣ୍ଟିଆ ପ୍ରଭୃତି ପରିଚାଳନା କରିଥିଲେ । ଉକ୍ତ ସମାରୋହରେ ସହରର ବହୁ କବି, ଲେଖକ, ବୁଦ୍ଧିଜୀବି ଉପସ୍ଥିତ ଥିଲେ।

## ଗୋପୀନାଥପୁରଠାରୁ ନୀଳାଦ୍ର ପର୍ଯ୍ୟନ୍ତ ନିର୍ମାଣ ହେବ ନୂତନ ରାସ୍ତା

### ଶିଳାନ୍ୟାସ କଲେ ସାଂସଦ ପ୍ରତାପ ଷଡଙ୍ଗୀ ଓ ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୯/୯ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ନିର୍ବାଚନ ସମୟରେ ସଦର ବିଧାୟକ ମାନସ କୁମାର ଦତ୍ତ ଦେଇଥିବା ପ୍ରତିଶୃତି ପୂରଣ ପାଇଁ ଅଭିଯାନକୁ ତ୍ୱରାନ୍ୱିତ କରିଛନ୍ତି । ଏହି କ୍ରମରେ ଗୋପୀନାଥପୁର ଠାରୁ ନୀଳାଦ୍ର ପର୍ଯ୍ୟନ୍ତ୍ ରାସ୍ତାର ପୁନଃ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି । ଏ ନେଇ ଗୋପୀନାଥପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ସଦର ବିଧାୟକ ଶ୍ରୀ ଦତ୍ତଯୋଗଦେଇ ରାସ୍ତା ପ୍ରକଳ୍ପର ଶିଳାନ୍ୟାସ କରିବା ସହ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ ପାଇଁ ଅଧିକାରୀ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟର ନୂତନ ଭାବେ ଦାୟିତ୍ୱ ନେଇଥିବା ଲୋକଙ୍କ ସରକାର ଜନସାଧାରଣଙ୍କ ପ୍ରତ୍ୟେକ ସମସ୍ୟା ସମାଧାନ ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି । ବିଗତ ୨୪ବର୍ଷ ମଧ୍ୟରେ ଗ୍ରାମାଂଚଳର ରାସ୍ତାଗୁଡିକ ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବା ବେଳେ ଗମନାଗମନ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ଶ୍ରୀ ଷଡଙ୍ଗୀ କହିଥିଲେ । ରକ୍ଷଣା ବେକ୍ଷଣ ଅଭାବରୁ ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବା ଗୋପୀନାଥପୁର ଠାରୁ ନୀଳାଦ୍ର ପର୍ଯ୍ୟନ୍ତ ୫କିଲୋମିଟର ଲମ୍ବ ରାସ୍ତାର ପୁନଃ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦାୟିତ୍ୱ ନିଆଯାଇଥିବା ବିଧାୟକ ଶ୍ରୀ ଦତ୍ତ ସୂଚନା ଦେଇଥିଲେ । ଏଥିପାଇଁ ୪୪୫.୧୬ ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ ହୋଇଥିବା ବେଳେ ଧାର୍ଯ୍ୟ ସମୟ ସୀମା ପୂର୍ବରୁ ନିର୍ମାଣ କାର୍ଯ୍ୟ ଶେଷ ହେବ । ସମ୍ପୂର୍ଣ୍ଣ ରାସ୍ତା କଂକ୍ରିଟ ବ୍ୟବହାରରେ ନିର୍ମାଣ କରାଯିବ । ତେବେ ଲଗାଣ ବର୍ଷା ଜାରି ରହିଥିଲେ ବି ନିର୍ମାଣ କାର୍ଯ୍ୟ ଅଟକିବ ନାହିଁ ବୋଲି ଶ୍ରୀ ଦତ୍ତ କହିଥିଲେ । ଆଗାମୀ ଦିନରେ ଏହି ରାସ୍ତକୁ ଏଣ୍ଡରାଇ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ ବୋଲି ସେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ତପନ କୁମାର ବେହେରା କନିଷ୍ଠ ଯନ୍ତ୍ରୀ ଉପେନ୍ଦ୍ର ବେହେରା ବିଜେପିର ବରିଷ୍ଠ ନେତା ରବି ନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ସୀତାକାନ୍ତ ସ୍ୱାଇଁ,ପର୍ଶୁରାମ ବେହେରା,ଅନନ୍ତ ନାୟକ, କାର୍ତ୍ତିକ ରାଉତ, ବୃନ୍ଦାବନ ରାଉତ, ମାମନୀ ଜେନା, ଯୋଗେନ୍ଦ୍ର ପରିଡା, ମଣ୍ଟୁ ବସନ୍ତିଆ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଛୁରିରେ ଆକ୍ରମଣ ମାମଲା: ଜଣେ ଗିରଫ

ଜୟପୁର , ୯/୯ (ନି.ପ୍ର): ସଂଘ ବଦ୍ଧ ଭାବେ ଛୁରୀରେ ଆକ୍ରମଣ ମାମଲାରେ ଜଣେ ଅଭିଯୁକ୍ତକୁ ଆଜି ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଗୋପବନ୍ଧୁ ନଗରର ଅମିର ବାଘ ଏଲିୟସ ଖଇରୁ (୨୪) । ପୋଲିସ ସୂଚନା ଅନୁଯାଇ ଜୟପୁର ପ୍ରସାଦରା ଓ ପେଟାରେ ପିଲୁ ଭଦ୍ରା ନାମକ ଯୁବକକୁ ଗତ ୧୧.୬.୨୪ ତାରିଖରେ ସଂଘ ବଦ୍ଧ ଆକ୍ରମଣ ହୋଇଥିଲା । ଗୋପବନ୍ଧୁ ନଗର ୬ ଜଣ ଯୁବକ ମିଶି ଛୁରିରେ ସଂଘ ବଦ୍ଧ ଆକ୍ରମଣ କରିଥିଲେ । ଏନେଇ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା ।

## ସରକାରୀ ଓ ଘରୋଇ ବସ୍ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତି ତର୍କ

ଲଙ୍ଗଳେଶ୍ୱର , ୯/୯ (ନି.ପ୍ର): ରାଜ୍ୟସରକାର ଜନସାଧାରଣଙ୍କୁ ପରିବହନର ସୁବିଧା ପାଇଁ ଗ୍ରାମାଞ୍ଚଳରେ ବସ୍ ସେବା ଯୋଗାଇ ଦେଇଛନ୍ତି। ତେବେ ପରିବହନ ବିଭାଗ ମଧ୍ୟ ଘରୋଇ ବସ୍ କୁ ଗ୍ରାମାଞ୍ଚଳ ମଧ୍ୟରେ ଥିବା ରୋଡ଼ ରେ ଚଳାଚଳ ପାଇଁ ପରମିଟ୍ ଦେଇଛନ୍ତି। କିନ୍ତୁ ଗ୍ରାମ ମଧ୍ୟଦେଇ ଜାଇଥିବା ରାସ୍ତା ଅଣ ଓସାରିଆ ହୋଇଥିବା ବେଳେ ଏକକାଳୀନ ଦୁଇଟି ବସ୍ ବିପରିତ ଦିଗକୁ ଯିବାରେ ଅସୁବିଧା ସମ୍ମୁଖିନ ହେଉଥିବା ଦେଖିବାକୁ ମିଳୁଛି ।ଫଳରେ ସରକାରୀ ଓ ଘରୋଇ ବସ୍ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତି ତର୍କ ଦେଖିବାକୁ ମିଳିଥିବା ବେଳେ ସାଧାରଣ ପଥଚାରୀ ଙ୍କୁ ନାକେଦମ୍ ହେବାକୁ ପଡୁଛି। ଏପରି ଏକ ଅଭାବନୀୟ ଘଟଣା ବାଲିଆପାଳ ବ୍ଲକ ବାଲିକୁଟୀ ପଞ୍ଚାୟତର ମାନ୍ଧାତା ବନ୍ଧ ରାସ୍ତାରେ ଦେଖିବାକୁ ମିଳିଛି। ତେବେ ସୁଚାରୁ ପ୍ରକାଶ ମା ଅନ୍ନପୂର୍ଣ୍ଣା ନାମକ ଘରୋଇ ବସ୍ ସାର୍ଥା ଠାରୁ ଦିଘା ଭାୟା -ବାଲିଆପାଳ ହୋଇ ଦୈନିକ ଯାତ୍ରୀ ପରିବହନ କରୁଥିବା ବେଳେ,ସେହି ରୋଟ୍ ରେ ସରକାରୀ ବସ୍ ମଧ୍ୟ ଯାତ୍ରୀ ପରିବହନ ବ୍ଲକ୍ ମୁଖ୍ୟାଳୟ କୁ କରିଥାଏ। ତେବେ ମାନ୍ଧାତା ବନ୍ଧ ରାସ୍ତା ଅଣ ଓସାରିଆ ଥିବାସହ ଏକକାଳୀନ ଦୁଇଟି ବସ୍ ବିପରିତ ଦିଗକୁ ଯିବାରେ ସମ୍ଭାବନା ନଥାଏ। ତେବେ ସରକାରୀ ବସ୍ ରାସ୍ତାରେ ସେହି ରୋଡ଼ ରେ ପଶିଥିବା ବେଳେ ଘରୋଇ ବସ୍ ମଧ୍ୟ ସେହି ରାସ୍ତାଦେଇ ଯାଇଥିଲା ।ଫଳରେ ମଝି ରାସ୍ତାରେ ଦୁଇଟି ବସ୍ ପରସ୍ପର କୁ ଭେଟିଥିବା ବେଳେ, ଉଭୟ ବସ୍ ର ଡ୍ରାଇଭର ଓ କଣ୍ଡକ୍ଟର ମଧ୍ୟରେ ଯୁକ୍ତି ତର୍କ ଲାଗିଥିଲା ।ଫଳରେ ଦିର୍ଘ ସମୟ ଧରି ବସ୍ ଦୁଇଟି ରାସ୍ତା ମଝିରେ ଅଟକି ରହିଥିଲା ବେଳେ ସାଧାରଣ ପଥଚାରୀ ଯିବାରେ ନାହଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ସେହି ରାସ୍ତାରେ ଏହା ନିତିଦିନିଆ ଘଟଣା ହୋଇଥିବା ବେଳେ ସ୍ଥାନୀୟ ପ୍ରଶାସନ ରାସ୍ତାର ଡବଲ୍ ଲାଇନ୍ ପାଇଁ ଦାବି କରିଛନ୍ତି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo